ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର
ଦିନଲିପି
THE DINALIPI

• Vol.- 46, Issue No. 156
• Saturday, 05 September 2026
• ଶନିବାର, ୦୫ ସେପ୍ଟେମ୍ବର ୨୦୨୬
• Bhubaneswar
• Price: Rs. 3.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com



ପ୍ରଣମ୍ୟ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

## ଭୀଷଣ ବର୍ଷା ସମ୍ଭାବନା: ୯ରୁ ୧୧ ପର୍ଯ୍ୟନ୍ତ !

ଭୁବନେଶ୍ୱର,୪।୯: ଆସନ୍ତା ୯ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲା ଗୁଡିକ ପାଇଁ କୌଣସି ଚେତାବନୀ ନାହିଁ । ପରବର୍ତ୍ତୀ ୨ ଦିନ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି ।ଭୀଷଣ ବର୍ଷା ନେଇ ୯ ତାରିଖ ସକାଳ ଠାରୁ ୧୦ ତାରିଖ ସକାଳ ପର୍ଯ୍ୟନ୍ତ ୨ ଜିଲ୍ଲା(କେନ୍ଦୁଝର, ମୟୂରଭଞ୍ଜ)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୧୦ ତାରିଖ ସକାଳ ଠାରୁ ୧୧ ତାରିଖ ସକାଳ ପର୍ଯ୍ୟନ୍ତ ୩ ଜିଲ୍ଲା (ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏସବୁ ଜିଲ୍ଲାରେ ୭ରୁ ୧୧ ସେ.ମି. ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି।


### ସିଏମ୍ କିଷାନର ପଞ୍ଚମ କିସ୍ତି : ଜନ୍ମାଷ୍ଟମୀରେ ମୁଖ୍ୟମନ୍ତ୍ରୀଙ୍କ ଭେଟି

# ସହାୟତା ନୁହେଁ, ପରିଶ୍ରମକୁ ଉଚିତ ସମ୍ମାନ

ଭୁବନେଶ୍ୱର,୪।୯(ନିପ୍ର): ପବିତ୍ର ଜନ୍ମାଷ୍ଟମୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ଥାନୀୟ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ଭେଟି ଦେଇଛନ୍ତି। ଏ ବାବଦକୁ ରାଜ୍ୟର ୪୧ ଲକ୍ଷ

■ ୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା
■ ବିହନ, ସାର ଓ କୀଟନାଶକ କିଣିବାରେ ହେବ ସହାୟକ
■ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମ୍‌ରେ ଦୁଇଗୁଣ କରିବା ଆମ ଲକ୍ଷ୍ୟ

୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟଯେ, ୨୦୨୬-୨୭ ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସି.ଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ନିକଟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ହୋଇଥିବା ପ୍ରବଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ୧୦୦୦ କୋଟି ଟଙ୍କାର ବିଶେଷ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି। ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଦୁଇଗୁଣ କରିବ ଚାଷୀଙ୍କ ଆୟ ବୋଲି ପ୍ରକାଶ କରି ଆମ ରାଜ୍ୟର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମ୍‌ରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି । 'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି ଏବଂ ବିକ୍ରିର ୪୮ ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି। ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' କାର୍ଯ୍ୟକାରୀ ହେଉଛି। ଏହା ସହିତ ପ୍ରାଣୀପାଳନ, ମାଛଚାଷ, 'ଶ୍ରୀ ଅନ୍ନ ଅଭିଯାନ' (ମାଣ୍ଡିଆ ଚାଷ) ଏବଂ ଜାତୀୟ ଡାଲି ମିଶନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ଏବଂ ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି ବୋଲି ସେ




ପ୍ରକାଶ କରିଥଲେ । ପୂର୍ବ ସରକାରଙ୍କ ଶାସନ କାଳକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ଅଢ଼େଇ ଦଶନ୍ଧି ଧରି ରାଜ୍ୟରେ କୃଷକଙ୍କ ମାସିକ ଆୟ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୨୦୨୨ ମସିହାରେ ଓଡ଼ିଶାର କୃଷି ପରିବାରର ମାସିକ ଆୟ ମାତ୍ର ୫,୧୧୨ ଟଙ୍କା ଥିଲା, ଯାହା ସାରା ଦେଶରେ ଦ୍ୱିତୀୟ ସର୍ବନିମ୍ନ ଥିଲା। କେବଳ ଝାଡ଼ଖଣ୍ଡ ଓଡ଼ିଶା ଠାରୁ ତଳେ ଥିଲା।

## ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍

ପୁରୀ,୪।୯: ପୁଣି ଶ୍ରୀମନ୍ଦିର ଉପରେ ଶୁକ୍ରବାର ଉଡିଛି ଡ୍ରୋନ୍ । ନୋ ଫ୍ଲାଇଙ୍ଗ ଜୋନ୍ ଭିତରେ ରାତିରେ ଡ୍ରୋନ୍ ଉଡୁଥିବାର ଭିଡ଼ିଓ ସାମ୍ନାକୁ ଆସିଛି । ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ନୀଳଚକ୍ର ପର୍ଯ୍ୟନ୍ତ ଏହି ଡ୍ରୋନ୍ ଉଡୁଥିବାର ଦୃଶ୍ୟ ଭିଡ଼ିଓରେ କଏଦ୍ ହୋଇଛି । ଯାହାକୁ ନେଇ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ଥରେ ଉଠିଛି ପ୍ରଶ୍ନ । ତେବେ ପୋଲିସ ପ୍ରଶାସନର କଡ଼ା କଟକଣା ଓ ବାରମ୍ବାର ତାଗିଦା ସତ୍ତ୍ୱେ କିଏ ଏବଂ କେଉଁଠୁ ଉଡାଇଥିଲା ଏହି ଡ୍ରୋନ୍ ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି ।

## ଶିକ୍ଷାର୍ଥୀ ଦୁର୍ଘଟଣାଜନିତ ମୃତ୍ୟୁ: ପରିବାରକୁ ମିଳିବ ୨ ଲକ୍ଷ ଟଙ୍କା

ଭୁବନେଶ୍ୱର,୪।୯: ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା କିମ୍ବା ସ୍ଥାୟୀ ଅକ୍ଷମତା ଅନୁଭବ କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟ ସରକାର ୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣା କରିଛନ୍ତି। ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିରେ ସ୍କୁଲ ପିଲା ଏବଂ ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ନୂତନ ନିର୍ଦ୍ଦେଶାବଳୀରେ କୁହାଯାଇଛି। ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଜାରି କରିଥିବା ନିର୍ଦ୍ଦେଶାବଳୀ ମୁତାବକ ସରକାରୀ ଏବଂ ସରକାରୀ ସାହାଯ୍ୟପ୍ରାପ୍ତ ସ୍କୁଲ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମଡେଲ ଆଦର୍ଶ ବିଦ୍ୟାଳୟରେ ପଞ୍ଜୀକୃତ ଶିଶୁ ବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ଦୁର୍ଘଟଣା ଜନିତ ମୃତ୍ୟୁ କ୍ଷେତ୍ରରେ ଜଣେ ଯୋଗ୍ୟ ଛାତ୍ରଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ମିଳିବ।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା

## ସିବିଆଇ ତଦନ୍ତ ଦାବି କଲେ ପୁଅ

ଫୁଲବାଣୀ/ଭୁବନେଶ୍ୱର,୪।୯: ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ତମ ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ତାଙ୍କର ଏକମାତ୍ର ସୁପୁତ୍ର ଲୋକନାଥ ନାଥ ଜଲେଶପଟା ଆଶ୍ରମରେ ଶୁକ୍ରବାର ପହଞ୍ଚିଥିଲେ । ସେ କହିଛନ୍ତି, "ବାପାଙ୍କ ହତ୍ୟାକାଣ୍ଡ ଘଟଣାକୁ ଇତିମଧ୍ୟରେ ୧୮ ବର୍ଷ ବିତିଗଲାଣି। କିନ୍ତୁ ଆଜିଯାଏ ହତ୍ୟାକାରୀଙ୍କୁ ସରକାର ଗିରଫ କରି ନାହାନ୍ତି। ଏହା ମଧ୍ୟରେ କମିଶନଙ୍କ ତଦନ୍ତ ରିପୋର୍ଟ ହଜିଯାଉଛି। ଏହି ଘଟଣାରେ ସିବିଆଇ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଗିରଫ କରି ଦଣ୍ଡ ଦେଲେ ମୁଁ ଭାରି ଖୁସି ହେବି।" ଏହାପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ତଦନ୍ତ ଫାଇଲ ଗାଏବ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରି ରାଜ୍ୟର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଜାଣିଶୁଣି କମିସନ୍ ରିପୋର୍ଟକୁ ବିଗତ ସରକାର ହଜେଇ ଦେଇଛନ୍ତି।

# ନେପାଳ ଜଳପ୍ରଳୟ: ୯ ଦିନ ପରେ ବି ମାଟି ତଳେ ଜୀବନ

କାଠମାଣ୍ଡୁ,୪।୯: ପଥର ପରି ମାଡ଼ି ଆସୁଥିବା ବିପଦ ପତର ପରି ଟଳିଯାଏ । ସେମିତି ବିଭୁକୃପା ପଡ଼ିଛି ନେପାଳର ୪୫ ବର୍ଷୀୟ କବୀର ମହାରାଜନ ଓ ୩୦ ବର୍ଷୀୟ ସଂଜୟ ଶାହାଙ୍କ ଉପରେ। ନେପାଳ ଜଳ ପ୍ରଳୟର ୯ ଦିନ ପରେ ଗଭୀର ଟନେଲ ଭିତରୁ ଜୀବନ୍ତ ଉଦ୍ଧାର ହୋଇଛନ୍ତି ଏହି ଦୁଇଜଣ। ଏଡେବଡ ବିପର୍ଯ୍ୟୟକୁ ସାମ୍ନା କରି, ଅଖିଆ ଅପିଆ ରହି ବି ଦୁହେଁ ସୁସ୍ଥ ଅଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଗତ ଅଗଷ୍ଟ ୨୬ ତାରିଖରେ ନେପାଳର ତ୍ରିଶୁଳୀ ଓ ଭୋଟକୋଶୀ ନଦୀରେ ଭୟଙ୍କର ଭାବରେ ବନ୍ୟା ପାଣି ମାଡ଼ି ଆସିଥିଲା । କିଛି ମୁହୂର୍ତ୍ତ ଭିତରେ ହଜାର ହଜାର ଲୋକ ପାଣି ଭାସିଯାଇଥିଲେ । ଦିନ ଯେତେଯେତେ ବଢି ବଢି ଚାଲିଥିଲା, ନିଖୋଜମାନଙ୍କ ଜୀବିତ ରହିବା ଆଶା ମଧ୍ୟ କମି କମି ଆସୁଥିଲା । ତେବେ ଶୁକ୍ରବାର ଘଟିଥିଲା ଅଲୌକିକ ତଥା ଅଦଭୂତ ଘଟଣା । ଟନେଲ ମଧ୍ୟରେ ମାଟି କାଦୁଅ ଭିତରୁ ଶ୍ରବଣଗ୍ରାହୀ ଯନ୍ତ୍ର ଯୋଗେ ଜୀବନ ଖୋଜୁଥିବା ନେପାଳ ସେନାର ଯବାନମାନଙ୍କ କାନରେ ଶୁଭିଥିଲା କିଛି କ୍ଷୀଣ ଶବ୍ଦ ତାହା 'ହୁ ଁଆ' , ଏହାର ଅର୍ଥ ' ଆମେ ଅଛୁ'। ସେଇ ଶବ୍ଦର ପିଛା କରି ସେମାନେ ପହଞ୍ଚିଥିଲେ ଠିକଣା ସ୍ଥାନରେ । ସେଠି ପହଞ୍ଚି ଯେଉଁ ଦୃଶ୍ୟ ସେମାନେ ଦେଖିଲେ, ନିଜ ଆଖିକୁ ବି ବିଶ୍ୱାସ କରିପାରିଲେ ନାହିଁ । ଟନେଲ ଭିତରେ ତଥାପି ଜୀବନ ଧରି ପଡି ରହିଥିଲେ ୪୫ ବର୍ଷୀୟ କବୀର ଓ ୩୦ ବର୍ଷୀୟ ସଂଜୟ । କବୀର ଏହି ହାଇଡ୍ରୋ ପାୱାର ପ୍ରୋଜେକ୍ଟରେ ସୁପରଭାଇଜର ଭାବେ କାମ କରୁଥିବା ବେଳେ ସଂଜୟ ହେଉଛନ୍ତି ଫୋରମ୍ୟାନ୍ । ଘଟଣା ଦିନ ଉଭୟ ଟନେଲ ଭିତରେ କାମ କରୁଥିବା ବେଳେ ପାଣି ପଶି ଆସିଥିଲା ଆଉ ସେବେଠୁ ସେମାନେ ହୋଇଯାଇଥିଲେ ନିଖୋଜ । ଉଭୟଙ୍କୁ ପ୍ରାୟ ୧୭୦





★ ଜୀବନ୍ତ ଉଦ୍ଧାର ହେଲେ ୨ ଶ୍ରମିକ ★ ଶୁଭିଲା 'ହୁ ଁଆ', ଏହାର ଅର୍ଥ 'ଆମେ ଅଛୁ'
★ ସଂକଟ କାଳରେ 'ମହାମନ୍ତ୍ର' ଜପ କରୁଥିଲେ ସଂଜୟ
★ ଟନେଲ ମଧ୍ୟରେ ଥିଲା କିଛି ଅମ୍ଳଜାନ, ଯାହା ବଞ୍ଚାଇଥିଲା: ବିଶେଷଜ୍ଞ

ମିଟର ଗଭୀର ଟନେଲ ମଧ୍ୟରୁ ଉଦ୍ଧାର କରାଯାଇ କାଠମାଣ୍ଡୁର ଛାଉନି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଜଳ ପ୍ରଳୟ ସମୟରେ ଟନେଲ ମଧ୍ୟରେ କିଛି କିଛି ଅମ୍ଳଜାନ ରହିଯାଇଥିବାରୁ ଏ ଦୁହେଁ ବଞ୍ଚି ଯାଇଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି । ଦୁହିଁଙ୍କୁ ସଫଳତାର ସହ ଉଦ୍ଧାର କରିବା ପରେ ନେପାଳ ଆର୍ମୀ ଯବାନମାନେ ଉତ୍ସାହିତ ହୋଇଯାଇଛନ୍ତି । ଟନେଲ ଭିତରେ ଆଉ କିଛି ଲୋକ ବଞ୍ଚିଥିବା ଆଶାରେ ସେମାନେ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିଛନ୍ତି। ସୁଡ଼ଙ୍ଗ ଭିତରେ ଫସି ରହିଥିବା ସମୟରେ, ନିରନ୍ତର 'ହରେ କୃଷ୍ଣ' ମହାମନ୍ତ୍ର ଜପ କରୁଥିଲେ ସଂଜୟ । ଉଦ୍ଧାର ପରେ, ସଞ୍ଜୟ ସୁଡ଼ଙ୍ଗ ଭିତରର ପରିସ୍ଥିତି ବିଷୟରେ ଉଦ୍ଧାରକାରୀ ଦଳକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ସେ କହିଥିଲେ ଯେ ଦୁର୍ଘଟଣା ସମୟରେ ସୁଡ଼ଙ୍ଗରେ ପ୍ରାୟ ୪୦ ରୁ ୪୫ ଜଣ ଲୋକ ଉପସ୍ଥିତ ଥିଲେ। ଅପରେଟର ସାଧାରଣ ସମୟରେ ତ୍ରିଶୂଳୀ-୩ଏ ପ୍ରକଳ୍ପର ନିୟନ୍ତ୍ରଣ କକ୍ଷରେ କାମ କରନ୍ତି ଏବଂ ଅନ୍ୟ ସମୟରେ ପ୍ରାୟ ଚାରିରୁ ପାଞ୍ଚ ଜଣ ଲୋକ ସେଠାରେ ରୁହନ୍ତି। ତଥାପି, ଦୁର୍ଘଟଣା ସମୟରେ, ପ୍ରାୟ ୪୦ରୁ ୪୫ ଜଣ ଲୋକ ସେଠାରେ ଏକାଠି ହୋଇଥିଲେ। କଣ୍ଟ୍ରୋଲ ରୁମର ଦାୟିତ୍ୱ ସଞ୍ଜୟ ନିକଟରେ ଥିଲେ।ସେ ବୁଝାଇଥିଲେ ଯେ ଏତେ ବଡ଼ ଘଟଣା ପରେ ତାଙ୍କ ପାଇଁ ଏକା ବାହାରକୁ ବାହାରିବା ଅସମ୍ଭବ। ସେ ସେଠାରେ ଉପସ୍ଥିତ ଲୋକମାନଙ୍କୁ ନିରାପଦ ସ୍ଥାନକୁ ଯିବାକୁ କହିଥିଲେ ଏବଂ ଲୋକମାନଙ୍କୁ ଉଦ୍ଧାର କରିବା ପାଇଁ ବହୁତ ସମୟ ବିତାଇଥିଲେ।'ସୁଡ଼ଙ୍ଗଟି ଲମ୍ବା; କିଛି ଲୋକ ଏବେ ବି ଫସି ରହିପାରନ୍ତି।'ଉଦ୍ଧାର ସମୟର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ସାମ୍ନାକୁ ଆସିଛି । ଉଦ୍ଧାରକାରୀମାନେ ଏକ ଛୋଟ ଗାତରୁ ଜଣକୁ ଟାଣି ବାହାର କରିବା ମାତ୍ରେ ସମସ୍ତେ କରତାଳି ମାରିଥିଲେ।

### ଦୀକ୍ଷାନ୍ତ ସମାରୋହ: ୩୩୬ ନବନିଯୁକ୍ତ ଏସ୍ଆଇ ସେବାରେ ସାମିଲ

# ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରୁହନ୍ତୁ

**ସର୍ବୋଚ୍ଚ ଶୃଙ୍ଖଳା , ନିର୍ଦ୍ଦୋଷଙ୍କୁ ସୁରକ୍ଷା ଓ ଅପରାଧୀଙ୍କୁ ଦଣ୍ଡ**

**'ସେବା ଓ ସୁରକ୍ଷା' ମନ୍ତ୍ରରେ କରନ୍ତୁ କାର୍ଯ୍ୟ: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୪।୯(ନି.ପ୍ର): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୁଇ ବର୍ଷର କଠୋର ଇନଡୋର ଓ




ଆଉଟଡୋର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ୩୩୬ ଜଣ ନବନିଯୁକ୍ତ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୋଲିସ ପୋଷାକ କେବଳ ଏକ ୟୁନିଫର୍ମ ନୁହେଁ, ଏହା ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ସମାଜ ସେବାର ଗୁରୁଦାୟିତ୍ୱ ବହନ କରେ। ବର୍ଦ୍ଦି ଦେଉଥିବା କ୍ଷମତାର ସଦୁପଯୋଗ କରି ପ୍ରତ୍ୟେକ ଅଧିକାରୀ ସମାଜର ଦୁର୍ବଳ ଶ୍ରେଣୀକୁ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ । ଏହା ସହିତ ୨୦୨୯ ସୁଦ୍ଧା ଓଡ଼ିଶାକୁ 'ନିଶାମୁକ୍ତ ରାଜ୍ୟ'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ ଦୋହରାଇଛନ୍ତି। ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ସ୍ମାର୍ଟ ପୋଲିସିଂ ନୀତି ଆପଣାଇବାକୁ ଆହ୍ୱାନ ଦେବା ସହ ନବନିଯୁକ୍ତ ଅଧିକାରୀମାନଙ୍କୁ ତିନୋଟି ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି। ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତିକୁ ଆଧାର କରି ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିବା, ୟୁନିଫର୍ମ ସର୍ଭିସରେ ସର୍ବୋଚ୍ଚ ଶୃଙ୍ଖଳା ବଜାୟ ରଖିବା ଏବଂ କ୍ଷମତାର ଅପବ୍ୟବହାର ନ କରି ନିର୍ଦ୍ଦୋଷଙ୍କୁ ସୁରକ୍ଷା ଓ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି। 'ସେବା ଓ ସୁରକ୍ଷା' ମନ୍ତ୍ରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର କହିଛନ୍ତି ଯେ, ପୋଲିସ ଅଧିକାରୀମାନେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରିବା ଉଚିତ।

### ମହାକାଶ ଗବେଷଣା କ୍ଷେତ୍ରରେ ଏକ ବଡ଼ ଲମ୍ଫ

## ଇଓଏସ୍-୦୫ର ସଫଳ ଉତ୍କ୍ଷେପଣ

• କୃଷି ଓ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରରେ ହେବ ସହାୟକ
• ପୃଥିବୀର ଏକ ବୃହତ୍ ଅଞ୍ଚଳ ଉପରେ ରଖିବ ନଜର

ଶ୍ରୀହରିକୋଟା (ଆନ୍ଧ୍ରପ୍ରଦେଶ), ୪।୯: ଭାରତ ଆଜି ମହାକାଶ କ୍ଷେତ୍ରରେ ଆଉ ଏକ ବଡ଼ ସଫଳତା ହାସଲ କରିଛି। ଆଜି ସକାଳ ହେବା ପୂର୍ବରୁ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଶ୍ରୀହରିକୋଟାରୁ ଜି.ଏସ୍.ଏଲ୍.ଭି.-ଏଫ୍.୧୭ ରକେଟ୍ ଜରିଆରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ଇ. ଓ. ଏସ୍.-୦୫କୁ ସଫଳତାର ସହ ଉତ୍କ୍ଷେପଣ କରିଥିଲା। ଇସ୍ରୋର କହିବା ଅନୁଯାୟୀ, ଉତକ୍ଷେପଣର ପ୍ରାୟ ୧୮ ମିନିଟ୍ ପରେ ଭାରତର ପ୍ରଥମ ଇମେଜିଂ ଉପଗ୍ରହକୁ ସଫଳତାର ସହ ଜିଓସିଙ୍କ୍ରୋନସ୍ କକ୍ଷପଥରେ ସ୍ଥାପନ କରାଯାଇଥିଲା। ଇ. ଓ. ଏସ୍.-୦୫ ବାସ୍ତବ ସମୟରେ ଚିତ୍ର ପ୍ରଦାନ କରିବ। ଏହା କୃଷି ଏବଂ ବିପର୍ଯ୍ୟୟ ପରିଚାଳନା ଭଳି କ୍ଷେତ୍ରରେ ସହାୟକ ହେବ। ସୂଚନାଯୋଗ୍ୟ ଯେ ଇ. ଓ. ଏସ୍-୦୫ ହେଉଛି ଏକ ଅତ୍ୟାଧୁନିକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ। ଏହାର ମୁଖ୍ୟ କାର୍ଯ୍ୟ ହେଉଛି ମହାକାଶରୁ



ପୃଥିବୀର ଚିତ୍ର ଉତ୍ତୋଳନ କରିବା। ଏହାର ଓଜନ ପାଖାପାଖି ୨୩୬୭ କିଲୋଗ୍ରାମ। ଇ. ଓ. ଏସ୍.-୦୫ ଭୂ-ସମକାଳୀନ କକ୍ଷପଥରୁ ପୃଥିବୀର ଚିତ୍ର ଉତ୍ତୋଳନ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ଏହା ସହିତ ଭାରତ ଏବଂ ଅନ୍ୟ ଦେଶର ବ୍ୟବହାରକାରୀଙ୍କ ୧୮ଟି ସହଯାତ୍ରୀ ଉପଗ୍ରହ ମଧ୍ୟ ପଠାଯାଇଛି।

# -ଗୁରୁଦିବସ-

ଆମ ସଂସ୍କୃତିରେ ଗୁରୁଙ୍କୁ ଭଗବାନଙ୍କ ସହ ତୁଳନା କରାଯାଇଛି । କୁହାଯାଇଛି-'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ଦେବ ମହେଶ୍ୱର,ଗୁରୁ ସାକ୍ଷାତ ପରଂବ୍ରହ୍ମ, ତସ୍ମୈ ଶ୍ରୀ ଗୁରବେ ନମଃ ।'ପିତାମାତା ଆମକୁ ଜନ୍ମ ଦିଅନ୍ତି ସତ, ହେଲେ ଗୁରୁ ଆମକୁ ସମାଜରେ ବଞ୍ଚିବାର ରାହା ଦେଖାନ୍ତି । ସେ ଆମ ଭିତରେ ଥିବା ଅଜ୍ଞାନତା ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରନ୍ତି । ଜଣେ ଆଦର୍ଶ ମଣିଷ ଗଢିବାରେ ଏବଂ ଦେଶର ବିକାଶରେ ଗୁରୁଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ।






ଗୁରୁଦିବସ ବା ଶିକ୍ଷକ ଦିବସ ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଏକ ବିଶେଷ ଦିବସ । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବା ସମ୍ପ୍ରଦାୟରେ ସେମାନଙ୍କର ବିଶେଷ ଅବଦାନ ନିମନ୍ତେ ସମ୍ମାନ ଦେବା ପାଇଁ ଏହି ଉତ୍ସବ ଆୟୋଜନ କରାଯାଇଥାଏ । ଉନବିଂଶ ଶତାବ୍ଦୀରେ ଅନେକ ଦେଶରେ ଶିକ୍ଷକ ଦିବସ ପାଳନ କରିବାର ଧାରଣା ଆରମ୍ଭ ହୋଇଥିଲା । ଅଧିକାଂଶ କ୍ଷେତ୍ରରେ ଜଣେ ସ୍ଥାନୀୟ ଶିକ୍ଷାବିତ୍ କିମ୍ବା ଶିକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଥିବା ବ୍ୟକ୍ତିଙ୍କ ଅବଦାନକୁ ପାଳନ କରାଯାଇଥାଏ । ଏହି ପ୍ରାଥମିକ କାରଣରୁ ବିଭିନ୍ନ ଦେଶ ଏହି ଦିନକୁ ବିଭିନ୍ନ ତାରିଖରେ ପାଳନ କରିଥାନ୍ତି । ଉଦାହରଣ ସ୍ୱରୂପ, ଭାରତରେ ଦ୍ୱିତୀୟ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ (ସେପ୍ଟେମ୍ବର ୫) ଜନ୍ମଦିନ ୧୯୬୨ ପରଠାରୁ ଗୁରୁ ଦିବସ ଭାବେ ପାଳନ କରାଯାଏ । ପାରମ୍ପରିକ ଭାବରେ ହିନ୍ଦୁମାନଙ୍କଦ୍ୱାରା ଶିକ୍ଷକମାନଙ୍କୁ ସମ୍ମାନ ଦେବା ପାଇଁ ଗୁରୁ ପୂର୍ଣ୍ଣିମା ମଧ୍ୟ ପାଳନ କରାଯାଏ ।

# ଜୀବନର ଧର୍ମ

ଅନ୍ଧ (ଚକ୍ଷୁହୀନ) ହେବା ଦୁର୍ଭାଗ୍ୟ ବୋଲି କୁହାଯାଉଥିବାବେଳେ ଏହା କର୍ମଫଳ ବୋଲି ଅନେକ ଭୁଲି ଯାଆନ୍ତି । ସେହି କର୍ମ ପୂର୍ବଜନ୍ମକୃତ (ପ୍ରାରବ୍ଧ) ହୋଇପାରେ । ଅନ୍ଧ ଭିନ୍ନଭିନ୍ନ ପ୍ରକାରର ଥାଆନ୍ତି – କେହି ଜନ୍ମାନ୍ଧ, (ଜନ୍ମରୁ ଅନ୍ଧ)ଥା'ନ୍ତି । ଅନ୍ୟ ଧରଣର ଅନ୍ଧ ହେଲେ- ମୋହାନ୍ଧ (ଅଜ୍ଞତା, ବିବେକଶୂନ୍ୟତା), କାମାନ୍ଧ, ମଦାନ୍ଧ (ଗର୍ବ କାରଣରୁ ହିତାହିତ ଜ୍ଞାନଶୂନ୍ୟ) । ଏମାନେ ମଧ ଏକଏକ ଧରଣର ଅନ୍ଧ । ଏମାନଙ୍କ ଚକ୍ଷୁ ଉପରେ କୌଣସି ପଟଳ ପଡ଼ି ନଥାଏ, ଅସଲରେ ମନ ଉପରେ ଶକ୍ତ ପରଦା ପଡ଼ିଥାଏ, ଯାହା ସେମାନଙ୍କଠାରେ ଭଲମନ୍ଦ ବିବେଚନା କରିବାର ଶକ୍ତି ଲୋପ କରିଦେଇଥାଏ । ଅନ୍ଧ ତ ସୁରଦାସ ଥିଲେ, ସନ୍ଥକବି ଭୀମଭୋଇ ବି ଥିଲେ । ହେଲେ ଧୃତରାଷ୍ଟ୍ରଙ୍କ ଅନ୍ଧପଣ ଥିଲା 'ଆସକ୍ତି'ର, 'ମୋହ'ର । ଏହାଥିଲା ଅ-ସୁରକ୍ଷାର ଅନ୍ଧପଣ, ଅନିଶ୍ଚିତତା ଅନ୍ଧପଣ । ଏହା ମହାରାଜ ଧୃତରାଷ୍ଟ୍ରଙ୍କୁ କିପରି ଘୋର ଅନିଶ୍ଚିତତାର ଭିତରେ ତିଳତିଳ କରି ମୃତ୍ୟୁ ଯନ୍ତ୍ରଣା (ଅସୁରକ୍ଷା) ଭୋଗିବାକୁ ଦେଇଥିଲା ତାହା ସମସ୍ତେ ଜାଣନ୍ତି । ବ୍ୟାସଦେବଙ୍କ ଭଳି ମହାଯଶା ଋଷିଙ୍କ ସହ ସମ୍ପର୍କ, ଭୀଷ୍ମଙ୍କ ଭଳି ମହାତ୍ମାଙ୍କ ସାନ୍ନିଧ, ଦ୍ରୋଣ, କୃପାଚାର୍ଯ୍ୟଙ୍କ ଭଳି ଆଚାର୍ଯ୍ୟଙ୍କ ସହ ସମ୍ପର୍କ ସର୍ବୋପରି ଭଗବାନ ଶ୍ରୀକୃଷ୍ଣଙ୍କ ଭଳି ଅବତାରୀ ପୁରୁଷଙ୍କ ସଂସର୍ଗ ଧୃତରାଷ୍ଟ୍ରଙ୍କ ଅନ୍ତର ଭିତରେ ଜମାଟ ବନ୍ଧା ଅନ୍ଧପଣକୁ ଦୂର କରିବାରେ ସହାୟକ ହୋଇପାରି ନଥିଲା । ଧୃତରାଷ୍ଟ୍ରଙ୍କ ନିକଟରେ ସଞ୍ଜୟ, ମହାତ୍ମା ବିଦୁରଙ୍କ ଭଳି ଧର୍ମାତ୍ମା ଥିଲେ ମଧ ଦୁହିଁଙ୍କ ସତ୍ ଉପଦେଶ ପ୍ରତି ଦୃଷ୍ଟି ଦେଇନଥିଲେ । ଜନ୍ମାନ୍ଧ ଅପେକ୍ଷା 'ଆସକ୍ତି', 'ମୋହ'ର ଅନ୍ଧପଣ ତ୍ୱରିତ ଗତିରେ ବଂଶନାଶ ପଥରେ ନେଇଯାଇଥିଲା । ଶକୁନି ଚତୁରତାର ସହ ଦୁର୍ଯ୍ୟୋଧନଙ୍କୁ ଆୟତ୍ତରେ ରଖି ଗୋଟି ଚଳାଉ ଥିଲେ ଯା'ର ଟେର ପାଇ ନଥିଲେ ଦୁର୍ଯ୍ୟୋଧନ । ରାବଣ ଥିଲେ ଚାରିବେଦର ଭାଷ୍ୟକାର, ମହାପଣ୍ଡିତ; ହେଲେ ବିବେକବୁଦ୍ଧି ହରାଇ, ମଦାନ୍ଧ ହୋଇ ଜନକ ନନ୍ଦିନୀ ସୀତାଙ୍କୁ ଚୋରିକଲା ଭଳି ଘୃଣ୍ୟ କର୍ମ କରି ନିଜ ମୃତ୍ୟୁକୁ ଆମନ୍ତ୍ରଣ କରି ଆଣିଥିଲେ । ଗୀତାର ବାଣୀ ପ୍ରଜ୍ଞାବାନ ହୁଅ, ବିଭ୍ରାନ୍ତି ଦୂର କର । ପ୍ରାଣର ଧର୍ମ (ଜୀବନଧର୍ମ) ହୃଦୟଙ୍ଗମ କର । ପ୍ରାଣ ଯାଉ ଅଥବା ରହୁ, ଏହା ବିଚାରଣୀୟ ପ୍ରସଙ୍ଗ ନୁହେଁ, ପ୍ରାଣଧାରଣ କରି ପ୍ରଜ୍ଞାବାନ ହେବା ବିଚାରଣୀୟ । ଧର୍ମଶାସ୍ତ୍ରର ଦିଗ୍‌ଦର୍ଶନ ହେଲା- କ'ଣ ନିତ୍ୟ, କ'ଣ ଅନିତ୍ୟ, କେଉଁଟା ଉଚିତ, କେଉଁଟା ଅନୁଚିତ କର୍ମ ତଥା କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ଏହା ବିବେକର ଅନୁଶାସନ ମାନି ସ୍ଥିର କରିବା ଉଚିତ । ବାଣୀର ପ୍ରୟୋଗରେ ସଂଯମ ଅବଲମ୍ବନ କର, ଅହଂକାରୀ ହୋଇ ନୀତିହୀନ ଆଚରଣ କଲେ, ଶାଳୀନତାକୁ ଭୁଲିଯାଇ ବାଣୀର ଦୁରୁପଯୋଗ କଲେ, ଗର୍ବ, ଦମ୍ଭ, ଅଭିମାନ କବଳିତ ହୋଇ ନିଜକୁ ଶ୍ରେଷ୍ଠ ବିଚାରିଲେ ଦୁର୍ଯ୍ୟୋଧନ, କଂସ, ରାବଣଙ୍କ ଭଳି ନାଶ ଯିବା ସୁନିଶ୍ଚିତ ।



## ଆମ ମାଲିକାନାରେ ପୂରାଜଗତ

ପୁରା ଜଗତ ଆମ ମାଲିକାନାର ଅଟେ । ଆମେ 'ନିଜେ' ହିଁ ବ୍ରହ୍ମାଣ୍ଡର ମାଲିକ । ତଥାପି ଆମକୁ ଦୁଃଖ କାହିଁକି ଭୋଗିବାକୁ ପଡ଼ିଲା, ଏହା ଖୋଜି ବାହାର କର ନା ? ଏ ତ ନିଜେ ନିଜର ହିଁ ଭୁଲ୍ ଦ୍ୱାରା ବନ୍ଧା ହୋଇଛେ । ଲୋକମାନେ ଆସି ବାନ୍ଧି ନାହାନ୍ତି । ସେ ଭୁଲ୍ ଶେଷ ହୋଇଯିବ ତେବେ ପୁଣି ମୁକ୍ତ । ଆଉ ବାସ୍ତବରେ ତ ମୁକ୍ତ ହିଁ ଅଛେ, କିନ୍ତୁ ଭୁଲ୍ ଯୋଗୁଁ ବନ୍ଧନ ଭୋଗୁଛେ । ଏ ନିଜେ ହିଁ ନ୍ୟାୟାଧୀଶ, ନିଜେ ହିଁ ଦୋଷୀ, ଏବଂ ନିଜେ ହିଁ ଓକିଲ, ତେବେ ନ୍ୟାୟ କାହା ପକ୍ଷରେ ଯିବ ? ନିଜ ପକ୍ଷରେ ହିଁ । ପୁଣି ନିଜେ ନିଜ ପସନ୍ଦର ହିଁ ନ୍ୟାୟ କରିବ ନା ! ତେଣୁ ନିଜେ ନିରନ୍ତର ଭୁଲ୍ ହିଁ କରି ଚାଲିଥାଏ । ଏହିପରି ଜୀବ ବନ୍ଧନରେ ଆସେ । ଭିତରର ନ୍ୟାୟାଧୀଶ କୁହନ୍ତି ଯେ ତୁମର ଭୁଲ୍ ହୋଇଛି । ପୁଣି ଭିତରର ଓକିଲ ଓକିଲାତି କରେ ଯେ, ଏଥିରେ ମୋର କ'ଣ ଦୋଷ ? ଏପରି କରି ନିଜେ ହିଁ ବନ୍ଧନରେ ଆସେ । ନିଜର ଆତ୍ମହିତ ହେତୁ ଜାଣିନେବା ଉଚିତ୍ ଯେ, କାହା ଦୋଷ ଯୋଗୁଁ ବନ୍ଧନ ଅଛି ? ଯିଏ ଭୋଗୁଛି, ତା'ର ହିଁ ଦୋଷ । ଲୋକଭାଷାରେ ଦେଖିବା ତେବେ ଅନ୍ୟାୟ ଅଟେ କିନ୍ତୁ ଭଗବାନଙ୍କ ଭାଷାର ନ୍ୟାୟ ତ ଏହା ହିଁ କୁହେ ଯେ, 'ଯିଏ ଭୋଗେ ତା'ର ଭୁଲ୍ ।' ଏହି ନ୍ୟାୟରେ ତ ବାହାରର ନ୍ୟାୟାଧୀଶର କାମ ହିଁ ନାହିଁ । ଜଗତର ବାସ୍ତବିକତାର ରହସ୍ୟଜ୍ଞାନ ଲୋକମାନଙ୍କ ଲକ୍ଷ୍ୟରେ ହିଁ ନାହିଁ ଆଉ ଯାହାପାଇଁ ଭଟକିବାକୁ ପଡୁଛି, ସେ ଅଜ୍ଞାନ-ଜ୍ଞାନ ବିଷୟରେ ତ ସମସ୍ତଙ୍କୁ ଜଣା । ଏ ପକେଟ୍‌ମାର ହେଲା, ସେଥିରେ ଭୁଲ୍ କାହାର ?

# ଲଡ୍ଡୁ ଗୋପାଳଙ୍କ ସେବା ଓ ପୂଜା

'ଲଡ୍ଡୁ ଗୋପାଳ'ଙ୍କ ପୂଜା ଏବଂ ସେବା କରିବାର ବିଶେଷ ମହତ୍ତ୍ୱ ରହିଛି । ଭକ୍ତମାନେ ଭଗବାନଙ୍କୁ ତାଙ୍କ ଶିଶୁ ରୂପରେ ପୂଜା କରନ୍ତି, ତାଙ୍କୁ ସ୍ନାନ କରାନ୍ତି, ସୁନ୍ଦର ପୋଷାକ ପିନ୍ଧାନ୍ତି ଏବଂ ପ୍ରେମର ସହିତ ଭୋଗ ଅର୍ପଣ କରନ୍ତି । ଏହା ବିଶ୍ୱାସ କରାଯାଏ ଯେ ଜନ୍ମାଷ୍ଟମୀରେ ଉପଯୁକ୍ତ ରୀତିନୀତି ଏବଂ ଭକ୍ତି ସହିତ ଲଡ୍ଡୁ ଗୋପାଳଙ୍କ ପୂଜା କରିବା ଦ୍ୱାରା ଘରେ ସୁଖ, ଶାନ୍ତି ଏବଂ ସକାରାତ୍ମକ ଶକ୍ତି ଆସିଥାଏ ।

### ଜଲଦି ଉଠି ସ୍ନାନ କରନ୍ତୁ:


ଜନ୍ମାଷ୍ଟମୀ ଦିନ, ଶୀଘ୍ର ଉଠି ସ୍ନାନ କରନ୍ତୁ ଏବଂ ସଫା ପୋଷାକ ପିନ୍ଧନ୍ତୁ । ଏହା ପରେ, ଭଗବାନ କୃଷ୍ଣଙ୍କ ଧ୍ୟାନ କରିବା ସମୟରେ, ଉପବାସ ପାଳନ କରିବା ପାଇଁ ଏକ ସଂକଳ୍ପ ନିଅନ୍ତୁ । ଏହା ସହିତ, ପୂଜା ଆରମ୍ଭ କରିବା ପୂର୍ବରୁ ଆପଣଙ୍କ ମନକୁ ଶାନ୍ତ ରଖନ୍ତୁ ।

### ପୂଜାସ୍ଥଳ ସଫା ରଖନ୍ତୁ:

ଘର ମନ୍ଦିର କିମ୍ବା ଲଡ୍ଡୁ ଗୋପାଳଙ୍କ ପାଇଁ ନିର୍ଦ୍ଦିଷ୍ଟ ପୂଜା ସ୍ଥାନକୁ ସମ୍ପୂର୍ଣ୍ଣ ସଫା କରନ୍ତୁ । ପୂଜା ସ୍ଥାନରେ ସଫା ହଳଦିଆ କିମ୍ବା ଧଳା କପଡା ବିଛାଇ ତା' ଉପରେ ଲଡ୍ଡୁ ଗୋପାଳଙ୍କ ମୂର୍ତ୍ତି ରଖନ୍ତୁ । ଆପଣ ଏହି ଦିନ ଦେବତାଙ୍କ ପାଇଁ ବ୍ୟବହୃତ ଝୁଲା କିମ୍ବା ସିଂହାସନ ମଧ ବଦଳାଇ ପାରିବେ । ପୂଜା ଜାଗାକୁ ଫୁଲ ଏବଂ ଅନ୍ୟାନ୍ୟ ସାଜସଜ୍ଜା ସାମଗ୍ରୀ ସହିତ ସଜାନ୍ତୁ ।

### ମଧ୍ୟରାତ୍ରିରେ ଅଭିଷେକ କରନ୍ତୁ:

ଧାର୍ମିକ ବିଶ୍ୱାସ ଅନୁସାରେ, ଭଗବାନ ଶ୍ରୀକୃଷ୍ଣ ମଧ୍ୟରାତ୍ରିରେ ଜନ୍ମଗ୍ରହଣ କରିଥିଲେ । ତେଣୁ, ଜନ୍ମାଷ୍ଟମୀ ପୂଜା ମଧ ମଧ୍ୟରାତ୍ରିରେ କରାଯାଏ । ପ୍ରତୀକାତ୍ମକ ଭାବରେ କାକୁଡ଼ି ଲତା କାଟି ଜନ୍ମକୁ ପ୍ରତୀକାତ୍ମକ ଭାବରେ ପ୍ରଦର୍ଶିତ କରନ୍ତୁ । ଜନ୍ମ ପରେ ଲଡ୍ଡୁ ଗୋପାଳଙ୍କୁ ସ୍ନାନ କରନ୍ତୁ । କ୍ଷୀର, ଦହି, ଘିଅ, ମହୁ ଏବଂ ଚିନି ବ୍ୟବହାର କରି ପଞ୍ଚାମୃତ ପ୍ରସ୍ତୁତ କରନ୍ତୁ । ପଞ୍ଚାମୃତ ସହିତ ଅଭିଷେକ କରିବା ପରେ, ପବିତ୍ର ଜଳ କିମ୍ବା ଗଙ୍ଗାଜଳ ସହିତ ଦେବତାଙ୍କୁ ସ୍ନାନ କରାନ୍ତୁ ।



### ଲଡ୍ଡୁ ଗୋପାଳଙ୍କୁ ସୁନ୍ଦର ଭାବରେ ସଜାନ୍ତୁ

ସ୍ନାନ ପରେ, ଲଡ୍ଡୁ ଗୋପାଳଙ୍କୁ ଏକ ସଫା କପଡାରେ ଶୁଖାଇ ନୂତନ, ସଫା ପୋଷାକ ପିନ୍ଧାନ୍ତୁ । ଜନ୍ମାଷ୍ଟମୀରେ ଦେବତାଙ୍କୁ ହଳଦିଆ ପୋଷାକ ପିନ୍ଧାଇବା ଶୁଭ ବୋଲି ବିବେଚନା କରାଯାଏ । ତାଙ୍କୁ ମୁକୁଟ, ବଂଶୀ, ମୟୂର ପର ଏବଂ ମାଳାରେ ସଜ୍ଜିତ କରନ୍ତୁ । ତାଙ୍କ କପାଳରେ ଚନ୍ଦନ ଏବଂ କେସରର ତିଲକ ଲଗାନ୍ତୁ, ଏବଂ ଫୁଲର ମାଳା ଅର୍ପଣ କରନ୍ତୁ । ନୈବେଦ୍ୟରେ ସର୍ବଦା ତୁଳସୀକୁ ସାମିଲ କରନ୍ତୁ ।

### ଭୋଗରେ ତୁଳସୀ ରଖନ୍ତୁ

ଭଗବାନ କୃଷ୍ଣଙ୍କୁ ଭୋଗ ଦେବା ସମୟରେ ତୁଳସୀ ପତ୍ରର ବିଶେଷ ମହତ୍ତ୍ୱ ରହିଛି । ତେଣୁ, ନୈବେଦ୍ୟ ପାତ୍ରରେ ଏକ ତୁଳସୀ ପତ୍ର ରଖିବା ନିଶ୍ଚିତ କରନ୍ତୁ । ଧାର୍ମିକ ବିଶ୍ୱାସ ଅନୁସାରେ, ତୁଳସୀ ଭଗବାନ ବିଷ୍ଣୁ ଏବଂ ଭଗବାନ କୃଷ୍ଣଙ୍କୁ ଅତ୍ୟନ୍ତ ପ୍ରିୟ । ତୁଳସୀ ପତ୍ର ଅର୍ପଣ କରିବା ପୂର୍ବରୁ ସେଗୁଡ଼ିକୁ ସଫା କରିବାକୁ ମନେରଖନ୍ତୁ ।

### ଲହୁଣି-ମିଶ୍ରି ଅର୍ପଣ କରନ୍ତୁ



ଲହୁଣି ଏବଂ ମିଶ୍ରି ଭଗବାନ କୃଷ୍ଣଙ୍କ ପ୍ରିୟ ବୋଲି ବିବେଚନା କରାଯାଏ । ଜନ୍ମାଷ୍ଟମୀ ରାତିରେ ତାଙ୍କୁ ଏହି ମିଶ୍ରଣ ଅର୍ପଣ କରନ୍ତୁ । ଏହା ସହିତ, ଆପଣ ନୈବେଦ୍ୟରେ ଅନ୍ୟାନ୍ୟ ସାତ୍ତ୍ୱିକ ସୁସ୍ୱାଦୁ ଖାଦ୍ୟ ଅନ୍ତର୍ଭୁକ୍ତ କରିପାରିବେ ।



### ଶିଶୁର ଭାବନା ସହିତ ସେବା କରନ୍ତୁ

ଲଡ୍ଡୁ ଗୋପାଳଙ୍କ ପୂଜାରେ ଭକ୍ତି ଏବଂ ଦେବତାଙ୍କୁ ଶିଶୁ ଭାବରେ ଦେଖିବାର ଭାବନା ସର୍ବୋପରି । ତେଣୁ, ଜନ୍ମାଷ୍ଟମୀରେ, ଲଡ୍ଡୁ ଗୋପାଳଙ୍କୁ ଦୁଆରେ ଝୁଲାଇ ତାଙ୍କ ଆଳତି ନିଶ୍ଚିତ କରନ୍ତୁ ।


## ବୁଦ୍ଧିମତ୍ତାର କାର୍ଯ୍ୟ

ଶ୍ରୀମଦ୍ ଭାଗବତ ପୁରାଣରେ ଏକ ସୁନ୍ଦର ଉପାଖ୍ୟାନ ରହିଛି । ତକ୍ଷକ ସର୍ପ ଦଂଶନରେ ନିଜର ମୃତ୍ୟୁ ୭ ଦିନ ମଧ୍ୟରେ ହେବ ବୋଲି ଜାଣି ରାଜା ପରୀକ୍ଷିତ ଶୁକଦେବଙ୍କୁ ଅନେକ ପ୍ରଶ୍ନ ପଚାରିଲେ । ସେଥିମଧ୍ୟରୁ ଗୋଟିଏ ଥିଲା ମରିବା ସମୟରେ ବୁଦ୍ଧିମାନ ମନୁଷ୍ୟ କ'ଣ କରିବା ଉଚିତ ? ଶୁକଦେବ ଉତ୍ତର ଦେଲେ, ଯେଉଁମାନେ ବିଶିଷ୍ଟ ଜ୍ଞାନ ଚାହିଁଥାନ୍ତି, ସେମାନେ ବୃହସ୍ପତିଙ୍କୁ ସ୍ମରଣ କରିବା ଆବଶ୍ୟକ । ବିଶେଷ ଶକ୍ତି ଚାହୁଁଥିବା ଲୋକ ଇନ୍ଦ୍ର, ସନ୍ତାନ ସୁଖ ପ୍ରାପ୍ତି କରିବାକୁ ଚାହୁଁଥିବା ଲୋକ ପ୍ରଜାପତି, ସୁନ୍ଦର ଏବଂ ଆକର୍ଷକ ଦେଖା ଯିବାକୁ ଚାହୁଁଥିବା ଲୋକ ଅଗ୍ନିଦେବ, ବୀରତା ଚାହୁଁଥିବା ଲୋକ ରୁଦ୍ର, ଲକ୍ଷ୍ମୀ ପ୍ରାପ୍ତି ଇଚ୍ଛା ରଖୁଥିବା ଲୋକ ମାୟାଦେବୀଙ୍କ ସ୍ମରଣ କରିବା ଉଚିତ୍ । ଅଧିକ ଆୟୁ ପ୍ରାପ୍ତି କରିବାକୁ ଚାହୁଁଥିଲେ ଅଶ୍ୱିନୀ କୁମାର, ସୁନ୍ଦରତା ନିମନ୍ତେ ଗନ୍ଧର୍ବ, ପାରିବାରିକ ସୁଖ ନିମନ୍ତେ ପାର୍ବତୀ, ପ୍ରତିଷ୍ଠା ନିମନ୍ତେ ପୃଥିବୀ-ଆକାଶ, ବିଦ୍ୟା ନିମନ୍ତେ ଶିବଙ୍କ ଆରାଧନା କରିବା ଉଚିତ୍ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଏହି କଥାକୁ ଧ୍ୟାନରେ ରଖି ପାରିଲେ ଜୀବନର ଅନ୍ତିମ କ୍ଷଣ ସନ୍ତୋଷରେ ବିତାଇପାରିବ । ଶୁକମୁନି ଏହି ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେବା ସହ ସମ୍ପୂର୍ଣ୍ଣ ଭାଗବତ ପୁରାଣ ରାଜା ପରୀକ୍ଷିତଙ୍କୁ ଶୁଣାଇଥିଲେ ।



## ସାଗର ପୁତ୍ରଙ୍କ ମୁକ୍ତି

ଭାଗୀରଥ ଗଙ୍ଗାଦେବୀଙ୍କୁ ବନ୍ଦନାକରି ପ୍ରଣାମ କରି କହିଲେ, ମାତା ଏହି ମହାମୁନି କପିଳଙ୍କ ଆଶ୍ରମ କିପରି ଲଙ୍ଘନ କରି ଯିବା ? ଗଙ୍ଗାଦେବୀ କହିଲେ ବତ୍ସ ! ତୁ ଆଗରେ ଅଛୁ । ତୁ ଯେଉଁ ପଥ ଦେଇଯିବୁ ମୁଁ ତୋର ଅନୁଗମନ କରିବି । ଭଗୀରଥ କହିଲେ ମାତା ! ଦେଖ ସମ୍ମୁଖରେ କିପରି ଅଗ୍ନିରେ ମୋର ପ୍ରପିତାମହମାନେ କଲବଲ ହେଉଛନ୍ତି । ହେ ମାତା ! ଉପାୟ ବତାଇ ଦିଅ । ଗଙ୍ଗା ପୁନର୍ବାର କହିଲେ ତୁ ଆଗରେ ଚାଲ୍, ମୁଁ ପଛରେ ଯିବି । ଭଗୀରଥ କହିଲେ ହେ ମାତା ! ଅଯୋଧ୍ୟାରେ ମୋର ମାତାଦ୍ୱୟଙ୍କୁ ବଚନ ଦେଇ ଆସିଛି । ମୁଁ ପିତୃଙ୍କୁ ଉଦ୍ଧାର କରି ତୁମ୍ଭର ଚରଣ ବନ୍ଦନା କରିବି । ଏବେ ଅଗ୍ନିରେ ଝାସ ଦେଲେ ମୁଁ କିପରି ବର୍ତ୍ତିବି ? ମାତାଙ୍କୁ ଦେଇଥିବା ବଚନ ବୃଥା ହେବ । ଗଙ୍ଗା କହିଲେ ତୁ ପ୍ରଥମେ ଅଗ୍ନିମଧ୍ୟକୁ ଯା' ଦେଖିବୁ ପରେ କ'ଣ ହେବ । ଭଗୀରଥ କପିଳ ମୁନିଙ୍କ ଆଶ୍ରମ ଚାରିପାଖରେ ତିନିଥର ପରିକ୍ରମା କଲେ । ଗଙ୍ଗାଦେବୀ ସେହିପରି ଆଶ୍ରମ ଚାରିପଟେ ଘୂରିଲେ । ଭଗୀରଥ ଗଙ୍ଗାଦେବୀଙ୍କୁ ପ୍ରଣାମ କରି ରଥ ସହ ଶଙ୍ଖନାଦ କରି ସେହି ପ୍ରଜ୍ୱଳିତ ଅଗ୍ନିମଧ୍ୟରେ ପ୍ରବେଶ କଲେ ।



## ଜଟଣୀ ସହରରେ ନିଶାଦ୍ରବ୍ୟ କାରବାର ବୃଦ୍ଧି

ଜଟଣୀ,(ନି.ପ୍ର) : ଜଟଣୀ ସହରରେ ନିଶା ମୁକ୍ତ ପାର୍ବଣ ପାଳନ କରିବା ଲାଗି କମିସନରେଟ ପୁଲିସ ଦ୍ୱାରା ଆୟୋଜିତ ଗଣେଶ ପୂଜା କମିଟି ବୈଠକରେ ଗୁରୁତ୍ୱାରୋପ କରା ଯାଇଛି । ହେଲେ ଗଣେଶ ପୂଜା ପାଖେଇ ଆସୁଥିବା ବେଳେ ଜଟଣୀ ସହରରେ ନିଶାଦ୍ରବ୍ୟ କାରବାର ଏବଂ ନିଶା ସେବନ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଜଟଣୀ ସହରରେ ମାରାତ୍ମକ ନିଶାଦ୍ରବ୍ୟ ବିକ୍ରୀ କରା ଯାଉଥିବା ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି। ବିପଥଗାମୀ ଯୁବକମାନେ ସହରରେ ବିଭିନ୍ନ ଗଳି କନ୍ଦି ବସ୍ତି ଓ ବିଭିନ୍ନ ଖଟି ଏବଂ ପରିତ୍ୟକ୍ତ ଗୃହମାନଙ୍କରେ ନିଶା ସେବନ କରୁଥିବା ବେଳେ ନିଶାଡ଼ିଙ୍କ ଦୌରାତ୍ମ୍ୟ ଫଳରେ ସେମାନଙ୍କ ପରିବାର ଏବଂ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସନ୍ଧ୍ୟା ହେଲେ ଖଟି ଜମୁଥିବା ସ୍ଥାନୀୟ ଲୋକ ସୂଚନା ଦେଇଛନ୍ତି । ଜିଲା ପ୍ରଶାସନ ଏବଂ କମିସନରେଟ ପୁଲିସ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ବିଭିନ୍ନ ମହଲରେ ଅନୁରୋଧ କରାଯାଇଛି।

## ଗଞ୍ଜାମର କବିତାଘର -୨୦୨୬ ସାହିତ୍ୟ ସମ୍ମାନ ଘୋଷଣା

ରମ୍ଭା,(ନିପ୍ର): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ୨୦୨୬ ବର୍ଷ ନିମନ୍ତେ ସାହିତ୍ୟ ସମ୍ମାନ ଆନୁଷ୍ଠାନିକ ଭାବେ ସଫଳତାର ସହ ଘୋଷଣା କରିଛନ୍ତି ଯେଉଁଥିରେ କବି ବିଦେଶୀ ନାୟକ, କବି ଗୋପୀନାଥ ଦାଶ, କବି ଦେବେନ୍ଦ୍ର କୁମାର ବାଉରୀ, ଅଧ୍ୟାପକ ତ୍ରିଲୋଚନ ଦାଶ, କବୀ ଜ୍ୟୋସ୍ନାରାଣୀ ଦେବୀ ଓ କବି ସୁଦାମ ପାଣିଗ୍ରାହୀ ବିଚାରକ ଭୂମିକା ବହନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଅଧ୍ୟକ୍ଷ ଭାଗୀରଥି ବେହେରାଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ୧୩ ତମ ସାହିତ୍ୟ ଉତ୍ସବର ଏକ ଭବ୍ୟ ସମାରୋହରେ ୨୦୨୬ ବର୍ଷ ନିମନ୍ତେ 'ଆସ ଈଶ୍ୱରଙ୍କୁ ପଚାରିବା' ସଙ୍କଳନର କବି ଓ ରାୟଗଡର ଲେଖକ ଅଧ୍ୟାପକ ସୁବାସ ଚନ୍ଦ୍ର ସାହୁଙ୍କୁ ତାଙ୍କରି କବିତା 'କବିଟିଏ ଜନ୍ମ ହେଲାବେଳେ' ପାଇଁ 'ରାଜ୍ୟସ୍ତରୀୟ କବିତା ସମ୍ମାନ'ରେ ସମ୍ମାନିତ କରାଯିବା ସହ ଗଞ୍ଜାମ ଜିଲ୍ଲା ଲଙ୍ଗଳେଶ୍ୱର ମାଟିର ଲେଖକ ତଥା 'ପ୍ରସ୍ତୁତି ପର୍ବ' ସଙ୍କଳନର ରଚୟିତା ଅଧ୍ୟାପକ ବିଷ୍ଣୁ ପ୍ରସାଦ ଦାସଙ୍କୁ ତାଙ୍କରି କବିତା 'ଅକ୍ଷୁଣ୍ଣ ମାନବବାଦ' ପାଇଁ 'ଜିଲ୍ଲାସ୍ତରୀୟ କବିତା ସମ୍ମାନ'ରେ ସମ୍ମାନୀତ କରାଯିବ । ସେହି ଉତ୍ସବରେ ଗଞ୍ଜାମ ଜିଲ୍ଲା ହିରାଖଣ୍ଡୀ ମାଟିର ଲେଖିକା କଳ୍ପନା ପ୍ରଧାନଙ୍କୁ ତାଙ୍କରି କବିତା ସଂକଳନ 'ସମନ୍ୱୟ' ନିମନ୍ତେ 'ସ୍ୱର୍ଗତା ରୁକୁଣା ବେହେରା କବିତା ପୁସ୍ତକ ସ୍ମୃତି ସମ୍ମାନ', ଭଦ୍ରକ ଜିଲ୍ଲାର ଲେଖକ ଦୀନବନ୍ଧୁ ବେଜଙ୍କୁ ତାଙ୍କରି କବିତା ସଂକଳନ 'ବନଗିରି ଲତାଗିରି' ନିମନ୍ତେ 'ସ୍ୱର୍ଗତା ଦେବମଣି ସାହୁ କବିତା ପୁସ୍ତକ ସ୍ମୃତି ସମ୍ମାନ', ଗଞ୍ଜାମ ଜିଲ୍ଲା ପଦ୍ମାବତୀ ମାଟିର ଲେଖିକା ସନ୍ଧ୍ୟାରାଣୀ ଦେବୀଙ୍କୁ ତାଙ୍କରି କବିତା ସଂକଳନ 'ମୋ ଝର୍କାରୁ କୃଷ୍ଣଚୂଡ଼ା'କୁ 'ସ୍ୱର୍ଗତା ପ୍ରମିଳା ସ୍ୱାଇଁ କବିତା ପୁସ୍ତକ ସ୍ମୃତି ସମ୍ମାନ' ଓ 'ସାହିତ୍ୟ ଚର୍ଚ୍ଚା' ପତ୍ରିକା ନିମନ୍ତେ ଲେଖକ ନିହାର ଶତପଥୀଙ୍କୁ ' ସମ୍ପାଦକ ସମ୍ମାନ ' ପ୍ରଦାନ କରାଯିବ ବୋଲି ସଭାପତି ଡ଼ା ରାଜେନ୍ଦ୍ର କୁମାର ବେହେରା ଜଣେଇଛନ୍ତି ।

## ଜଟଣୀ ବ୍ଲକରେ ବିପିଡ଼ିପି ଆବଣ୍ଟନକୁ ନେଇ ଅସନ୍ତୋଷ

ଜଟଣୀ,(ନି.ପ୍ର): ଜଟଣୀ ବ୍ଲକରେ ବିପିଡ଼ିପି ଆବଣ୍ଟନରେ ଅନିୟମିତତା ହୋଇଥିବା ସ୍ଥାନୀୟ ବିଧାୟକଙ୍କ ଜଟଣୀ ବ୍ଲକ ପ୍ରତିନିଧି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୀପକ କୁମାର ଜେନା ଏବଂ ପଧାନସାହି ସରପଞ୍ଚ ଅନାମ ଚରଣ ସେନାପତି ଅଭିଯୋଗ କରିଛନ୍ତି । ବିପିଡ଼ିପି ଅର୍ଥ ବିତରଣରେ ସରକାରୀ ବିଧି ବ୍ୟବସ୍ଥା ରହିଛି । ସରପଞ୍ଚ ଓ ସମିତିସଭ୍ୟଙ୍କ ସହ ଆଲୋଚନା କରି ଆବଶ୍ୟକତା ଅନୁସାରେ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ ନିମନ୍ତେ ବିପିଡ଼ିପି ଅର୍ଥ ବିତରଣ କରା ଯିବା କଥା । କିନ୍ତୁ ବ୍ଲକ ପ୍ରଶାସନ ମନଇଚ୍ଛା ବିଭିନ୍ନ ପଞ୍ଚାୟତରେ ବିପିଡ଼ିପି ଅର୍ଥ ବିତରଣ କରିଥିବା ଅଭିଯୋଗ ହୋଇଛି । ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ବିଧାୟକଙ୍କ ପ୍ରତିନିଧି ଶ୍ରୀ ଜେନା ଏବଂ ବରିଷ୍ଠ ସରପଞ୍ଚ ଶ୍ରୀ ସେନାପତି ଅନୁରୋଧ କରିଛନ୍ତି।

## ନାଗରିକଙ୍କ ପାଇଁ ତୀର୍ଥଯାତ୍ରା ସୁବିଧା ଦାବି

ନିରାକାରପୁର,(ନିପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ବରିଷ୍ଠ ନାଗରିକମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ତୀର୍ଥଯାତ୍ରା ଯୋଜନାରେ ସଂଖ୍ୟାଲଘୁ ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନାଗରିକମାନଙ୍କୁ ସାମିଲ କରିବା ପାଇଁ ଦାବି ହୋଇଛି। ଏହି ସମ୍ପର୍କରେ 'ଅଞ୍ଜୁମନ ଇସଲାମିଆ' ସିକୋ ହଲକାର ସଭାପତି ହାଜୀ ଅବଦୁଲ ରଜାକ୍ ଖାଁ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରେରଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ସହାୟତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକମାନଙ୍କୁ ଦେଶର ପ୍ରମୁଖ ତୀର୍ଥସ୍ଥଳୀଗୁଡ଼ିକୁ ପରିଦର୍ଶନ ପାଇଁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ମାତ୍ର ସଂଖ୍ୟାଲଘୁ ମୁସଲିମ୍ ସମ୍ପ୍ରଦାୟର ବରିଷ୍ଠ ନାଗରିକମାନେ ଏହି ସୁବିଧାରୁ ବଞ୍ଚିତ ହେଉଥିବା ଚିଠିରେ ଦର୍ଶାଯାଇଛି। ତେଣୁ ସଂଖ୍ୟାଲଘୁ ମୁସଲିମ୍ ବରିଷ୍ଠ ନାଗରିକମାନଙ୍କ ପବିତ୍ର ତୀର୍ଥସ୍ଥଳୀଗୁଡ଼ିକୁ ପରିଦର୍ଶନ କରିବା ପାଇଁ ସରକାରୀ ସ୍ତରରେ ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଅଞ୍ଜୁମନ ଇସଲାମିଆ ସିକୋ ହଲକାର ସଭାପତି ହାଜୀ ଅବଦୁଲ ରଜାକ୍ ଖାଁ ମୁଖ୍ୟମନ୍ତ୍ରୀଙ୍କୁ ଆକୁଳ ନିବେଦନ କରିଛନ୍ତି।

# ମରଣଯନ୍ତା ପାଲଟିଛି ସରଗଜ - ବ୍ରାହ୍ମଣୀ ରାସ୍ତା

## ଜିଲ୍ଲାପାଳଙ୍କ ଠାରେ ଫେରାଦ ହେଲେ ଗ୍ରାମବାସୀ

ତରଭା,(ନିପ୍ର) : ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ଅନ୍ତର୍ଗତ ସରଗଜ ବ୍ରାହ୍ମଣୀ ରାସ୍ତା ପାଲଟିଛି ମରଣ ଯନ୍ତା । ଆଠ କିଲୋମିଟର ବିଶିଷ୍ଟ ରାସ୍ତା ପିଡବ୍ଲୁଡି ବିଭାଗ ଦ୍ୱାରା ନିର୍ମାଣ କାମ ଚାଲିଛି । ରାସ୍ତାର କିଛି ଅଂଶ କୌଣସି କାରଣ ବଶତଃ ଅଧା ରାସ୍ତା ତିଆରି ସରିଥିବାବେଳେ ବାକି ରାସ୍ତାକୁ ସଂପୃକ୍ତ ଠିକା ସଂସ୍ଥା ହାତ ମାରୁନାହିଁ। ଫଳରେ ରାସ୍ତାରେ ବଡ ବଡ ଗର୍ତ୍ତ ହୋଇ ଖାଲ ସୃଷ୍ଟି ହୋଇଛି । ଫଳରେ ସାଧାରଣ ଜନତା, ବିଦ୍ୟାଳୟ ଛାତ୍ରଛାତ୍ରୀ, ବୁଢାବୁଢି ତଥା ଆମ୍ବୁଲାନସ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧା ହେଉଛି। ସଂପୃକ୍ତ ରାସ୍ତା ମରାମତି ନେଇ ନକଟିକନା ଗ୍ରାମର ଶତାଧିକ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି।

ଏନେଇ ବିଭାଗିୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ କେହି ଫୋନ ଉଠାଉ ନ ଥିବା ଅଭିଯୋଗକାରୀ ଅଭିଯୋଗ କରନ୍ତି । ପ୍ରଶାସନ କେତେ ତତ୍ପରତାର ସହିତ ପଦକ୍ଷେପ ନେଉଛି, ନଚେତ୍ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।



||||||||||||||||||||||| ମା' ସାରଦା ଦେବୀ +୩ ମହାବିଦ୍ୟାଳୟରେ ଅଶାନ୍ତି ! |||||||||||||||||||

# ୭ ମାସର ଦରମା ବକେୟାକୁ ନେଇ ବିବାଦ, ଥାନାରେ ଅଭିଯୋଗ

ଧାମନଗର,(ନିପ୍ର): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ କୋଠାର ସ୍ଥିତ ମା' ସାରଦା ଦେବୀ +୩ ମହାବିଦ୍ୟାଳୟରେ ଦୀର୍ଘଦିନ ହେବ ଆର୍ଥିକ ଅଚଳାବସ୍ଥା ଏବଂ ପ୍ରଶାସନିକ ଅନିଶ୍ଚିତତା ଯୋଗୁଁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଘନେଇବାରେ ଲାଗିଛି। ଏପରିକି ଏହି ବିବାଦ ଥାନା ପର୍ଯ୍ୟନ୍ତ ଯାଇ ଥିବା ଜଣାପଡ଼ିଛି। ପ୍ରକାଶ ଥାଉକି ପ୍ରାୟ ୮ ମାସ ପୂର୍ବରୁ ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ନିଜ ପଦବୀରୁ ଓହରିଯିବା ପରେ ଭଦ୍ରକ ଉପ-ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ରଶ୍ମୀକାନ୍ତ ନନ୍ଦ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ମାତ୍ର ତାଙ୍କୁ ଆର୍ଥିକ କ୍ଷମତା (ଫାଇନାନ୍ସିଆଲ୍ ପାୱାର) ପ୍ରଦାନ କରାଯାଇ ନ ଥିବାରୁ ମହାବିଦ୍ୟାଳୟର ସମସ୍ତ ଆର୍ଥିକ ଦେଣନେଣ ବନ୍ଦ ରହିଛି। ଫଳରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ କ୍ରମାଗତ ଭାବେ ୭ ମାସ ହେବ କୌଣସି ଦରମା ପାଇପାରି ନାହାନ୍ତି। ଦୀର୍ଘଦିନ ଧରି ଦରମା ମିଳିନଥିବାରୁ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ବୃଦ୍ଧି ପାଇବା ସହ ଶେଷରେ ଏହା ଅଧ୍ୟାପକମାନଙ୍କ ମଧ୍ୟରେ ପରସ୍ପର ବିବାଦର ରୂପ ନେଇଛି।

ମହାବିଦ୍ୟାଳୟର ଜନୈକ ଅଧ୍ୟାପକଙ୍କୁ ଅନ୍ୟ ଜଣେ ଅଧ୍ୟାପକ ବେନାମୀ ଚିଠି ମାଧ୍ୟମରେ ବିଭିନ୍ନ ପ୍ରକାର ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଅଧ୍ୟାପକଙ୍କ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଜନୈକଙ୍କୁ ଥାନାକୁ ଆଣି ଘଟଣାର ତଦନ୍ତ ଜାରି ରଖିଛି। ବିଶେଷ କରି ଏହା ଖୋଦ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏକ ଶିକ୍ଷାନୁଷ୍ଠାନ ହୋଇଥିବାରୁ, ଏପରି ଗମ୍ଭୀର ସମସ୍ୟା ଓ ଅନ୍ତଃକନ୍ଦଳକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଶିକ୍ଷାନୁଷ୍ଠାନର ଏପରି ପରିସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ଆର୍ଥିକ ଅନ୍ତଃବୈଷମ୍ୟ ଦୂର କରିବା ଏବଂ ଦରମା ପ୍ରଦାନ ପାଇଁ ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ଜୋର ଧରିଛି।

## ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଯାଜପୁର,(ନିପ୍ର): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ ମୁଖ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ମୋଟ



୩୫୩ ଜଣ ଭିନ୍ନକ୍ଷମ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୬୫ ଜଣ ଶାରୀରିକ ଭିନ୍ନକ୍ଷମ ) ୩୧ ଜଣ ଦୃଷ୍ଟିହୀନ ୫୩ ଜଣ ଶ୍ରବଣବାଧିତ , ୩୭ ଜଣ ମାନସିକ ଅଗ୍ରସର/ସିପି , ୪୫ ଜଣ ୧୪ ବର୍ଷରୁ କମ୍ ଶିଶୁ ଏବଂ ୨୨ ଜଣ ବହୁବିଧ ଭିନ୍ନକ୍ଷମ ଶିଶୁ/ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ମୋଟ ୨୮୨ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମୂଲ୍ୟାଙ୍କନ କରାଯାଇଥିଲା। ମୂଲ୍ୟାଙ୍କନ ପରେ ୧୩ ଜଣ ହିତାଧିକାରୀଙ୍କୁ ସହାୟକ ଉପକରଣ ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି। ଏହା ସହ ୪୫ ଜଣଙ୍କୁ ଅନ୍ୟାନ୍ୟ ସରକାରୀ ସହାୟତା (୩୪ ଜଣଙ୍କୁ ବସ୍/ଟ୍ରେନ୍ ପାସ୍, ୮ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୩ ଜଣଙ୍କୁ ଡି.ଆରଆଇ. ଋଣ) ପାଇଁ ମନୋନୀତ କରାଯାଇଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ତୁରନ୍ତ ସହାୟତା ସ୍ୱରୂପ ୧ଟି ହୁଇଲ ଚେୟାର, ୧ ଯୋଡ଼ା କ୍ରଚ୍, ୩ ଜଣଙ୍କୁ ଆଧାର କାର୍ଡ ଏବଂ ୩ ଜଣଙ୍କୁ ଆୟ, ଜାତି ଓ ନିବାସ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ସ୍ୱରୋଜଗାରକ୍ଷମ ହୋଇ ଅନ୍ୟମାନଙ୍କୁ ସ୍ୱରୋଜଗାରକ୍ଷମ ହେବାକୁ ଆହ୍ୱାନ

ରାୟଗଡ଼ା,(ନିପ୍ର): ରାୟଗଡ଼ା ଜିଲ୍ଲା ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ସ୍ୱାବଲମ୍ବୀ ଭାରତ ଅଭିଯାନ ଅନ୍ତର୍ଗତ ଆଜି ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଅନୁଷ୍ଠାନ, ରାୟଗଡ଼ା ଠାରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚ ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ କୁମାର ନାୟକ ମୁଖ୍ୟ ଅତିଥି, ତନ୍ମୟ ପ୍ରଧାନ, ସ୍ୱଦେଶୀ ଜାଗରଣ ମଞ୍ଚ କୋରାପୁଟ ବିଭାଗ ସଂଯୋଜକ ମୁଖ୍ୟ ବକ୍ତା, ଅନୀଲ କୁମାର ପାତ୍ର, ଅଧ୍ୟକ୍ଷ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହିତ ଅଧ୍ୟାପକ ମହେନ୍ଦ୍ର ଲେଙ୍କା, ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱାବଲମ୍ବୀ ଭାରତ ଅଭିଯାନର ଉଦ୍ଦେଶ୍ୟ ନ୍ତରୋଜଗାର ଖୋଜୁଥିବା ବ୍ୟକ୍ତି ହୁଅନ୍ତୁ ନାହିଁ - ରୋଜଗାର ପ୍ରଦାନ କରୁଥିବା ବ୍ୟକ୍ତି ହୁଅନ୍ତୁ, କୃଷି ଉଦ୍ୟମିତା ଆପଣାନ୍ତୁ, କୌଶଳ ବିକାଶରେ ଦେଶର ବିକାଶ, ସ୍ୱ ରୋଜଗାର ଆପଣାଇବା ଓ ଦେଶକୁ ସମୃଦ୍ଧ କରିବା ଉପରେ ମୁଖ୍ୟ ବକ୍ତା ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଦେବଗିରି ପଟ୍ଟନାୟକ, ସହ ସଂଯୋଜକ ଓ ସୁଦର୍ଶନ ପାଢୀ, ଜିଲ୍ଲା ସଂଯୋଜକ ପରିଚାଳନା କରିବା ସହ 'ମୁଁ ବି ସ୍ୱଦେଶୀ ସମର୍ଥକ' ଶପଥ ପାଠ କରାଇଥିଲେ।

## ଆଇଆଇଟି ଓ ଗ୍ରୀଡ଼କୋ ବୁଝାମଣା ସ୍ୱାକ୍ଷରିତ

ଜଟଣୀ,(ନି.ପ୍ର) : ରାଜ୍ୟରେ ଶକ୍ତି ଗବେଷଣା ଏବଂ ଅଧ୍ୟୟନ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଭାରତୀୟ ପ୍ରାଦ୍ୟୋଗିକ ପ୍ରତିଷ୍ଠାନ (ଆଇଆଇଟି) ଏବଂ ଗ୍ରୀଡ଼କୋ ମଧ୍ୟରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇ ଯାଇଥିବା



ଆଇଆଇଟି ସୂଚନା ଦେଇଛି । ଆଇଆଇଟିର ନିର୍ଦ୍ଦେଶକ ଗ୍ରୀଡ଼କୋର ପରିଚାଳନା ନିର୍ଦ୍ଦେଶକ ଡ଼.ସତ୍ୟପ୍ରିୟ ରଥ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଶକ୍ତି ଗବେଷଣା ଓ ଅଧ୍ୟୟନ କେନ୍ଦ୍ର ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଉନ୍ନତ ଗବେଷଣା,ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ,କ୍ଷମତା ଓ ନୀତି ସମର୍ଥନ ପାଇଁ ଶିକ୍ଷାନୁଷ୍ଠାନ,ବିଦ୍ୟୁତ କ୍ଷେତ୍ର,ଶିଳ୍ପ ସହଯୋଗର ଏକ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଆଇଆଇଟି ସୂଚନା ଦେଇଥିଲା । ସରକାରଙ୍କ ଶକ୍ତି ବିଭାଗ ତରଫରୁ ଗ୍ରୀଡ଼କୋ କାର୍ଯ୍ୟାନ୍ୱୟନ ସଂସ୍ଥା ଭାବେ କାର୍ଯ୍ୟ କରିବ ବୋଲି କୁହାଯାଇଛି । ଆଇଆଇଟି ହୋଷ୍ଟ ତଥା ଏକାଡ଼େମିକ ଭାବେ କାର୍ଯ୍ୟ କରିବ ବୋଲି ଚୁକ୍ତିରେ ଉଲ୍ଲେଖ ଥିବା ସୂଚନା ମିଳିଛି । ଏହି ଅଧ୍ୟୟନ କେନ୍ଦ୍ର ସୌର ଓ ପବନ ଶକ୍ତି,ସବୁଜ ହାଇଡ୍ରୋଜନ,ଶକ୍ତି ସଂରକ୍ଷଣ,ସ୍ମାର୍ଟ ଗ୍ରୀଡ଼,ନବୀକରଣୀୟ ଶକ୍ତି ସମନ୍ୱୟ ବିଦ୍ୟୁତ ଯାନ ଭିତିଭୂମୀ,ବିକଳ୍ପ ଶକ୍ତି ଉତ୍ପାଦନ ଓ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରିବ ବୋଲି କୁହାଯାଇଛି। ବୁଝମଣା ସ୍ୱାକ୍ଷର ଉତ୍ସବରେ ଆଇଆଇଟିର ଡ଼ିନ୍ ପ୍ରଫେସର ବିଜୟ ଶଙ୍କର ପାସୁପେରେଡ୍ଡି,ଗ୍ରୀଡ଼କୋର ନିର୍ଦ୍ଦେଶକ ଦେବାଶୀଷ ଦାସ,କ୍ଷୀରୋଦ ଚନ୍ଦ୍ର ନନ୍ଦ,ପ୍ରଫେସର ଶୁଭ୍ରାଂଶୁ ସାମନ୍ତରାୟ,ପ୍ରଫେସର ଉମା ପ୍ରସନ୍ନ ଓଝା,ଗ୍ରୀଡ଼କୋର ସଂଯୋଜକ ରତ୍ନପୂର୍ଣ୍ଣ ମାନସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

# ପୁରୀ ବଳିଆପଣ୍ଡା ବାସିନ୍ଦାଙ୍କୁ ଆଶ୍ୱସ୍ତି, ଡମ୍ପିଂୟାର୍ଡ ପ୍ରଦୂଷଣରୁ ମିଳିବ ମୁକ୍ତି

ପୁରୀ,(ନିପ୍ର): ପୁରୀ ବଳିଆପଣ୍ଡା ବାସିନ୍ଦାଙ୍କୁ ମିଳିବ ଆଶ୍ୱସ୍ତି। ବଳିଆପଣ୍ଡାରେ ଥିବା ଡମ୍ପିଂୟାର୍ଡ ପ୍ରଦୂଷଣରୁ ମିଳିବ ମୁକ୍ତି। ନିର୍ମାଣ ହେବ ମେଗା ଏମ୍ ଆର ଏଫ ପ୍ଲାଣ୍ଟ। ଏହି ପ୍ଲାଣ୍ଟ ଦ୍ୱାରା ପ୍ରତିଦିନ ଶହେ ଟନ୍ ଅଳିଆ ପୃଥକୀକରଣ ସହ ପ୍ରକ୍ରିୟାକରଣ କରାଯିବ। ଏହି ମେଗା ଏମ୍ ଆର ଏଫ ପ୍ଲାଣ୍ଟ ପାଇଁ ୨୨ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଗତ ଅଗଷ୍ଟ ୩୧ ତାରିଖ ସ୍ୱାୟତ୍ତ ଶାସନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ତେବେ ଏହି ପ୍ରକଳ୍ପ ନିର୍ମାଣ ହେଲେ ବଳିଆପଣ୍ଡା ଅଞ୍ଚଳରେ ହେଉଥିବା ପ୍ରଦ୍ୟୁଷଣ ହ୍ରାସ ପାଇବ ବୋଲି ସ୍ଥାନୀୟ ବାସିନ୍ଦା ଆଶା ରଖିଛନ୍ତି। ରାଜ୍ୟ ସରକାର ପୁରୀ ମହାନଗର ନିଗମରେ ଡମ୍ପି ୟାର୍ଡ ସମସ୍ୟାର ସମାଧାନ ପାଇଁ ମେଗା ଏମ୍ ଆର ଏଫ ପ୍ଲାଣ୍ଟ ସ୍ଥାପନ ନେଇ ଶିଳାନ୍ୟାସ କରିଥିବାରୁ ଏହାକୁ ପୁରୀ ସହରବାସୀ ଓ ସ୍ଥାନୀୟ ବାସିନ୍ଦା ସ୍ୱାଗତ କରିଛନ୍ତି।

କିଛିବର୍ଷ ତଳେ ବଳିଆପଣ୍ଡା ଡମ୍ପିୟାର୍ଡରେ ଆବର୍ଜନା ପ୍ରକ୍ରିୟାକରଣ ପାଇଁ ଏକ ମେସିନ୍ ପକା ଯାଇଥିଲା। ମାତ୍ର ବିଶାଳ ଅଳିଆ ପାହାଡ଼ ସମସ୍ୟାର ସମାଧାନ ଲାଗି ମେଗା ପ୍ଲାଣ୍ଟର ଆବଶ୍ୟକତା ଥିଲା । ପୁରୀ ସହରରେ ଦୈନିକ ୮୦ ଟନ୍ ଆବର୍ଜନା ଜମା ହେଉଛି। ତେବେ ଏହି ଅଳିଆକୁ ପୃଥକୀକରଣ ଏବଂ ପ୍ରକ୍ରିୟାକରଣ କରିବା ପାଇଁ ଏବେ ୧୦ଟି ମାଇକ୍ରୋ କମ୍ପୋଷ୍ଟିଙ୍ଗ ସେଣ୍ଟର, ୬ ଟି ମ୍ୟାଟେରିଆଲ ଫେସଲିଟି ରିକଭରି ଫାସିଲିଟି ରହିଛି। ମାତ୍ର ବଳିଆପଣ୍ଡାରେ ୧୯୮୨ ମସିହାରୁ ସୃଷ୍ଟି ହୋଇଥିବା ଅଳିଆ ପାହାଡ଼ର ପ୍ରକ୍ରିୟାକରଣ ପାଇଁ ନିର୍ମାଣ ହୋଇଥିବା ଏମସିସି ଏବଂ ଏମ୍ ଆର ଏଫ ବ୍ୟବହାର ସମ୍ଭବ ହୋଇପାରୁନାହିଁ। ପ୍ରାୟ ୮ ଏକର ପରିମିତ ଜାଗାରେ ୩ ଲକ୍ଷ ୯୧ ହଜାର ୯୦୪ ମେଟ୍ରିକ୍ ଟନ୍ ଆବର୍ଜନା ଗଦା ହେଉଥିବାରୁ ଏକ ସ୍ୱତନ୍ତ୍ର ମେଗା ଏମ୍ଆରଏଫ ପ୍ଲାଣ୍ଟର ଆବଶ୍ୟକତା ରହିଛି। ତେବେ ଆଗାମୀ ଦିନରେ ସହରର ପରିବର୍ଦ୍ଧିତ ସୀମାକୁ ଦେଖି ପୁରୀ ମହାନଗର ନିଗମ ପକ୍ଷରୁ ସଫେଇ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱର ସହ ନିଆଯାଇଛି।

ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା କହିଛନ୍ତି, ନୂଆ ଏମ୍ଆରଏଫ ମେଗା ପ୍ଲାଣ୍ଟ ପୁରୀରେ କରାଗଲେ ପୁରୀ ସହରରୁ ବାହାରୁଥିବା ଆବର୍ଜନା ସଠିକ୍ ଭାବରେ ପ୍ରକ୍ରିୟାକରଣ କରାଯାଇପାରିବ। ବଳିଆପଣ୍ଡାରେ ବହୁତ୍ ଅଧିକ ପରିମାଣରେ ଅଳିଆ ଆବର୍ଜନା ଥିବାରୁ ଏହି ଅଳିଆର ପୃଥକୀକରଣ ଓ ପ୍ରକ୍ରିୟାକରଣ ପାଇଁ ୨୨ କୋଟି ଟଙ୍କା ବ୍ୟୟରେ ଏକ ମେଗା ଏମଆରଏଫ୍ ପ୍ଲାଣ୍ଟ ସ୍ଥାପନ ନେଇ ମୁଖ୍ୟମନ୍ତ୍ରୀ ଗତ ସ୍ୱାୟତ୍ତ ଶାସନ ଦିବସ ଶିଳାନ୍ୟାସ କରିଥିଲେ । ଏହାକୁ ଶୀଘ୍ର କିଭଳି ନିର୍ମାଣ କରାଯାଇ କାର୍ଯ୍ୟରେ ଲଗାଯିବା ସେନେଇ ଖୁବ୍‌ଶୀଘ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ। ପୁରୀକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ତେବେ ପୁରୀ ସହରକୁ ଏକ ସ୍ୱଚ୍ଛ ଏବଂ ସରସ ସୁନ୍ଦର ସହର ଭାବେ ଗଢି ତୋଳିବା ପାଇଁ ପୁରୀ ସହରରୁ ବାହାରୁଥିବା ଆବର୍ଜନା ଗୁଡ଼ିକର ପୃଥକୀକରଣ ଏବଂ ପ୍ରକ୍ରିୟାକରଣର ଆବଶ୍ୟକତା ରହିଛି। ୨୨ କୋଟି ଟଙ୍କା ବ୍ୟୟ ବରାଦରେ ଶହେ ଟନ୍ କ୍ଷମତା ବିଶିଷ୍ଟ ମେଗା ଏମ୍ ଆର ଏଫ ପ୍ଲାଣ୍ଟ ଆଗାମୀ ଦିନରେ ବେଶ୍ ଉପଯୋଗୀ ହେବ ବୋଲି ସମସ୍ତେ ଆଶା ରଖିଛନ୍ତି।

# କୃଷ୍ଣଙ୍କ ପାଇଁ ଭକ୍ତିମୟ ପରିବେଶ

କେନ୍ଦୁଝର,(ନିପ୍ର): କେନ୍ଦୁଝର ଜିଲ୍ଲାର ପୁରୁଣା ସହରସ୍ଥିତ ପ୍ରାଚୀନ ଶ୍ରୀ ଗୋପାଳ ଜୀଉ ମଠରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ପର୍ବ ମହାଆଡ଼ମ୍ବର ଓ ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ଶ୍ରୀକୃଷ୍ଣଙ୍କ ଜନ୍ମଲୀଳାକୁ ସ୍ମରଣ କରି ଆୟୋଜିତ ଏହି ପବିତ୍ର ଉତ୍ସବରେ ମଠ ପରିସର ଭକ୍ତି, ଶ୍ରଦ୍ଧା ଓ ଆନନ୍ଦରେ ମୁଖରିତ ହୋଇଉଠିଥିଲା।ଏହି ଅବସରରେ ଶ୍ରୀ ଗୋପାଳ ଜୀଉଙ୍କୁ ସ୍ୱତନ୍ତ୍ର ନୀତିକାନ୍ତି, ପୂଜାର୍ଚ୍ଚନା ଓ ବିଭିନ୍ନ ପ୍ରକାରର ଭୋଗ ଅର୍ପଣ କରାଯାଇଥିଲା। ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳାକୁ ଆଧାର କରି ମଠ ପରିସରକୁ ମନୋରମ ଭାବେ ସଜାଯାଇଥିଲା। ଫୁଲ, ଆଲୋକମାଳା ଓ ବିଭିନ୍ନ ସାଜସଜ୍ଜାରେ ମଠ ପରିସର ଆକର୍ଷଣୀୟ ହୋଇଥିଲା। ସନ୍ଧ୍ୟାଠାରୁ ମଠରେ ଭକ୍ତମାନଙ୍କ ସମାଗମ ବଢ଼ିଥିଲା। ଭଜନ, କୀର୍ତ୍ତନ, ନାମସଂକୀର୍ତ୍ତନ ଓ ଶ୍ରୀକୃଷ୍ଣଙ୍କ ଲୀଳାକଥାରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠିଥିଲା।

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡ ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ବାସ୍ତୁଶାସ୍ତ୍ରବିତ୍ ଡଃ ଦେବଦତ୍ତ ଷଡଙ୍ଗୀ



ଉପସ୍ଥିତ ରହି କୃଷ୍ଣଙ୍କ ବାଲ୍ୟଲୀଳା ସମ୍ବନ୍ଧରେ ଶିଶୁମାନଙ୍କୁ ନିଜ ବକ୍ତବ୍ୟ ମାଧ୍ୟମରେ କହିଥିଲେ । ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ସୁଂଧାଂଶୁ ଶେଖର ପଣ୍ଡା, ସଦସ୍ୟା ଭକ୍ତିଶ୍ରୀ ନାୟକ, ଦୁଲାରୀ କିଷ୍ଟୁ ଯୋଗଦେଇ କୃଷ୍ଣଜନ୍ମର ବୃତ୍ତାନ୍ତ ବିଷୟରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ୨୫୦ ଜଣରୁ ଉର୍ଦ୍ଧ୍ୱ ଶିଶୁ ବେଶ ପ୍ରତିଯୋଗିତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏଥିରେ ସମସ୍ତ ଶିଶୁ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

**କେସିଙ୍ଗା :** ଚଳିତ ବର୍ଷ କରଲାମୁଣ୍ଡା ଶିଶୁମନ୍ଦିର ତାର ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ଅଭିଭାବିକା, ଗୁରୁଜୀ ଗୁରୁମାଙ୍କୁ ନେଇ ସିରଜାପାଲି ଗ୍ରାମରେ ଜନ୍ମାଷ୍ଟମୀ ଉତ୍ସବ ପାଳନ କରିଥିଲା। ଛାତ୍ର ଛାତ୍ରୀ, ଗୁରୁଜୀ ଗୁରୁମା,



ଅଭିଭାବକ ଅଭିଭାବିକା, ଗ୍ରାମବାସୀଙ୍କ ଗହଣରେ ପ୍ରଥମେ ଶିଶୁମନ୍ଦିର ତରଫରୁ କୃଷ୍ଣ, ରାଧା, ବଳରାମ, ଯଶୋଦା ବେଶରେ ଆସିଥିବା ଛାତ୍ରଛାତ୍ରୀ ସିରଜାପାଲି ଗ୍ରାମ ପରିକ୍ରମା କରିଥିଲେ । ବିଭିନ୍ନ କୃଷ୍ଣ ଭଜନରେ ଭାଇ ଭଉଣୀ ମାନେ ସୁନ୍ଦର ଭାବେ ନୃତ୍ୟ ପରିବେଷଣ କରିଥିଲେ ।

**ପୁରୀ :** ଜନ୍ମାଷ୍ଟମୀର ପବିତ୍ର ଅବସରରେ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ବାଲ ଗୋପାଳଙ୍କର ଏକ ଭକ୍ତିପୂର୍ଣ୍ଣ ବାଲୁକା ଭାସ୍କର୍ଯ୍ୟ ନିର୍ମାଣ କରିଛନ୍ତି। ଏହି ମନୋରମ ବାଲୁକା କଳାଟି 'ଶୁଭ ଜନ୍ମାଷ୍ଟମୀ'ର ସନ୍ଦେଶ ଦେବା ସହ ବାଲ ଗୋପାଳଙ୍କର ଏକ ଶାନ୍ତ ଓ ଦିବ୍ୟ ରୂପକୁ ସୁନ୍ଦର ଭାବେ ଚିତ୍ରିତ କରଯାଇଛି।ଏହି ୮ ଫୁଟ ଉଚ୍ଚର ବାଲୁକା ଭାସ୍କର୍ଯ୍ୟ ମାଧମରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲ ଗୋପାଳଙ୍କୁ ଜୀବନ୍ତ କରି ତୋଳିବା ସହ ଭଗବାନ ଶ୍ରୀକୃଷ୍ଣଙ୍କ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାକୁ ଉଜ୍ଜୀବିତ କରିଛନ୍ତି। ଏହି କଳାକୃତିକୁ ଏକ ସ୍ୱତନ୍ତ୍ର ରୂପ ଦେବା ପାଇଁ ଏହାର ଚାରିପାଖରେ ୧୦୧ଟି ଛୋଟ ମାଖନ ହାଣ୍ଡି ରଖାଯାଇଛି, ଯାହା ଭକ୍ତି ଏବଂ ବାଲ ଗୋପାଳଙ୍କ ଆନନ୍ଦଦାୟକ ସ୍ୱଭାବର ପ୍ରତୀକ ଅଟେ।

**ଆସିକା :** ଆସିକାର ବିଭିନ୍ନ ମନ୍ଦିର ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ କମଳେନ୍ଦୁ ହୋତା ସମ୍ମାନୀତ ଅତିଥି ଭାବେ ଉପ ସଭାପତି ଦିଲ୍ଲୀପ କୁମାର ଶତପଥୀ,ପ୍ରଧାନଗୁରୁମା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଏହି ଅବସରରେ ବାଳକୃଷ୍ଣ ପୂଜନ,ଗୋପୀନାଥ ମନ୍ଦିର ଦର୍ଶନ ସହିତ କୁନି ପିଲାମାନଙ୍କ ଦ୍ୱାରା ରାଧା କୃଷ୍ଣ



ବେଶରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ଗୁରୁଜୀ ଓ ଗୁରୁମା ଲିନା କୁମାରୀ ସ୍ୱାଇଁ, ରାଜେଶ କୁମାର ସ୍ୱାଇଁ ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର, ସୁନୀତା କୁମାରୀ ମହାପାତ୍ର,କେ ମାଧବି ଆଚାରୀ,ସନ୍ତୋଷୀ ସାହୁ, ରୋଶନୀ ଲେଙ୍କା, ଟି ସାଧନା ଦାସ, ସଂଗୀତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**କଣ୍ଟିଲୋ:** କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ର ସମେତ ଖଣ୍ଡପଡ଼ା ସହରର କାଦୁଆସାହିସ୍ଥିତ ଶ୍ରୀ ଗୁରୁଦେବଙ୍କ ପୀଠ, ଶ୍ରୀରଘୁନାଥଜୀଉ , ଶ୍ରୀଜଗନ୍ନାଥ, ଶ୍ରୀ ଗୋପୀନାଥଜୀଉଙ୍କ ମନ୍ଦିର ଓ ପ୍ରଭୁ ମହିମାମେରୁଙ୍କ ମଠରେ ଜନ୍ମାଷ୍ଟମୀ ପର୍ବ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି।ବିଭିନ୍ନ ମଠ ଓ ମନ୍ଦିରରେ ବିଗ୍ରହମାନଙ୍କ ଦର୍ଶନ ଓ ଭୋଗ ଲାଗି ନିମନ୍ତେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।ଖଣ୍ଡପଡ଼ା ସହରର ଗଉଡସାହିରେ ଗୋପାଳ ସମାଜ ପକ୍ଷରୁ ଏ ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାପାଠ ସହ ଲଉଡି ଖେଳ ଅନୁଷ୍ଠିତ ହୋଇଥିଲା।ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହିସ୍ଥିତ ଇସ୍କନ ମଠ, ଶ୍ରୀଗୋପାଳଜୀଉ ମନ୍ଦିର,ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠ ଓ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀଗୋକୁଳାନନ୍ଦଜୀଉଙ୍କ ପୀଠରେ ଜନ୍ମାଷ୍ଟମୀ ପର୍ବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଛି।

## ଖଦାଳପୋଖରୀ ଗ୍ରାମରେ ଶାନ୍ତି ଓ ସଦ୍‌ଭାବନା ସଭା

ଭଦ୍ରକ,(ନିପ୍ର): ଚାନ୍ଦବାଲିଗତବିଧାନସଭା ନିର୍ବାଚନ ଠାରୁ ଖଦାଳପୋଖରୀ ଗ୍ରାମରେ ବିଭିନ୍ନ ଗୁଣ୍ଡା ଶ୍ରେଣୀର ଅସାମାଜିକ ଯୁବକଙ୍କ ପକ୍ଷରୁ ଯେଉଁ ଅରାଜକତା ସୃଷ୍ଟି ହୋଇଥିଲା ତାର ସ୍ଥାୟୀ ସମାଧାନ ପାଇଁ ଗଠିତ ଶାନ୍ତି କମିଟି ପକ୍ଷରୁ ଖଦାଳପୋଖରୀ ଗ୍ରାମର ବରିଷ୍ଠ ଆଇନଜୀବି ଗିରିଧାରୀ ନାଥଙ୍କ ସଭାପତିତ୍ୱରେ ଏକ ଶାନ୍ତି ଓ ସଦଭାବନା ସଭା ଅନୁଷ୍ଠିତ ହୋଇଯାଇଛି।

ଏହି ସଭାରେ ବରିଷ୍ଠ ଆଇନଜୀବି ତଥା ସିପିଆଇଏମ ଜିଲ୍ଲା ସମ୍ପାଦକ ଦିବ୍ୟସିଂହ ନାୟକ, ଘଣ୍ଟେଶ୍ୱର ସୁରକ୍ଷା ମଞ୍ଚ ସଭାପତି ଆଇନଜୀବୀ ବିକାଶ ନାଥ, ଘଣ୍ଟେଶ୍ୱର ସୁରକ୍ଷା ମଞ୍ଚ ସମ୍ପାଦକ ଅଞ୍ଜନ ଦାସ ,ବରିଷ୍ଠ ଆଇନଜୀବି ରଞ୍ଜନ ନାୟକ, ଚାନ୍ଦବାଲି ଏସଡିପିଓ ପ୍ରଭାସ କୁମାର ସାହୁ, ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି, ବାଉଁଶଗଡା ଥାନାଧୀକାରିଣୀ ପ୍ରିୟଦର୍ଶନୀ ଖଟୁଆ, ପିରହାଟ ଥାନାଧିକାରିଣୀ ରୋଜାଲିନୀ ବେହେରା, ଘଣ୍ଟେଶ୍ୱର ଫାଣ୍ଡିଧିକାରୀ ଇନ୍ସପେକ୍ଟର ଅରୂପ ସାମଲ ,ଶାନ୍ତି କମିଟି ସଭାପତି ଚନ୍ଦ୍ରମଣି ଦାସ, ସମ୍ପାଦକ ଚକ୍ରଧର ଦାସ, ଦଳିତ ନେତା ହାକିମ ଦାସ, ଘଣ୍ଟେଶ୍ୱର ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ନିରଞ୍ଜନ ନାଥ ପ୍ରମୁଖ ଉପସ୍ଥିତ ରହି ଖଦାଳ ପୋଖରୀ ଗ୍ରାମରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ବିଭିନ୍ନ ଯୋଜନା ଗ୍ରହଣ କରିଥିଲେ। ଏହି ସଭାରେ ପ୍ରାୟ ୩୦୦ ଖଦାଳପୋଖରୀ ଗ୍ରାମବାସୀ ଓ ଶତାଧିକ ପୋଲିସ ଉପସ୍ଥିତ ଥିଲେ।

ତିଥି :(ନବମୀ): (ମୃଗଶିରା ବୃଷ)
ଅମୃତ ବେଳା: ଦିବା ଘ ୯ ।୩୫ ଗତେ ଘ ୧୨ ।୪୭ ମଧ୍ୟେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର।। - ଶ୍ରୀମଦ୍ ଭଗବଦ୍ ଗୀତା

# ଭାରତର ନିର୍ଭୀକତା ଓ ଦୂରଦର୍ଶିତା

ଭାରତ ନିଜସ୍ୱ ବୈଦେଶିକ ନୀତିକୁ ଭାରସାମ୍ୟ ରଖିବାରେ ସଂପ୍ରତି କେତେ ସଫଳ ତାହା ୟୁକ୍ରେନ ହେଉ କି ଇରାନ ପରିପ୍ରେକ୍ଷୀରେ ବେଶ୍ ପରିଦୃଷ୍ଟ। ସଦ୍‌ଭାବପୂର୍ଣ୍ଣ ଭାବରେ ଏପରି ନୀତିକୁ ବଜାୟ ରଖିଥିବାର ଦୃଶ୍ୟପଟ୍ଟ ରାଷ୍ଟ୍ରର ହିତ ଲାଗି ଉଦ୍ଦିଷ୍ଟ, ଏହା ପ୍ରତୀୟମାନ ହୋଇଛି। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ନିକଟରେ ୟୁକ୍ରେନ ରାଷ୍ଟ୍ରପତି ଜେଲନସ୍କିଙ୍କୁ ଭେଟିଥିଲେ। ଏହି ଅବସରରେ ଦ୍ୱିପାକ୍ଷିକ ଓ ଅନ୍ତର୍ଜାତୀୟ ପ୍ରସଙ୍ଗରେ ଆଲୋଚନା କରିବା ବେଳେ ରୁଷ୍-ୟୁକ୍ରେନ ଯୁଦ୍ଧରେ ଶୀଘ୍ର ବିରାମ ଦିଆଯାଉ, ଭାରତ ଏହା ଚାହୁଁଥିବା ସେ ଦୋହରାଇଥିଲେ। ସେମିତି କିର୍ଗିଜସ୍ତାନ ଠାରେ ୨୬ତମ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓ ଇରାନ ରାଷ୍ଟ୍ରପତି ପେଜେସ୍କିଆନ ମଧ୍ୟରେ ଆୟୋଜିତ ବୈଠକରେ ଏକତ୍ର ହୋଇଥିଲେ, ଏହାକୁ କିନ୍ତୁ ଆମେରିକା ସହ୍ୟ କରିବା ଅବସ୍ଥାରେ ନ ଥିଲା। ସମ୍ଭବତଃ ସେଥିପାଇଁ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ ଯାହା ପରୋକ୍ଷରେ କହିଲେ ତାହାର ଅର୍ଥ ହେଉଛି – ଇରାନକୁ ସାହାଯ୍ୟ କରନାହିଁ। ରୁବିଓ କହିଲେ- 'ମୁଁ ଭାବୁନାହିଁ ଭାରତ ଓ ଇରାନ ମଧ୍ୟରେ କୌଣସି ବାଣିଜ୍ୟିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।' ଏହା ଆମେରିକାର ଭାରତ ପ୍ରତି ଧମକ କହିଲେ ଅତ୍ୟୁକ୍ତି ହେବନାହିଁ।

ଉଲ୍ଲେଖ କରାଯାଇପାରେ ଯେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ରୁଷିଆର ତେଲ କିଣନାହିଁ, କିଣିଲେ ୫୦ ପ୍ରତିଶତ ଟାରିଫ ଲଗାଯିବ ଏପରି ଚେତାବନୀ ସତ୍ତ୍ୱେ ଭାରତ ଆମେରିକା ଆଗରେ ମଥା ନୁଆଁଇ ନାହିଁ। ନାନା ଧମକ ସତ୍ତ୍ୱେ ଗତ ୪ବର୍ଷ ହେବ ଭାରତ ରୁଷିଆରୁ ତୈଳ କ୍ରୟ ଜାରି ରଖିଛି। ଏ ବାବଦରେ ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ଭାରତ ଓ ଭାରତବାସୀଙ୍କ ସ୍ୱାର୍ଥ ଲାଗି ଯାହା କରଣୀୟ ତାହା ହେବ ଗ୍ରହଣୀୟ ଏବଂ ସରକାର ଏହାକୁ କାର୍ଯ୍ୟକାରୀ କରିବେ। ଏପରି ବିବୃତି ଆମେରିକା ବିରୋଧରେ ରୋକ୍‌ଠୋକ୍।

ରୁଷିଆ ଭଳି ୟୁକ୍ରେନ ସହ ଭାରତର ବାଣିଜ୍ୟିକ ସଂପର୍କ ରହିଆସିଛି। ଯଦିଓ ରୁଷ -ୟୁକ୍ରେନ ଯୁଦ୍ଧ କାରଣରୁ କିଛି ପ୍ରଭାବିତ ହୋଇଛି। ଏହା ସତ୍ତ୍ୱେ ବିଶେଷ କରି ଗ୍ରାହକ ଚାହିଦା ଥିବା ବିଭିନ୍ନ ସାମଗ୍ରୀ, ଔଷଧ, ମେସିନାରୀ, ଖାଇବା ତେଲ, ସାର, କେମିକାଲ ପ୍ରଭୃତିର ବାଣିଜ୍ୟିକ ସଂପର୍କ ଭାରତ ପକ୍ଷରୁ ବଜାୟ ରଖାଯାଇଛି। ଯଦି ୟୁକ୍ରେନ ସହ ଯୁଦ୍ଧ ବନ୍ଦ ହୁଏ, ତେବେ ବାଣିଜ୍ୟିକ ସଂପର୍କ ଆଗକୁ ବଢିପାରିବ ତାହା ଭାରତ ଭଲ ଭାବରେ ଜାଣେ, ତେଣୁ ନିକଟରେ ପୁଟିନଙ୍କ ଭେଟବେଳେ କୂଟନୈତିକ ତଥା ଶାନ୍ତିପୂର୍ଣ୍ଣ ଆଲୋଚନା ଦ୍ୱାରା ରୁଷ-ୟୁକ୍ରେନ ସଂଘର୍ଷର ଅବସାନ ଘଟିପାରିବ ବୋଲି ମତବ୍ୟକ୍ତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦି ଏଥିନେଇ ଗାନ୍ଧୀ ଓ ବୁଦ୍ଧଙ୍କ ଅହିଂସା ଏବଂ ଶାନ୍ତିମାର୍ଗ ଉପରେ ଗୁରୁତ୍ୱାରୋପ କରିଥିଲେ। 'ଶାନ୍ତିର ଆବଶ୍ୟକତା' ଉପରେ ଭାରତର ସ୍ପଷ୍ଟ ସ୍ଥିତି ନେଇ ଜୟଶଙ୍କର ଜେଲେନସ୍କିଙ୍କ ସହ ଆଲୋଚନାବେଳେ ସ୍ମରଣ କରାଇଥିଲେ।

ସ୍ମରଣ କରାଯାଇପାରେ ଯେ, ଗତ ପ୍ରାୟ ଦୁଇ ସପ୍ତାହ ହେବ ରୁଷ-ୟୁକ୍ରେନ ମଧ୍ୟରେ ସଂଘର୍ଷ ତୀବ୍ର ସ୍ଥିତିରେ ରହିଛି। ଏବଂ ଏପରି ସ୍ଥିତିରେ ଜୟଶଙ୍କରଙ୍କ ଗସ୍ତ ବଡ଼ କୂଟନୈତିକ ଗୁରୁତ୍ୱ ବହନ କରେ, ଏହା ନିଃସନ୍ଦେହ। ଇରାନ ହେଉ କି ୟୁକ୍ରେନ ଅବା ରୁଷ ସହ ଭେଟବେଳେ ଭାରତୀୟ ନେତାଙ୍କ ସଂଯମତା, ଦୂରଦର୍ଶିତା, ସର୍ବୋପରି ରାଷ୍ଟ୍ର ହିତର ଗୁରୁତ୍ୱ ବେଶ୍ ପ୍ରାଧାନ୍ୟ ବହନ କରିଥିବା ଲକ୍ଷ୍ୟଣୀୟ।

# ଗୁରୁ ହିଁ ଶ୍ରେଷ୍ଠ

**ରବିନାରାୟଣ ପଟ୍ଟନାୟକ**

'ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ, ଗୁରୁ ସାକ୍ଷାତ, ପରମ ବ୍ରହ୍ମ, ତସ୍ମୈ ଗୁରବେ ନମଃ' । ସଂସାରରେ ଯଦି କେହି ବଡ ଥାଏ ତେବେ ସେ ହେଉଛନ୍ତି ଗୁରୁ । ତାଙ୍କୁ ଠାରୁ ଶ୍ରେଷ୍ଠ ଦୁନିଆରେ କେହି ନାହାନ୍ତି । ତେଣୁ ସେ ସର୍ବଦା ପୂଜନୀୟ । ଗୁରୁ-ଶିଷ୍ୟ ସମ୍ପର୍କ ଆମ ଜୀବନର ଏକ ଅଂଶ। ପ୍ରାଚୀନ କାଳରୁ ଗୁରୁଙ୍କୁ ଭାରତୀୟ ସମାଜ ଦ୍ୱାରା ସର୍ବୋଚ୍ଚ ସ୍ଥାନ ଦିଆଯାଇଛି କାରଣ ଗୁରୁଙ୍କର ମହାନତାର ତୁଳନା ନାହିଁ। ଜୀବନରେ ଜ୍ଞାନ, ସୁଖ, ସମୃଦ୍ଧି ଗୁରୁଙ୍କ କୃପାରୁ ହିଁ ମିଳିଥାଏ । ଶାସ୍ତ୍ରରେ ଗୁରୁମାନଙ୍କୁ ଈଶ୍ୱର ସହ ତୁଳନା କରାଯାଏ । ସିଏ ହିଁ ଗୁରୁ, ଯିଏ ଆମକୁ ଅଜ୍ଞାନ ରୂପକ ଅନ୍ଧକାରରୁ ବାଟ କଢ଼େଇ ଜ୍ଞାନ ରୂପକ ଆଲୋକର ରାସ୍ତା ଦେଖାନ୍ତି। ଯାହାଙ୍କ ପ୍ରଦତ୍ତ ଜ୍ଞାନରେ ଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିହୁଏ। ଯୁଗେ ଯୁଗେ ଗୁରୁ ଶିଷ୍ୟ ସମ୍ପର୍କ ଅତୁଟ ରହିଛି । ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ୧୮୮୮ ମସିହା ଆଜିର ତାରିଖ ଅର୍ଥାତ୍ ସେପ୍ଟେମ୍ବର ୫ ତାରିଖରେ ଜନ୍ମଗ୍ରହଣ କରିଥିଲେ । ରାଷ୍ଟ୍ରପତି ଡକ୍ଟର ରାଧାକ୍ରିଷ୍ଣନ୍‌ଙ୍କ ଜନ୍ମ ଦିନକୁ ଛାତ୍ରଛାତ୍ରୀମାନେ 'ରାଧାକ୍ରିଷ୍ଣନ୍ ଦିବସ' ରୂପେ ପାଳନ କରିବାକୁ ଅନୁମତି ମାଗିଥିଲେ । ହେଲେ ରାଧାକ୍ରିଷ୍ଣନ୍ ଏଥିରେ ରାଜି ହୋଇ ନଥିଲେ । ଜନ୍ମଦିନ ପାଳନ ନ କରି ବରଂ ଗୁରୁ ଦିବସ' ରୂପେ ପାଳନ କରାଯାଉ ବୋଲି ମତ ଦେଇଥିଲେ ।ସେହିଦିନଠାରୁ ସେପ୍ଟେମ୍ବର ୫ ତାରିଖକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି ।



ଗୋଟିଏ ପିଲା ପାଇଁ ପ୍ରଥମ ଗୁରୁ ହେଉଛନ୍ତି ତା' ପିତାମାତା । ପିତାମାତା ପିଲାଙ୍କୁ ଯାହା ଶିକ୍ଷା ଦିଅନ୍ତି ପିଲା ସେଇ ମାର୍ଗରେ ଯାଆନ୍ତି । କିଛିଦିନ ତଳେ ଏହି ଲେଖକ ଟ୍ରେନ୍‌ରେ ଯାଉଥିବା ସମୟରେ ଆଗରେ ବାପା ଆଉ ପୁଅ ଦୁଇ ଜଣ ବସିଥିଲେ ସାମ୍ନା ସିଟ୍‌ରେ । ପୁଅ ବୟସ ୧୦ ରୁ ୧୨ ବର୍ଷ ମଧରେ ହବ । ବାପା ଜଣଙ୍କ ଗୋଟିଏ ବହି ଧରିକି ପଢୁଥାନ୍ତି । ତାଙ୍କ ପାଖରେ ଥିବା ପୁଅ ମଧ ଗୋଟେ ବହି ପଢିବାରେ ବ୍ୟସ୍ତ ଥାଏ । ସ୍ୱାଭାବିକ ଭାବେ ଆଜିର ସମୟରେ ଯେଉଁଠି ଛୋଟ ପିଲା ମୋବାଇଲ ଫୋନ୍ ବିନା ଖାଇବା ମଧ ଖାଉ ନାହାନ୍ତି ସେଇ ସମୟରେ ଜଣେ ବହି ପ୍ରତି ଆଗ୍ରହ ଦେଖେଇବା ଆନନ୍ଦର ବିଷୟ ଥିଲା ଏହି ଲେଖକଙ୍କ ପାଇଁ । କିଛି ସମୟ ପରେ ତାଙ୍କ ବାପାଙ୍କୁ ଏହି ଲେଖକ ପଚାରିଲେ, ଯେତେବେଳେ ଛୋଟ ପିଲା ଫୋନ୍ ପଛରେ ପଡ଼ିଛନ୍ତି ଆପଣ କେମିତି ଶିକ୍ଷା ଦେଇଛନ୍ତି ଫଳରେ ପିଲାଟି ବହି ପ୍ରତି ଏତେ ଆଗ୍ରହ ଅଛି । ତାଙ୍କ ଉତ୍ତର ମତେ ଚିନ୍ତା କରିବାକୁ ବାଧ କରିଲା ।ତାଙ୍କ ଉତ୍ତର ଥିଲା- ଛୋଟ ପିଲାର ବୁଦ୍ଧି ନ ଥାଏ ସେମାନେ ସେୟା କରନ୍ତି ଯାହା ସେମାନେ ନିଜ ବାପା ମା କରିବାର ଦେଖନ୍ତି । ପ୍ରକୃତରେ ତାଙ୍କ ଉତ୍ତର ଏହି ଲେଖକଙ୍କୁ ପ୍ରଭାବିତ କରିଥିଲା। ଛୋଟ ପିଲାଟି କଣ ବା ଦୁନିଆ ବିଷୟରେ ଜାଣିଥାଏ। ସେ ତ ସେୟା କରେ ଯାହା ସେ ନିଜ ପାଖ ପରିବେଶରୁ ଦେଖେ । ସବୁଠୁଁ ଅଧିକ ପ୍ରଭାବ ନିଜ ପିତା ମାତାଙ୍କ ଠାରୁ ପଡ଼ିଥାଏ । ତେଣୁ ବାପା ମାଆ ପ୍ରାଥମିକ କର୍ତ୍ତବ୍ୟ ଛୋଟ ପିଲା ବେଳୁ ନିଜ ପିଲାର ସଠିକ୍ ମାର୍ଗରେ ନେବା । ତା ହେଲେ ଯାଇକି ଆମେ ଗୋଟେ ପିଲାକୁ ସଠିକ୍ ଭାବେ ଗଢି ତୋଳି ପାରିବା।

ଯେ କୌଣସି କର୍ମ ବା ଧର୍ମ ହେଉ ନା କାହିଁକି ବିନା ଗୁରୁରେ ପୂର୍ଣ୍ଣତା ଆସେ ନାହିଁ। ଗୁରୁ ସେ କେବେ ପାଠ ଶିକ୍ଷା ଦିଅନ୍ତି ତ କେବେ ସମାଜରେ ବଞ୍ଚିବାକୁ ଶିଖାନ୍ତି, କେବେ ସେ ଲହୁଣୀ ପରି କୋମଳ ତ କେବେ ସେ ଛାଟ ଧରି ଅନୁସନ୍ଧାନ କରିବାକୁ ଧୁରନ୍ଧର । ସେ ଅନ୍ୟ କେହି ନୁହେଁ ଜୀବନର ପ୍ରତ୍ୟେକଟି ସୋପାନ ଯାହା ବିନା ଅଧୁରା ସେ ହିଁ ଗୁରୁ ।

ପଟିଆ, ଭୁବନେଶ୍ୱର
ମୋ-୯୯୩୮୧୧୩୨୨୬

# ଶିକ୍ଷକ : ଆଗାମୀ ଭାରତର ରୂପକାର

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**

> ଶିକ୍ଷାଦାନ କାର୍ଯ୍ୟ କେବଳ ଶିକ୍ଷକମାନଙ୍କ ଠାରେ ସୀମାବଦ୍ଧ ନୁହେଁ। ବରଂ ନିଜର ଆଚରଣ ଓ ଉପଲବ୍ଧି ମାଧ୍ୟମରେ ପିଲାଙ୍କ ପାଇଁ 'ରୋଲ୍ ମଡେଲ୍' ସାଜୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଶିକ୍ଷା ଓ ପ୍ରେରଣାର ଅମୂଲ୍ୟ ଉତ୍ସ ଅଟନ୍ତି ।

ଶିକ୍ଷକ ଭାଗ୍ୟ ଓ ଭବିଷ୍ୟର ରୂପକାର ଅଟନ୍ତି । ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭିତରେ ବିଦ୍ୟା, ଦକ୍ଷତା, ନୈତିକତା ଏବଂ ପ୍ରେରଣା ସଞ୍ଚାର କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଦେଶବାସୀଙ୍କ ତରଫରୁ ଗୁରୁ ଦିବସ ଅବସରରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଏହା ସର୍ବଜନବିଦିତ ଯେ ଆମ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଇଚ୍ଛା ଥିଲା - ତାଙ୍କ ଜନ୍ମଦିନ 'ଗୁରୁ ଦିବସ' ଭାବେ ପାଳିତ ହେଉ । ସେ ଏକାଧାରେ ଥିଲେ ଜଣେ ପୃଥିବୀ ପ୍ରସିଦ୍ଧ ବିଦ୍ୱାନ, ଲେଖକ ଓ ରାଷ୍ଟ୍ରପୁରୁଷ । ତେବେ ଶିକ୍ଷକଙ୍କ ଭୂମିକା ତାଙ୍କ ପାଇଁ ଥିଲା ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ । ଜନପ୍ରିୟ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କୁ ଏକଦା ପଚରାଯାଇଥିଲା ଯେ ଲୋକେ ତାଙ୍କୁ ଜଣେ ବୈଜ୍ଞାନିକ ଭାବରେ ନା ରାଷ୍ଟ୍ରପତି ଭାବରେ ମନେରଖନ୍ତୁ ବୋଲି ସେ ଚାହାନ୍ତି । କଲାମଙ୍କ ଉତ୍ତର ଥିଲା, ସେ ଜଣେ ଶିକ୍ଷକ ରୂପେ ଲୋକସ୍ମୃତିରେ ରହିବାକୁ ଇଚ୍ଛା କରନ୍ତି ।

ଶିକ୍ଷକ ଶ୍ରଦ୍ଧେୟ ହୁଅନ୍ତୁ ଏବଂ ଶିକ୍ଷାର୍ଥୀ ଶ୍ରଦ୍ଧାବାନ ହୁଅନ୍ତୁ, ଏହା ଆମର ଆଦର୍ଶ ହୋଇ ରହିଆସିଛି । ଆମ ପୁରାତନ ଗ୍ରନ୍ଥାବଳୀରେ ଉଲ୍ଲେଖ ରହିଛି ଯେ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ନିଜର ସନ୍ତାନତୁଲ୍ୟ ଭଲ ପାଆନ୍ତୁ, ଭେଦଭାବ ନ ରଖି ସେମାନଙ୍କୁ ସମଦୃଷ୍ଟିରେ ଦେଖନ୍ତୁ, ସେମାନଙ୍କ ଉପରେ କ୍ରୋଧ ମନୋଭାବ ନ ରଖନ୍ତୁ, ଧୈର୍ଯ୍ୟବାନ ହୁଅନ୍ତୁ, ବିଦ୍ୟାର୍ଥୀଙ୍କ ମଙ୍ଗଳ ପ୍ରତି ଦୃଷ୍ଟି ନିବଦ୍ଧ କରନ୍ତୁ ଏବଂ ସେମାନଙ୍କ ଆହରଣ ଶକ୍ତି ଅନୁଯାୟୀ ଶିକ୍ଷାଦାନ କରନ୍ତୁ । ଏପରି ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ପ୍ରାୟ ତିନି ହଜାର ବର୍ଷ ତଳେ ତୈତ୍ତିରୀୟ ଉପନିଷଦର 'ଶିକ୍ଷାବଲ୍ଲୀ'ରେ 'ଆଚାର୍ଯ୍ୟଦେବୋ ଭବ'ର ବାର୍ତ୍ତା ପ୍ରଦାନ କରାଯାଇଛି ।

ସୌଭାଗ୍ୟବଶତଃ, ମୋ ବିଦ୍ୟାର୍ଥୀ ଜୀବନରେ ମୋତେ ଖୁବ୍ ସ୍ନେହୀ ଓ ଉତ୍ତମ ଶିକ୍ଷକମାନଙ୍କ ମାର୍ଗଦର୍ଶନ ମିଳିଥିଲା । ଆମ ଶିକ୍ଷକମାନେ ସ୍କୁଲ୍ ଛୁଟି ପରେ ବେଳେବେଳେ ନିଜ ଘରେ ଆମମାନଙ୍କୁ ପଢ଼ାଉଥିଲେ ଏବଂ ଆମର ଯତ୍ନ ମଧ ନେଉଥିଲେ । ସପ୍ତମ ଶ୍ରେଣୀ ପରେ ନିଜ ଗାଁ ବାହାରକୁ ଯାଇ ପାଠ ପଢ଼ିବାରେ ମୁଁ ଥିଲି ପ୍ରଥମ ଛାତ୍ରୀ । ପାଠପଢ଼ାର ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱରରେ ମଧ ମୋତେ ଶିକ୍ଷକମାନଙ୍କ ଠାରୁ ବିପୁଳ ସ୍ନେହ ଓ ମାର୍ଗଦର୍ଶନ ମିଳିଥିଲା ଓ ମୁଁ ଏଠାରେ ବିନମ୍ର ସହକାରେ ମୋ ଶିକ୍ଷକମାନଙ୍କ କଥା ଏଥିପାଇଁ ଉଲ୍ଲେଖ କରୁଛି କି ସ୍ନେହୀ ଓ ଉତ୍ସର୍ଗୀକୃତ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସବୁବେଳେ ଅସରନ୍ତି ସାମର୍ଥ୍ୟ ଓ ପ୍ରେରଣା ସଞ୍ଚାର କରିଥାନ୍ତି । ଏଥିରୁ ଶକ୍ତି ଆହରଣ କରି ବିଦ୍ୟାର୍ଥୀମାନଙ୍କ ଭିତରେ ଯେ କୌଣସି ଆହ୍ୱାନର ସମ୍ମୁଖୀନ ହେବା ଏବଂ ବଡ଼ ବଡ଼ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଉତ୍ସାହ ଅବ୍ୟାହତ ରହିଥାଏ । ମୋ ମତରେ, ଶିକ୍ଷକମାନେ ପାଠ୍ୟକ୍ରମ ଅନୁସାରେ ତ ପଢ଼ାନ୍ତି, ତତ୍ ସଙ୍ଗେସଙ୍ଗେ ବିଦ୍ୟାର୍ଥୀମାନଙ୍କୁ ନିଜର ଆଚାରବିଚାର ମାଧ୍ୟମରେ ବଞ୍ଚିବାର କଳା ବି ଶିଖାଇଥା'ନ୍ତି । ଏଣୁ ଶିକ୍ଷକ ବିଦ୍ୟାର୍ଥୀମାନଙ୍କର କେବଳ ମାର୍ଗଦର୍ଶକ ନୁହଁନ୍ତି, ସେମାନଙ୍କର ଶୁଭଚିନ୍ତକ, ମିତ୍ର ଓ ସହଯାତ୍ରୀ ମଧ ଅଟନ୍ତି ।

ଜଣେ ଶ୍ରେଷ୍ଠ ଶିକ୍ଷକଙ୍କ ବିଶେଷତ୍ୱ ସମ୍ପର୍କରେ ଆମ ସଂସ୍କୃତି ଓ ପରମ୍ପରାରେ ପ୍ରାଚୀନ କାଳରୁ ପ୍ରଚଳିତ ବିଚାର ଆଜି ବି ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ମନେହୁଏ । କେତେ ଶତାବ୍ଦୀ ପୂର୍ବେ ମହାକବି କାଳିଦାସ ସ୍ୱୀୟ ନାଟକ 'ମାଳବିକାଗ୍ନିମିତ୍ରମ୍'ରେ କହିଛନ୍ତି, ଯେଉଁ ଅଧ୍ୟାପକ ବିପୁଳ ଜ୍ଞାନର ଅଧିକାରୀ ଏବଂ ନିଜର ଜ୍ଞାନକୁ ବୋଧଗମ୍ୟ କରିବାକୁ ସମର୍ଥ, ସେ ହିଁ ଉତ୍ତମ ଶିକ୍ଷକ ପଦବାଚ୍ୟ ।

ସଂସ୍କୃତର ଏକ ଲୋକପ୍ରିୟ ପ୍ରବାଦ ଅନୁସାରେ : 'ସର୍ବତ୍ର ବିଜୟମ୍ ଇଚ୍ଛେତ୍ ଶିଷ୍ୟାତ୍ ଇଚ୍ଛେତ୍ ପରାଜୟମ୍' । ଏହାର ମର୍ମାର୍ଥ ହେଉଛି, ସମସ୍ତଙ୍କ ଠାରୁ ବିଜୟ କାମନା କରିବା ଉଚିତ କିନ୍ତୁ ଶିଷ୍ୟ ଠାରୁ ପରାଜୟ ଲାଭର ଇଚ୍ଛା ରଖିବା ଉଚିତ । ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାକୁ ପ୍ରୋତ୍ସାହନ ଦେବା, ଜିଜ୍ଞାସା ଉଦ୍ରେକ କରିବା, ପ୍ରଶ୍ନ ପଚାରିବାର ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେବା, ତର୍କ-ଶକ୍ତିର ବିକାଶ ଘଟାଇବା ଏବଂ ସେମାନଙ୍କ ବ୍ୟକ୍ତିତ୍ୱ ଗଠନରେ ସହାୟକ ହେବା - ଏସବୁ ହେଉଛି ଶିକ୍ଷାଦାନର ଗୋଟେ ଗୋଟେ ପ୍ରେରଣାଦାୟୀ ଓ ପ୍ରଭାବଶାଳୀ ଦିଗ । ଏତାଦୃଶ ପ୍ରେରଣାପ୍ରଦ ଶିକ୍ଷାରୁ ସଫଳ ଉଦ୍ୟୋଗୀ,



ପ୍ରତିଭାବାନ ବୈଜ୍ଞାନିକ, ସୃଜନଶୀଳ କଳାକାର ଏବଂ ସମାଧାନ ଅନ୍ୱେଷୀ ନାଗରିକ ପିଢ଼ିର ନିର୍ମାଣ ସମ୍ଭବ ।

ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ମଧ ଏକ ବ୍ରତ । ଏହା କେବଳ ବେଉସା ବା ଚାକିରି ନୁହେଁ, ଏହା ହେଉଛି ମାନବିକତା ନିର୍ମାଣ ଦିଗରେ ଏକ ମହତ କାର୍ଯ୍ୟ । ଏହା ଉତ୍ତର ପିଢ଼ି ନିମନ୍ତେ ମାର୍ଗ ପ୍ରଶସ୍ତ କରିବା ଦିଗରେ ଏକ ସତ୍କାର୍ଯ୍ୟ ମଧ।

ଶିକ୍ଷାଦାନ ସହିତ ଜଡ଼ିତ ସ୍ମୃତିସବୁରୁ ମୁଁ ଅଶେଷ ଶାନ୍ତିଲାଭ କରେ । ମୁଁ ରାଇରଙ୍ଗପୁର ଠାରେ ଥିବା ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇଛି । ପାଠ ପଢ଼ାଇବା ବ୍ୟତୀତ ମୁଁ ପିଲାମାନଙ୍କ ସଙ୍ଗେ ମିଶି ଗୀତ – ସଙ୍ଗୀତ, ଖେଳକୁଦ ଓ ନାଟକ ପ୍ରସ୍ତୁତିରେ ସେମାନଙ୍କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିଛି । ସ୍ୱାଧୀନତା ଦିବସ ଓ ଜନରାଜ୍ୟ ଦିବସର ପ୍ରସ୍ତୁତି ଓ ପାଳନ ଅବସରରେ ପିଲାମାନଙ୍କର ଉତ୍ସାହକୁ ମନେ ପକାଇ ମୁଁ ଆଜି ମଧ ରୋମାଞ୍ଚିତ ହୁଏ । ବିଦ୍ୟାର୍ଥୀମାନଙ୍କୁ ରମଣୀୟ ପ୍ରାକୃତିକ ସ୍ଥଳୀଗୁଡ଼ିକରେ ବଣଭୋଜି ପାଇଁ ନେଇଯିବା ଏବଂ ଖେଳ ମାଧ୍ୟମରେ ସେମାନଙ୍କୁ ନାନା ଜୀବଜନ୍ତୁ ଓ ବୃକ୍ଷଲତା ବିଷୟରେ ଅବଗତ କରିବା ଆଦି ମୋତେ ସାର୍ଥକ ଲାଗିଥିଲା ଓ

ସ୍କୁଲ୍ ପଢ଼ା ସରିବାର ଏତେ ବର୍ଷ ପରେ ମଧ ମୋ ଛାତ୍ରଛାତ୍ରୀମାନେ ମୋତେ ସେମାନଙ୍କ ପାରିବାରିକ ଉତ୍ସବ ଆଦିକୁ ନିମନ୍ତ୍ରଣ କରିଆସୁଛନ୍ତି । ଅନେକ ଛାତ୍ରଛାତ୍ରୀଙ୍କ ଭଲ ନାଁ ଯେ କେବଳ ମୋର ମନେ ଅଛି ତା' ନୁହେଁ, ସେମାନଙ୍କ ଡାକ ନାଁ ମଧ ମୋର ମନେ ଅଛି । ମୁଁ ଯେଉଁ ପିଲାମାନଙ୍କୁ ପଢ଼ାଇଛି, ସେମାନଙ୍କ ଠାରୁ ଅନେକ କିଛି ଶିଖିଛି ମଧ । ମୋ ବିଚାରରେ, ପିଲାମାନଙ୍କ ସରଳତା ଓ ଜିଜ୍ଞାସା ଶିକ୍ଷକମାନଙ୍କୁ ଅନେକ କିଛି ଶିଖାଇଥାଏ ।

ରାଷ୍ଟ୍ରପତି ଭାବେ ମୋ କାର୍ଯ୍ୟକାଳକୁ ଦୁଇ ବର୍ଷ ପୂରିବା ଅବସରର ମୁଁ ରାଷ୍ଟ୍ରପତି ଭବନସ୍ଥ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପରିବେଶ ସଂରକ୍ଷଣ ବିଷୟ ପଢ଼ାଇଥିଲି ଏବଂ ସେମାନଙ୍କ ସହ କଥାବାର୍ତ୍ତା ବି ହୋଇଥିଲି । ବିଦ୍ୟାର୍ଥୀମାନଙ୍କ ସହ ମିଶିବା ଓ ସେମାନଙ୍କ ଚିନ୍ତାଧାରାକୁ ବୁଝିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରିଆସିଛି । ସେମାନଙ୍କ କଥାକୁ ମୁଁ ସର୍ବଦା ମୋ ମନରେ ରଖିଆସିଛି । ପ୍ରାୟ ଏଗାର ବର୍ଷ ତଳେ ମୁଁ ମୋ ଗାଁର ନିଜ ଜାଗାରେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲି । ସେହି ବିଦ୍ୟାଳୟରେ ଅନାଥ ଓ ବଞ୍ଚିତ ପରିବାରର ପିଲାମାନେ ଶିକ୍ଷାଲାଭ କରନ୍ତି । ସେହି ପିଲାମାନଙ୍କୁ ଭେଟିବା ପାଇଁ ମୁଁ ସେଠାକୁ ଯିବାଆସିବା କରୁଛି । ଏ ବର୍ଷ ଜୁନ୍ ୨୦ ତାରିଖରେ ମୋ ଜନ୍ମଦିନରେ ସେହି ପିଲାମାନଙ୍କୁ ଭେଟି ମୁଁ ବେଶ୍ ଆନନ୍ଦ ଲାଭ କଲି । ସେ ଦିନ ମୋ ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ ସେହି ବିଦ୍ୟାଳୟକୁ ଯାଇ ପିଲାମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ। ତାଙ୍କ ସହ ମିଶିବାର ସ୍ୱତନ୍ତ୍ର ଅନୁଭୂତି ପିଲାମାନଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହୋଇ ରହିବ ଓ ସେହି ପିଲାମାନଙ୍କ ଉନ୍ନତି ଦେଖିଲେ ମୋତେ ବିଶେଷ ସାର୍ଥକତା ବୋଧ ହୁଏ ।

ଶିକ୍ଷାଦାନ କାର୍ଯ୍ୟ କେବଳ ଶିକ୍ଷକମାନଙ୍କ ଠାରେ ସୀମାବଦ୍ଧ ନୁହେଁ । ବରଂ ନିଜର ଆଚରଣ ଓ ଉପଲବ୍ଧି ମାଧ୍ୟମରେ ପିଲାଙ୍କ ପାଇଁ 'ରୋଲ୍ ମଡେଲ୍' ସାଜୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଶିକ୍ଷା ଓ ପ୍ରେରଣାର ଅମୂଲ୍ୟ ଉତ୍ସ ଅଟନ୍ତି ।

ପିତାମାତା ଓ ଅଭିଭାବକ କେତେ ଆଶା ଭରସା ସହିତ ନିଜ ପିଲାଙ୍କୁ ଶିକ୍ଷକଙ୍କ ପାଖରେ ଛାଡ଼ିଥା'ନ୍ତି । ସେମାନଙ୍କର ବିଶ୍ୱାସ ଥାଏ ଯେ ଶିକ୍ଷକ ସେମାନଙ୍କ ପିଲାଙ୍କୁ ନିଜର ମଣି ତାଙ୍କ ସୁରକ୍ଷା ଓ ପ୍ରଗତି ପ୍ରତି ଯତ୍ନବାନ ହେବେ । ଏହି ପବିତ୍ର ଆସ୍ଥା ପ୍ରତି ସମ୍ମାନ ଜଣାଇବା ପ୍ରତ୍ୟେକ ଶିକ୍ଷକଙ୍କର ଧର୍ମ । ଶିକ୍ଷକମାନଙ୍କର ମନୋବୃତ୍ତି, ଆଚରଣ ଓ ବ୍ୟବହାର ଏପରି ହେବା ଉଚିତ ଯଦ୍ୱାରା ପିଲାମାନଙ୍କ ମନରେ ଭୟ ବା ଆଶଙ୍କା ନ ଉପୁଜିବ, ସେମାନଙ୍କ ମନୋବଳ ନ ଭାଙ୍ଗିବ ଏବଂ ସେମାନଙ୍କ ମଧ୍ୟରେ ହୀନମନ୍ୟତା ଦେଖା ନଦେବ । ବିଦ୍ୟାର୍ଥୀମାନେ ଯେପରି ବ୍ୟକ୍ତିତ୍ୱ ବିକାଶର ଶିଖର ଛୁଇଁବେ, ଏହା ସୁନିଶ୍ଚିତ କରିବାର ଗୁରୁଦାୟିତ୍ୱ ଉତ୍ତମ ଶିକ୍ଷକମାନଙ୍କ ଠାରେ ନ୍ୟସ୍ତ ରହିଛି ।

ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢ଼ିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏକ ପୁଣ୍ୟ କର୍ମ । ନୈତିକତାର ପଥରେ ପରିଚାଳିତ ହୋଇ ସମୃଦ୍ଧି ଓ ଯଶ ଲାଭ କରୁଥିବା ବିଦ୍ୟାର୍ଥୀମାନେ ହିଁ ଶିକ୍ଷକଙ୍କ ସଫଳତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି ।

ଆମ ଦେଶ ସାମାଜିକ ଅନ୍ତର୍ଭୁକ୍ତୀକରଣ ସହିତ ବିକଶିତ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ପ୍ରାପ୍ତି ଦିଗରେ ଅଗ୍ରସର ହେଉଛି । ମୁଁ ଚାହେଁ, ବିକାଶର ଏହି ଯାତ୍ରାରେ ଆମ ଶିକ୍ଷକଗଣ ଏପରି ପିଢ଼ିର ନିର୍ମାଣ କରନ୍ତୁ, ଯିଏ ଆମ ସଂସ୍କୃତିର ଗୌରବମୟ ପରମ୍ପରାର ଗୁରୁତ୍ୱ ଉପଲବ୍ଧି କରିବେ, ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ମାନବଜାତିର ହିତ ପାଇଁ କାର୍ଯ୍ୟ କରିବେ, ଅନ୍ତୋଦୟର ଆଦର୍ଶକୁ ଆତ୍ମସ୍ଥ କରିବେ, ପରିବେଶ ଓ ପଶୁପକ୍ଷୀଙ୍କ ସଂରକ୍ଷଣରେ ସକ୍ରିୟ ରହିବେ, ବ୍ୟକ୍ତିଗତ ଓ ସାମୂହିକ ଗତିବିଧିରେ ଉତ୍କର୍ଷ ଲାଭ କରିବେ ତଥା 'ରାଷ୍ଟ୍ର ସର୍ବୋପରି' ମନୋଭାବ ଘେନି ଆଗକୁ ବଢ଼ିବେ । ଦେଶବାସୀଙ୍କୁ ମୋର ଅନୁରୋଧ, ସେମାନେ ନିଷ୍ଠାବାନ ଶିକ୍ଷକମାନଙ୍କୁ ସର୍ବଦା ସମ୍ମାନାସ୍ପଦ ମଣନ୍ତୁ । ସମର୍ପିତ ଶିକ୍ଷକମାନଙ୍କ ଯୋଗଦାନ ବଳରେ ଭାରତ ପଢ଼ିଚାଲୁ ଓ ବେଶ୍ ଆଗକୁ ବଢ଼ିଚାଲୁ, ଏହା ମୋର ଆନ୍ତରିକ କାମନା ।

**ଭାରତର ରାଷ୍ଟ୍ରପତି, ନୂଆଦିଲ୍ଲୀ**

# ମନ୍ଦିର ପାଲଟୁଛି ସେଲ୍ଫି ପଏଣ୍ଟ

**ସୌଜନ୍ୟ କୁମାର ପରିଡ଼ା**

> ପରବର୍ତ୍ତୀ ଥର ମନ୍ଦିରକୁ ଯିବାବେଳେ ମୋବାଇଲ୍ କ୍ୟାମେରା ଅନ୍ କରିବା ପୂର୍ବରୁ ମନର କ୍ୟାମେରାଟିକୁ ଥରେ ଅନ୍ କରିବା। ନିଜକୁ ପଚାରିବା—ମୁଁ ଠାକୁରଙ୍କୁ ଦେଖିବାକୁ ଆସିଛି, ନା ଠାକୁରଙ୍କ ସହ ନିଜକୁ ଦେଖାଇବାକୁ ? ପୂଜାର ଅର୍ଥ ପ୍ରଦର୍ଶନ ନୁହେଁ, ପରିବର୍ତ୍ତନ। ମନ୍ଦିରରେ ଫଟୋ ତୋଳିବାଠାରୁ ମନରେ ଭକ୍ତିର ଛବି ତୋଳିବା ହିଁ ଆଜିର ସବୁଠାରୁ ବଡ଼ ଆବଶ୍ୟକତା।

ମନ୍ଦିର ମନର ଶାନ୍ତିର ଠିକଣା। ଭକ୍ତି, ବିଶ୍ୱାସ, ଆତ୍ମସମର୍ପଣ ଓ ଆଧ୍ୟାତ୍ମିକ ଚେତନାର ପବିତ୍ର ପରିବେଶରେ ମଣିଷ କିଛି ମୁହୂର୍ତ୍ତ ପାଇଁ ନିଜକୁ ସଂସାରର କୋଳାହଳରୁ ଦୂରରେ ରହେ। ହାତ ଯୋଡ଼ି ଠାକୁରଙ୍କ ସମ୍ମୁଖରେ ଠିଆ ହୋଇ ମଣିଷ ନିଜର ଦୁଃଖ, ଚିନ୍ତା ଓ ଅଭିମାନକୁ ଭଗବାନଙ୍କ ପାଦପଦ୍ମରେ ସମର୍ପଣ କରେ। କିନ୍ତୁ ଆଜିର ଚିତ୍ର କିଛିଟା ଭିନ୍ନ। ଅନେକ ସ୍ଥାନରେ ମନ୍ଦିର ଭକ୍ତିର ସ୍ଥାନ ହୋଇ ରହିବା ସହିତ ଧୀରେଧୀରେ 'ସେଲ୍ଫି ପଏଣ୍ଟ'ର ରୂପ ନେଉଛି।

ଠାକୁରଙ୍କ ଦର୍ଶନ ପୂର୍ବରୁ ମୋବାଇଲ୍ କ୍ୟାମେରା ଅନ୍। ଦର୍ଶନ ପରେ ମଧ ମୋବାଇଲ୍ କ୍ୟାମେରା ଅନ୍। ମନ୍ଦିରର ସ୍ଥାପତ୍ୟ, ଗର୍ଭଗୃହର ପରିବେଶ, ଦୀପ, ଫୁଲ, ପୂଜା ସାମଗ୍ରୀ ଠାରୁ ଆରମ୍ଭ କରି ନିଜର ମୁହଁ ପର୍ଯ୍ୟନ୍ତ ସବୁକିଛି କ୍ୟାମେରାରେ ବନ୍ଦୀ କରିବାର ଏକ ଅଦୃଶ୍ୟ ପ୍ରତିଯୋଗିତା ଚାଲିଛି। କିଏ କେତେ ସୁନ୍ଦର ଫଟୋ ଉଠାଇଲା, କିଏ କେତେ ଭଲ 'ରିଲ୍' କଲା, କିଏ ସୋସିଆଲ ମିଡିଆରେ କେତେ ଲାଇକ୍ ପାଇଲା, ତାହା ମଧ ଆଜିର ତୀର୍ଥଯାତ୍ରାର ଏକ ଅଘୋଷିତ ମାପଦଣ୍ଡ ହୋଇଯାଇଛି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଆମେ ମନ୍ଦିରକୁ ଯାଉଛୁ କାହିଁକି ? ଭଗବାନଙ୍କୁ ଦେଖିବା ପାଇଁ, ନା ଭଗବାନଙ୍କ ସହ ନିଜର ଫଟୋ ଦୁନିଆକୁ ଦେଖାଇବା ପାଇଁ ?

ମୋବାଇଲ୍ ଓ ସୋସିଆଲ ମିଡିଆ ଆଧୁନିକ ଜୀବନର ଅବିଚ୍ଛେଦ୍ୟ ଅଂଶ। ଏହାକୁ ସମ୍ପୂର୍ଣ୍ଣ ଖରାପ ବୋଲି କହିବା ମଧ ଠିକ୍ ନୁହେଁ। ଦୂରରେ ଥିବା ପରିବାରକୁ ମନ୍ଦିର ଦର୍ଶନ ଦେଖାଇବା, ଐତିହାସିକ ସ୍ଥାନର ସୂଚନା



ପ୍ରଚାର କରିବା, ଧାର୍ମିକ ଓ ସାଂସ୍କୃତିକ ପରମ୍ପରାକୁ ନୂଆ ପିଢ଼ି ପାଖରେ ପହଞ୍ଚାଇବାରେ ପ୍ରଯୁକ୍ତିର ଭୂମିକା ଅଛି। ସମସ୍ୟା ପ୍ରଯୁକ୍ତିରେ ନୁହେଁ, ସମସ୍ୟା ହେଉଛି ତାହାର ଅତିରିକ୍ତ ବ୍ୟବହାରରେ।

ଆଜି ଅନେକ ଯୁବକଯୁବତୀ ମନ୍ଦିରରେ ପ୍ରବେଶ କରିବା ପରେ ପ୍ରଥମେ ଦେଖୁଛନ୍ତି କେଉଁଠି ଫଟୋ ଭଲ ଆସିବ। ଆଲୋକ କେଉଁ ଦିଗରୁ ପଡୁଛି, ପଛପଟେ ମନ୍ଦିରର ଗୋପୁର ଦେଖାଯିବ କି ନାହିଁ, ଭିଡିଓରେ କେଉଁ ଗୀତ ଲଗାଇବେ, କେଉଁ 'କ୍ୟାପ୍ସନ୍' ଦେବେ, ସେଥିପାଇଁ ଚିନ୍ତା ଅଧିକ। ଠାକୁରଙ୍କ ସମ୍ମୁଖରେ ଦୁଇ ମିନିଟ୍ ଆଖି ବନ୍ଦ କରି ଠିଆ ହେବା ପାଇଁ ସମୟ ନାହିଁ, କିନ୍ତୁ ଦଶଟି ଫଟୋ ଓ ତିନୋଟି ରିଲ୍ କରିବା ପାଇଁ ସମୟ ଅଛି। କେବଳ ଯୁବପିଢ଼ିକୁ ଦୋଷ ଦେଇ ଆମେ ମୁକ୍ତ ହୋଇପାରିବୁ ନାହିଁ। ବଡ଼ମାନେ ମଧ ଏହି ପ୍ରବୃତ୍ତିରୁ ମୁକ୍ତ ନୁହନ୍ତି। ଯେଉଁମାନେ ଯୁବପିଢ଼ିକୁ ସଂସ୍କାର ଓ ଆଧ୍ୟାତ୍ମିକତାର ପାଠ ପଢ଼ାନ୍ତି, ସେମାନଙ୍କ ମଧରୁ ଅନେକେ ମନ୍ଦିରରେ ଫଟୋ ଉଠାଇବା, ଭିଡିଓ କରିବା ଓ ତାହାକୁ ତୁରନ୍ତ ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ପଛରେ ନାହାନ୍ତି। ଅର୍ଥାତ୍ ସମସ୍ୟା କେବଳ ପିଢ଼ିର ନୁହେଁ, ସମସ୍ୟା ହେଉଛି ଆମ ସାମୂହିକ ମନୋଭାବର।

ଭକ୍ତି ଯେତେବେଳେ ପ୍ରଦର୍ଶନରେ ପରିଣତ ହୁଏ, ତାହାର ଗଭୀରତା କମିଯାଏ। ଭଗବାନଙ୍କୁ ଫୁଲ ଦେବା ସମୟରେ ଯଦି ଆମ ମନରେ ଥାଏ 'ଏହାର ଫଟୋ ଭଲ ଆସିବ କି?', ତେବେ ସେଠାରେ ଭକ୍ତି ଅପେକ୍ଷା ପ୍ରଦର୍ଶନ ଅଧିକ ହୋଇଯାଏ। ମନ୍ଦିରରେ ଠିଆ ହୋଇ ଭଗବାନଙ୍କ ନିକଟରେ ନିଜର ଅହଂକାରକୁ ଛାଡ଼ିବା କଥା, କିନ୍ତୁ ଆମେ ସେଠାରେ ନିଜର 'ଇମେଜ୍'କୁ ଆହୁରି ବଡ଼ କରିବାରେ ବ୍ୟସ୍ତ ହେଉଛୁ।

ଏହାର ଆଉ ଏକ ଦିଗ ମଧ ଚିନ୍ତାଜନକ। ଅନେକ ମନ୍ଦିରରେ ଫଟୋ ଓ ଭିଡିଓ କରିବାକୁ ନିଷେଧ ଥିଲେ ମଧ କେତେକ ଭକ୍ତ ତାହାକୁ ଅଣଦେଖା କରନ୍ତି। ନିଷେଧାଦେଶ ଲାଗିଥିବା ସ୍ଥାନରେ ମୋବାଇଲ୍ ଲୁଚାଇ ଫଟୋ ଉଠାଇବା କେବଳ ନିୟମ ଭଙ୍ଗ ନୁହେଁ, ଏହା ଅନ୍ୟ ଭକ୍ତଙ୍କ ଧାର୍ମିକ ଭାବନା ପ୍ରତି ମଧ ଅସମ୍ମାନ। ମନ୍ଦିରରେ ଭିଡ଼ ବଢ଼ିଲେ ସେଲ୍ଫି ନେବା ପାଇଁ ରାସ୍ତା ଅଟକାଇବା, ଅନ୍ୟ ଭକ୍ତଙ୍କୁ ଅପେକ୍ଷା କରାଇବା କିମ୍ବା ପୂଜାର ଶୃଙ୍ଖଳା ଭଙ୍ଗ କରିବା ମଧ ଦେଖିବାକୁ ମିଳୁଛି।

ଆଧ୍ୟାତ୍ମିକତାର ଅର୍ଥ କେବଳ ମନ୍ଦିର ଯିବା ନୁହେଁ। ଭଗବାନଙ୍କ ସମ୍ମୁଖରେ ଠିଆ ହୋଇ ନିଜ ମନକୁ ପଚାରିବା, ନିଜର ଭୁଲକୁ ସ୍ୱୀକାର କରିବା, ଅନ୍ୟର ପ୍ରତି ସମ୍ମାନ ରଖିବା, ଅସହାୟଙ୍କୁ ସାହାଯ୍ୟ କରିବା, ପରିବେଶକୁ ସୁରକ୍ଷା କରିବା ଓ ମଣିଷ ପ୍ରତି ମାନବିକତା ଦେଖାଇବା ମଧ ଭକ୍ତିର ଅଂଶ। ମନ୍ଦିରରେ ଶହେ ଟଙ୍କାର ଫୁଲ ଦେଇ ବାହାରକୁ ଆସି ଜଣେ ଭୋକିଲା ମଣିଷକୁ ଅଣଦେଖା କଲେ ଭକ୍ତିର ଅର୍ଥ କେଉଁଠି ?

ଆମ ମନ୍ଦିରଗୁଡ଼ିକ କେବଳ ଧାର୍ମିକ ସ୍ଥାନ ନୁହେଁ, ସେଗୁଡ଼ିକ ଆମ ଐତିହ୍ୟ, କଳା, ସଂସ୍କୃତି ଓ ସାମୂହିକ ସ୍ମୃତିର ପ୍ରତୀକ। ସେଠାକୁ ଯାଇ ଫଟୋ ନେବା ଅପରାଧ ନୁହେଁ, କିନ୍ତୁ ଫଟୋ ନେବା ଯେତେବେଳେ ଦର୍ଶନଠାରୁ ବଡ଼ ହୋଇଯାଏ, ସେତେବେଳେ ଆମକୁ ନିଜକୁ ପଚାରିବାକୁ ପଡ଼ିବ।

ତେଣୁ ଆବଶ୍ୟକ 'ମୋବାଇଲ୍ ବିରୋଧୀ' ଅଭିଯାନ ନୁହେଁ, ଆବଶ୍ୟକ 'ସଂଯମୀ ବ୍ୟବହାର'ର ସଂସ୍କୃତି। ଯେଉଁଠାରେ ନିଷେଧ ଅଛି, ସେଠାରେ ନିଷେଧକୁ ସମ୍ମାନ କରିବା ଦରକାର। ମନ୍ଦିର ପ୍ରଶାସନ ମଧ ସ୍ପଷ୍ଟ ନିୟମ, ସଚେତନତାମୂଳକ ସୂଚନା ଓ ଆବଶ୍ୟକ ସ୍ଥାନରେ ନିରୀକ୍ଷଣ ବ୍ୟବସ୍ଥା କରିପାରେ। ଅଭିଭାବକମାନେ ପିଲାଙ୍କୁ କେବଳ 'କେମିତି ପୂଜା କରିବା' ନୁହେଁ, 'କାହିଁକି ପୂଜା କରିବା' ମଧ ବୁଝାଇବା ଦରକାର। ମନ୍ଦିରରେ ଯେତେବେଳେ ଘଣ୍ଟି ବାଜେ, ସେତେବେଳେ ଆମ ମନର ଅହଂକାର ନିରବ ହେବା ଦରକାର। ମନ୍ଦିରର ଦୀପ ଜଳିଲେ ଆମ ଭିତରର ଅନ୍ଧକାର ଦୂର ହେବା ଦରକାର। ଠାକୁରଙ୍କ ପାଦପଦ୍ମରେ ମୁଣ୍ଡ ନୁଆଇଲେ ଆମ ମନର ଗର୍ବ ନୁଆଇବା ଦରକାର। ଏହା ହିଁ ପ୍ରକୃତ ଦର୍ଶନ।

ସେଲ୍ଫି ଗୋଟିଏ ମୁହୂର୍ତ୍ତକୁ ଧରି ରଖିପାରେ, କିନ୍ତୁ ଭକ୍ତି ଗୋଟିଏ ମନୁଷ୍ୟର ଜୀବନକୁ ବଦଳାଇପାରେ। ତେଣୁ ପରବର୍ତ୍ତୀ ଥର ମନ୍ଦିରକୁ ଯିବାବେଳେ ମୋବାଇଲ୍ କ୍ୟାମେରା ଅନ୍ କରିବା ପୂର୍ବରୁ ମନର କ୍ୟାମେରାଟିକୁ ଥରେ ଅନ୍ କରିବା। ନିଜକୁ ପଚାରିବା— ମୁଁ ଠାକୁରଙ୍କୁ ଦେଖିବାକୁ ଆସିଛି, କି ଠାକୁରଙ୍କ ସହ ନିଜକୁ ଦେଖାଇବାକୁ ?

ପୂଜାର ଅର୍ଥ ପ୍ରଦର୍ଶନ ନୁହେଁ, ପରିବର୍ତ୍ତନ। ମନ୍ଦିରରେ ଫଟୋ ତୋଳିବାଠାରୁ ମନରେ ଭକ୍ତିର ଛବି ତୋଳିବା ହିଁ ଆଜିର ସବୁଠାରୁ ବଡ଼ ଆବଶ୍ୟକତା।

କେନ୍ଦ୍ରାପଡ଼ା,
ମୋ: ୮୨୪୯୯୪୩୨୪୭

## ଗୁରୁଦିବସରେ ସମ୍ବର୍ଦ୍ଧିତ ହେବେ ୨୦୦୦ରୁ ଊର୍ଦ୍ଧ୍ୱ ଶିକ୍ଷକ

ଭାପୁର,୪।୯ (ନିପ୍ର): ପୂର୍ବବର୍ଷ ଭଳି ଚଳିତ ବର୍ଷ ଗୁରୁଦିବସ ଦିନ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବନମାଳୀପୁର ଗ୍ରାମ ସୋମନାଥ ଦେବଙ୍କ ଯାତ୍ରା ପଡିଆରେ 'ଗୁରୁ ସାକ୍ଷାତ ପରଂବ୍ରହ୍ମ' କାର୍ଯ୍ୟକ୍ରମ ରାଜ୍ୟନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ, ଖଣ୍ଡପଡ଼ା ଓ ଭାପୁର ବ୍ଲକ ର ୪୨ଗୋଟି ପଞ୍ଚାୟତ ଏବଂ ଗୋଟିଏ ଏନଏସି.ରୁ ୨୦୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗଦେଇ ସମ୍ବର୍ଦ୍ଧିତ ହେବେ। ଶିକ୍ଷକମାନେ କିଭଳି ନିଜ ଜୀବନ ଅତିବାହିତ କରୁଛନ୍ତି ଏବଂ ଦୁଇ ବ୍ଲକର ଅନ୍ତରଙ୍ଗ ଶିକ୍ଷକ ବନ୍ଧୁ ପରସ୍ପର ମଧ୍ୟରେ ସାକ୍ଷାତ ହୋଇ ଖୁସି ବାଣ୍ଟିବା ଗୁରୁଦିବସ ଏକ ମାଧ୍ୟମ ହେବ ବୋଲି କାର୍ଯ୍ୟକ୍ରମର ସମ୍ପାଦକ ବେଣ୍ଟେଶ୍ୱର ପ୍ରଧାନ କହିଛନ୍ତି। ଗୁରୁପୂଜନ ସମୟରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ସ୍ୱାଗତ କରାଯିବା ସହିତ ନିଜେ ବେଣ୍ଟେଶ୍ୱର ପ୍ରଧାନ ସମସ୍ତ ଗୁରୁ ମାନଙ୍କର ପଦଧୌତ, ବନ୍ଦାପନା, ତିଳକ ଲଗେଇ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନଣ କରିଥିବେ। ଗତ କିଛି ବର୍ଷ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତମାନେ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଗୁରୁ ଓ ଶିଷ୍ୟ ପରମ୍ପରାକୁ ଉତ୍ତରପିଢ଼ି ନିକଟରେ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି।

## ଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ ପ୍ରସ୍ତୁତି
### ଅକ୍ଟୋବର ୧୫ ମଧ୍ୟରେ ସମସ୍ତ ମୂର୍ତ୍ତି ବିସର୍ଜନ କରାଯିବ

ଭଦ୍ରକ,୪।୯(ନିପ୍ର): ଭଦ୍ରକ ସହରର ଗଣେଶ ପୂଜା ଓ ଭସାଣି ଉତ୍ସବ-୨୦୨୬ କୁ ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସାହୁ ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବା ପାଇଁ ସମସ୍ତ ପୂଜା କମିଟିର ସହଯୋଗ କାମନା କରିଥିଲେ। ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋକପାତ କରିଥିଲେ ଏବଂ ସମସ୍ତ ପୂଜା କମିଟିକୁ ଅକ୍ଟୋବର ୧୧ ରୁ ୧୫ ତାରିଖ ମଧ୍ୟରେ ବିସର୍ଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଏବଂ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ମଞ୍ଚାସୀନ ଥିଲେ।

## 'ଯୋଗ ଦ୍ୱାରା ମାନସିକ ଦୁଶ୍ଚିନ୍ତା ଦୂର ହୁଏ'

କେନ୍ଦ୍ରାପଡ଼ା,୪।୯ (ନିପ୍ର): ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ୨୧ରୁ ୨୫ ବର୍ଷ ବାଳିକା ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଯୋଗ ବାଳିକା ଶୁଭଶ୍ରୀ ସରିତା ରାଉତଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡ଼ା ସହର ନୂଆ ବଜାରସ୍ଥିତ ନିକଟସ୍ଥ ସୋସାଇଟିର ମୁଖ୍ୟ ଶାଖା କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଶୁଭଶ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ ସହ ୧୦ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଶିଷ୍ଟ ସମବାୟବିତ ତଥା କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟିର ସଭାପତି ପ୍ରମୋଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭଶ୍ରୀଙ୍କୁ ଏହି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସେ କହିଥିଲେ, ଯୋଗ ମଣିଷକୁ ସୁସ୍ଥ ରଖିବା ସହ ମାନସିକ ଦୁଶ୍ଚିନ୍ତା ଦୂର କରିଥାଏ। ଯୁବପିଢ଼ି ଯୋଗକୁ ଏକ କ୍ୟାରିୟର ଭାବେ ଗ୍ରହଣ କରି ଆଗକୁ ବଢ଼ିପାରିବେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଅନୁଷ୍ଠାନରେ ଯୋଗ ଶିକ୍ଷକଙ୍କ ଆବଶ୍ୟକତା ଥିବାରୁ ଏ କ୍ଷେତ୍ରରେ ନିଯୁକ୍ତିର ମଧ୍ୟ ସୁଯୋଗ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସୂଚନା ଅନୁଯାୟୀ, କଟକସ୍ଥିତ ଓଡ଼ିଶା ଯୋଗ ଆସୋସିଏସନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶୁଭଶ୍ରୀ ପ୍ରଥମ ସ୍ଥାନ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଶୁଭଶ୍ରୀ ଡେରାବିଶ ବ୍ଲକ କୁଳୁଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁଳୁଙ୍ଗା ଗ୍ରାମର ସ୍ୱାଳ ଲୋଚନ ରାଉତ ଓ ସସ୍ମିତା ରାଉତଙ୍କ କନ୍ୟା। ସେ ଡେରାବିଶ କଲେଜରୁ ଯୁକ୍ତ ୩ ଶିକ୍ଷା ସମାପ୍ତ କରିଛନ୍ତି। ଯୋଗ କ୍ଷେତ୍ରରେ ଉଚ୍ଚଶିକ୍ଷା ହାସଲ କରି କ୍ୟାରିୟର ଗଢ଼ିବା ପାଇଁ ସେ ଉଦ୍ୟମ ଜାରି ରଖିଛନ୍ତି।

## ଶିଶୁ ଯତ୍ନ ଅନୁଷ୍ଠାନର ୬ ଅନ୍ତେବାସୀଙ୍କୁ ନିଯୁକ୍ତି

ଭଦ୍ରକ,୪।୯ (ନିପ୍ର); ଭଦ୍ରକ ଜିଲ୍ଲା ପ୍ରଶାସନର ଉଦ୍ୟମ ତଥା ପରବର୍ତ୍ତୀ ଯତ୍ନ କାର୍ଯ୍ୟକ୍ରମ ଜରିଆରେ ଶିଶୁ ଯତ୍ନ ଅନୁଷ୍ଠାନରୁ ବାହାରିଥିବା ୬ ଜଣ ଅନ୍ତେବାସୀ ନିଯୁକ୍ତି ପାଇଛନ୍ତି। ଏହି ଉପଲକ୍ଷେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନିଯୁକ୍ତି ପାଇଥିବା ଅନ୍ତେବାସୀମାନଙ୍କ ମଧ୍ୟରୁ ବିକାଶ ଧଳ, ରାହୁଲ ବର୍ମା ଓ ରୁଦ୍ର ନାରାୟଣ ରାଉତ ଗରଡପୁରସ୍ଥିତ ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଅନ୍ତେବାସୀ ଥିଲେ। ସେହିପରି ବିଶ୍ୱ ରଞ୍ଜନ ପଣ୍ଡା, ଅଲୋକ ଚନ୍ଦ୍ର ଦାସ ଓ ଅଚ୍ୟୁତାନନ୍ଦ ଦାସ କାଞ୍ଜିଆପାଳସ୍ଥିତ ମହାପୁରୁଷ ଆଶ୍ରମର ଅନ୍ତେବାସୀ ଥିଲେ। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ସମୟରେ ଏହି ଶିଶୁମାନେ ଭଦ୍ରକସ୍ଥିତ ପ୍ରଫୁଲ୍ଲ ଚନ୍ଦ୍ର ଶିଳ୍ପ ତାଲିମ କେନ୍ଦ୍ର ଏବଂ ଧାମନଗରସ୍ଥିତ ନିତ୍ୟାନନ୍ଦ ଶିଳ୍ପ ତାଲିମ କେନ୍ଦ୍ରରେ ଫିଟର ଓ ଇଲେକ୍ଟ୍ରିସିଆନ ବିଭାଗରେ ଦୁଇ ବର୍ଷିଆ ଶିଳ୍ପ ତାଲିମ ଗ୍ରହଣ କରିଥିଲେ। ତାଲିମ ସମାପ୍ତ କରିବା ପରେ ସେମାନେ ବାଙ୍ଗାଲୋରସ୍ଥିତ ଘରୋଇ କମ୍ପାନୀ ଟିଭିଆ ଗ୍ରୀନ୍ ଏନର୍ଜିରେ ନିଯୁକ୍ତି ସୁଯୋଗ ପାଇଛନ୍ତି।ପରବର୍ତ୍ତୀ ଯତ୍ନ ସେବା କ୍ଷେତ୍ରରେ କାର୍ଯ୍ୟରତ ଭୁବନେଶ୍ୱରସ୍ଥିତ ସ୍ୱେଚ୍ଛାସେବୀ ସଂଗଠନ ସି.ଓ୍ୱାଇ.ଏସ୍.ଡି. ପକ୍ଷରୁ ମଧ୍ୟ ଏହି ଶିଶୁମାନଙ୍କୁ ନିଯୁକ୍ତି ପାଇବାରେ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଥିଲା। ଆଜି ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ନିଯୁକ୍ତି ପାଇଥିବା ଶିଶୁମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।

## ରାୟଗଡ଼ ଶିଳ୍ପାଞ୍ଚଳରେ ଜରୁରୀକାଳୀନ ମକ୍ ଡ୍ରିଲ୍

ରାୟଗଡ଼,୪।୯ (ନିପ୍ର): ରାୟଗଡ଼ ଶିଳ୍ପାଞ୍ଚଳରେ ଜରୁରୀକାଳୀନ ପରିସ୍ଥିତିରେ ବିଭିନ୍ନ ବିଭାଗ ଓ ଶିଳ୍ପସଂସ୍ଥାର ପ୍ରସ୍ତୁତି, ତ୍ୱରିତ ପ୍ରତିକ୍ରିୟା ଏବଂ ଆନ୍ତଃବିଭାଗୀୟ ସମନ୍ୱୟ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଆଜି ଅପରାହ୍ନ ୩ଟା ସମୟରେ ଏକ ଅଫ୍‌ସାଇଟ୍ ଜରୁରୀକାଳୀନ ମକ୍ ଡ୍ରିଲ୍ ସଫଳତାର ସହ ଅନୁଷ୍ଠିତ ହୋଇଛି। ରାୟଗଡ଼ ଇଣ୍ଡଷ୍ଟ୍ରିଆଲ୍ ପକେଟ୍‌ର ଲୋକାଲ୍ କ୍ରାଇସିସ୍ ଗ୍ରୁପ୍ ପକ୍ଷରୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର, ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ବିଭାଗର ଡେପୁଟି ଡାଇରେକ୍ଟର, ରାୟଗଡ଼ ଜୋନ୍‌ର ଆସିଷ୍ଟାଣ୍ଟ ଡାଇରେକ୍ଟର, ଆରଟିଓ, ଏନ୍‌ଡିଆରଏଫ୍ ୩ୟ ବାଟାଲିଅନ୍, କଟକ, ଜିଲ୍ଲା ଚିକିତ୍ସା ବିଭାଗ, ଅଗ୍ନିଶମ ବିଭାଗ, ପୁଲିସ ବିଭାଗ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ ଶିଳ୍ପସଂସ୍ଥାର ପ୍ରତିନିଧିଙ୍କ ସମନ୍ୱୟରେ ଏହି ଅଭ୍ୟାସ କରାଯାଇଥିଲା।

# ରାସ୍ତା ନାହିଁ, ବାଜିରେ ଜୀବନ
## ରେଢାଖୋଲର ଖକୋଡପାଲ୍ ଗାଁରେ ଭୋଟ୍ ବର୍ଜନ ଚେତାବନୀ

ରେଢାଖୋଲ,୪।୯ (ନିପ୍ର): ରାଜ୍ୟରେ ଗମନାଗମନ ଓ ଗ୍ରାମାଞ୍ଚଳର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାର ଦାବି କରୁଥିବା ବେଳେ, ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଚାରମାଳ ପଞ୍ଚାୟତର ଖକୋଡପାଲ୍ ଗାଁର ଚିତ୍ର ସମ୍ପୂର୍ଣ୍ଣ ଅଲଗା। ବିକାଶର ଆଲୋକ ଏଯାଏଁ ପହଞ୍ଚି ପାରିନଥିବା ଏହି ଗାଁର ଲୋକେ ପ୍ରତିଦିନ ନିଜ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି।

ଗାଁରେ ପ୍ରାୟ ୪୦ରୁ ଅଧିକ ପରିବାର ଏବଂ ୧୦୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବସବାସ କରୁଥିଲେ ମଧ୍ୟ ଏହାକୁ ସଂଯୋଗ କରୁଥିବା କୌଣସି ନିତିଦିନିଆ ପକ୍କା ରାସ୍ତା ନାହିଁ। ଖରା ଚାରିମାସକୁ ଛାଡ଼ିଦେଲେ ବର୍ଷର ଅନ୍ୟ ଆଠମାସ ଏହି ଗାଁର ଲୋକଙ୍କ ପାଇଁ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ବର୍ଷା ଆରମ୍ଭ ହେଲେ ରେଳ ଓଭର୍



ବ୍ରିଜ୍ ତଳେ ୩ରୁ ୪ ଫୁଟ ପାଣି ଜମିରହୁଥିବାରୁ ଲୋକେ ବାଧ ହୋଇ ଜୀବନକୁ ପାଣିଫୋଟକା ଭାବି ରେଳଲାଇନ୍ ଉପରେ ଚାଲି ଚାଲି ଯିବାକୁ ବାଧ ହୁଅନ୍ତି। ଉପଯୁକ୍ତ ରାସ୍ତା ନଥିବାରୁ ଏଠାକାର କୁନି କୁନି ପିଲାମାନେ ପାଠପଢ଼ା ପାଇଁ ବିପଦସଙ୍କୁଳ ରେଳଲାଇନ୍ ଓ ଜଳମଗ୍ନ ଓଭର୍ ବ୍ରିଜ୍ ପାର ହୋଇ ସ୍କୁଲକୁ ଯିବାକୁ ପଡ଼େ। ନିକଟରେ ଏକ ଅଘଟଣରେ ଆମ୍ବୁଲାନ୍ସ ଆସିପାରି ନଥିବାରୁ ଜଣେ ଗୁରୁତର ମହିଳାଙ୍କୁ ଖଟିଆରେ ବୋହି ୨ କିଲୋମିଟର ଦୂରକୁ ନେବାକୁ ପଡ଼ିଥିଲା। ଏହି ଅଭାବନୀୟ ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲେ ମଧ୍ୟ ପ୍ରଶାସନର ନିଦ ଭାଙ୍ଗିନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ମାତ୍ର ୩ କିଲୋମିଟର ଦୂରରେ ଥାଇ ମଧ୍ୟ ଚାଉଳ, ଭତ୍ତା ଆଣିବାଠାରୁ ଆରମ୍ଭ କରି ପ୍ରତ୍ୟେକ ଜରୁରୀ କାମରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ବନ୍ୟଜନ୍ତୁଙ୍କ ଭୟ ଓ ବିପଦପୂର୍ଣ୍ଣ ପରିବେଶ ମଧ୍ୟରେ ଦିନ କାଟୁଥିବା ଗ୍ରାମବାସୀ ରେଳବାଇ କର୍ତ୍ତୃପକ୍ଷ, ସ୍ଥାନୀୟ ପ୍ରଶାସନ ଏବଂ ନେତାମନ୍ତ୍ରୀଙ୍କୁ ଅନେକ ଥର ଗୁହାରି କରିଛନ୍ତି। ମାତ୍ର କୌଣସି ସୁଫଳ ନମିଳିବାରୁ ଅତିଷ୍ଠ ହୋଇ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଯେ, ଯଦି ଶୀଘ୍ର ରାସ୍ତା ସମସ୍ୟାର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଭୋଟ୍ ବର୍ଜନ କରାଯିବ ଏବଂ କୌଣସି ନେତା କିମ୍ବା ମନ୍ତ୍ରୀଙ୍କୁ ଗାଁ ଭିତରକୁ ପଶିବାକୁ ଦିଆଯିବ ନାହିଁ।

## ୨୦୦ ବର୍ଷର ଐତିହ୍ୟକୁ ନୂଆ ରୂପ ଦେବାକୁ ଆଶାର ଆଲୋକ
### ଶ୍ରୀରସିକରାଜ ମହାପ୍ରଭୁ ମନ୍ଦିର ପୁନରୁଦ୍ଧାର ପାଇଁ ସମୀକ୍ଷା କଲେ ବିଧାୟକ

ପାରଳାଖେମୁଣ୍ଡି,୪।୯ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସହରର ୱାର୍ଡ ନମ୍ବର-୩ରେ ଅବସ୍ଥିତ ଦୁଇ ଶତାବ୍ଦୀରୁ ଊର୍ଦ୍ଧ୍ୱ ପୁରାତନ ତଥା ଐତିହ୍ୟବହୁଳ ଶ୍ରୀରସିକରାଜ ମହାପ୍ରଭୁ ସ୍ୱାମୀ ମନ୍ଦିରର ପୁନରୁଦ୍ଧାରକୁ ନେଇ ଆଶା ସଞ୍ଚାର



ହୋଇଛି। ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ରହିଥିବା ଏହି ପୁରାତନ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ନେଇ ଆଜି ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ମନ୍ଦିର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ମନ୍ଦିର ପରିଦର୍ଶନ ସମୟରେ ମନ୍ଦିରର ପୁରାତନ ଇତିହାସ, ଧାର୍ମିକ ମହତ୍ତ୍ୱ ଓ ଏହା ସହିତ ଜଡ଼ିତ ଅନେକ ପୁରୁଣା ସ୍ମୃତି ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଯାଇଥିଲା। ଦୁଇ ଶତାବ୍ଦୀରୁ ଅଧିକ ସମୟ ଧରି ଏହି ମନ୍ଦିର ସ୍ଥାନୀୟ ଲୋକଙ୍କ ଧାର୍ମିକ ଆସ୍ଥା, ପରମ୍ପରା ଓ ଭାବନାର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଥିବା ଜାଣି ବିଧାୟକ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। ଏତେ ପୁରାତନ ଓ ଐତିହ୍ୟବହୁଳ ମନ୍ଦିର ଆଜି ପର୍ଯ୍ୟନ୍ତ କାହିଁକି ସଠିକ୍ ଭାବେ ପୁନରୁଦ୍ଧାର ହୋଇପାରିନାହିଁ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ମନ୍ଦିରର ବର୍ତ୍ତମାନ ସ୍ଥିତି ଦେଖି ଏହାର ପୁନରୁଦ୍ଧାର ଆଉ ବିଳମ୍ବ କରାଯିବା ଉଚିତ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ। ବିଧାୟକ ରୂପେଶ ପାଣିଗ୍ରାହୀ କହିଥିଲେ ଯେ, ଏହା କେବଳ ଏକ ମନ୍ଦିର ନୁହେଁ, ବରଂ ପାରଳାଖେମୁଣ୍ଡିର ପୁରାତନ ଐତିହ୍ୟ ଓ ଲୋକଙ୍କ ଆସ୍ଥାର ପ୍ରତୀକ। ତେଣୁ ଏହି ଐତିହ୍ୟକୁ ସୁରକ୍ଷିତ ରଖିବା ସମସ୍ତଙ୍କ ଦାୟିତ୍ୱ। ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟ ଅତିଶୀଘ୍ର ଆରମ୍ଭ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ ବୋଲି ସେ ଆଶ୍ୱାସନ ଦେଇଥିଲେ। ଏଥିସହିତ ମନ୍ଦିର ପରିସରରେ ଥିବା ଲାଇବ୍ରେରୀର ମଧ୍ୟ ଉନ୍ନତିକରଣ କରାଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏହା ଫଳରେ ମନ୍ଦିରର ଧାର୍ମିକ ପରିବେଶ ସହିତ ଜ୍ଞାନ ଓ ଐତିହ୍ୟର ସଂରକ୍ଷଣ ମଧ୍ୟ ସମ୍ଭବ ହେବ ବୋଲି ସ୍ଥାନୀୟ ଲୋକେ ଆଶା ପ୍ରକାଶ କରିଛନ୍ତି। କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ଆବଶ୍ୟକ ବନ୍ଦୋବସ୍ତ କରାଯିବ ବୋଲି ବିଧାୟକ ଆଶ୍ୱାସନ ଦେଇଥିଲେ। ଦୁଇଟି ପୁରାତନ ଧାର୍ମିକ ସ୍ଥଳର ବିକାଶ ନେଇ ବିଧାୟକଙ୍କ ଆଗ୍ରହକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଦୀର୍ଘ ବର୍ଷ ଧରି ମନ୍ଦିରର ପୁନରୁଦ୍ଧାର ଓ ବିକାଶ ନେଇ ଦାବି ହୋଇଆସୁଥିଲା। ଅନେକ ପିଢ଼ିର ଆସ୍ଥା ଓ ଭାବନା ସହ ଜଡ଼ିତ ଏହି ମନ୍ଦିର ଯଦି ନୂଆ ରୂପ ପାଏ, ତେବେ ଏହା କେବଳ ମନ୍ଦିରର ସୌନ୍ଦର୍ଯ୍ୟ ବୃଦ୍ଧି ନୁହେଁ, ବରଂ ପାରଳାଖେମୁଣ୍ଡିର ଐତିହ୍ୟକୁ ସୁରକ୍ଷିତ ରଖିବାରେ ଏକ ବଡ଼ ପଦକ୍ଷେପ ହେବ। ବିଧାୟକଙ୍କ ଆଜିର ପରିଦର୍ଶନ ଓ ପ୍ରତିଶ୍ରୁତି ପରେ ମନ୍ଦିର କମିଟି, ସ୍ଥାନୀୟ ବାସିନ୍ଦା ଓ ଭକ୍ତମାନଙ୍କ ମନରେ ନୂଆ ଆଶା ସୃଷ୍ଟି ହୋଇଛି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ତରଭା,୪।୯ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ସାମର୍ଥ୍ୟ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଭିନ୍ନକ୍ଷମ ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନା ଗୁଡିକ ଉପରେ ଆଲୋକପାତ କରିଥିଲେ । ସାଂସଦ ବଲାଙ୍ଗୀରଙ୍କ ତରଭା ବ୍ଲକ ପ୍ରତିନିଧି ବିମଳ କୁମାର ମିଶ୍ର ଓ ଏନଏସି ପ୍ରତିନିଧି ମାନସ ସାହୁ, ବିଧାୟକ ସୋନପୁରଙ୍କର ପ୍ରତିନିଧି ଦଶରଥ ସାହୁ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନେ ଅଣଭିନ୍ନକ୍ଷମଠାରୁ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ଆଲୋକପାତ ସହିତ ଭିନ୍ନକ୍ଷମ ମାନେ କିଭଳି ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ ତାଉପରେ ଆଲୋକପାତ କରିଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସୁଦେଷ୍ଣା ମେହେର ଯୋଗ ଦେଇଥିଲେ। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଭା ଶିବାନନ୍ଦ କର୍ମୀ ସଭାରେ ସଭାପତିତ୍ୱ କରିବା ସହିତ ଶିବିରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ । ଗୋଷ୍ଠି ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ପରିଚାଳନା କରିଥିଲେ । ଡିଡିଆରସି ସୁବର୍ଣ୍ଣପୁରର ସ୍ୱତନ୍ତ୍ର ପ୍ରଶିକ୍ଷକ ଦୁର୍ଗା ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିବିର ରେ ଭିନ୍ନକ୍ଷମ ମାନଙ୍କ ନାମ ପଞ୍ଜୀକରଣ କରାଯାଇଥିଲା ସେମାନଙ୍କୁ ବିଭିନ୍ନ ବିଭାଗରେ ବିଭକ୍ତ କରି ସଂପୃକ୍ତ ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ଶିବିର ରେ ୪୧୮ଜଣ ପଞ୍ଜୀକୃତ ହୋଇଥିଲେ।୩୮ଜଣଙ୍କୁ ବସ ପାସ, ୩୫ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୧୫ଜଣଙ୍କୁ ତିନିଚକିଆ ସାଇକେଲ, ୨୫ଜଣ ଙ୍କୁ ଶ୍ରବଣ ଯନ୍ତ୍ର, ୩ଜଣ ଙ୍କୁ ସିପି ଚେୟାର, ୧୬ଜଣ ଙ୍କୁ ହୁଇଲଚେୟାର ପ୍ରଦାନ କରିବା ପାଇଁ ଚିହ୍ନଟ କରାଯାଇଥିଲା।

## ଯୌତୁକ ପ୍ରଥା ବିରୋଧରେ ଜନସଚେତନତା

ଭଦ୍ରକ, ୪।୯ (ନିପ୍ର): ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ, ଭଦ୍ରକ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକଠାରେ "ଯୌତୁକ ନିଷେଧ ଅଧିନିୟମ, ୧୯୬୧" ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। ମହିଳାମାନଙ୍କ ସଶକ୍ତିକରଣ ସହ ମାନସିକତା ଓ ସାମାଜିକ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। କର୍ମଶାଳାର ଅଧକ୍ଷ ତଥା ମୁଖ୍ୟ ଅତିଥି , ଅତିରିକ୍ତ ଜିଲ୍ଲାପାଳ ଯୌତୁକ ନିଷେଧ ଅଧିନିୟମ, ୧୯୬୧ର ବ୍ୟାପକ ପ୍ରଚାର ଓ କାର୍ଯ୍ୟକାରୀ ଅନୁପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଯୌତୁକ ପ୍ରଥା ବିରୋଧରେ ତୃଣମୂଳ ସ୍ତରରୁ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ଆଇନର ବ୍ୟବସ୍ଥା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବା ଦିଗରେ ସମସ୍ତ ବିଭାଗ ଓ ସମାଜର ବିଭିନ୍ନ ବର୍ଗର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତିନିଧି ମୋନାଲିସା କର, ଜିଲ୍ଲା ଆଇନ ସେବା ପ୍ରାଧିକରଣର ପ୍ରତିନିଧି ଡକ୍ଟର ତାପସ କୁମାର ମହାନ୍ତି ଏବଂ ଜନସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି କନକଲତା ସାହୁ ପ୍ରମୁଖ ଯୋଗଦେଇ ଯୌତୁକ ପ୍ରଥା ନିରାକରଣ, ଆଇନର ଗୁରୁତ୍ୱ ଏବଂ ଏ ଦିଗରେ ବିଭିନ୍ନ ବିଭାଗର ଭୂମିକା ସମ୍ପର୍କରେ ନିଜ ନିଜ ମତାମତ ପ୍ରଦାନ କରିଥିଲେ।

## ପଞ୍ଚାୟତ ଚାଉଳ ଗୋଦାମରେ ତାଲା, ଖାଲି ହାତରେ ଫେରୁଛନ୍ତି ହିତାଧିକାରୀ

ରାୟଗଡା,୪।୯ (ନିପ୍ର): ସମୂହ ଛୁଟିରେ ଯୋଗାଣ ସହାୟକ। ପଞ୍ଚାୟତ ଚାଉଳ ଗୋଦାମରେ ତାଲା। ଖାଲି ହାତରେ ଫେରୁଛନ୍ତି ହିତାଧିକାରୀ। ଦାବି ପୂରଣ ନହେଲେ ଲୋଏର ପିଏମଜିରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣାରେ ବସିବେ ଯୋଗାଣ ସହାୟକ। ଠପ ହୋଇପାରେ ରାସନ ଯୋଗାଣ। ଆଜିଠାରୁ ସମୂହ ଛୁଟିରେ ଯୋଗାଣ ସହାୟକ। ପଞ୍ଚାୟତ ଚାଉଳ ଗୋଦାମରେ ଝୁଲୁଛି ତାଲା। ହିତାଧିକାରୀ ମୁଣ୍ଡକାନ ଆଉଁସି ଫେରୁଛନ୍ତି ଘରକୁ। ଯୋଗାଣ ସହାୟକ ମାନେ ସ୍ଥାୟୀ ନିଯୁକ୍ତି ଏବଂ ଉଚିତ ମଜୁରୀ ଦାବିରେ କରିଛନ୍ତି କାର୍ଯ୍ୟବନ୍ଦ, ଏପଟେ ହିତାଧିକାରୀ ପଞ୍ଚାୟତ ଯୋଗାଣ ଗୋଦାମରେ ତାଲା ପଡ଼ିଥିବା ଦେଖି ନିରାଶ ହୋଇ ଫେରି ଯାଉଛନ୍ତି ହିତାଧିକାରୀ। ମାଧବରାଓ ସାରକା ଏବଂ ସୋମେଶ୍ୱର ମିଣିଆକା ସମେତ ଅନ୍ୟ ହିତାଧିକାରୀ ମାନେ କହିଛନ୍ତି ଯେ, ଅଧିକା ୫ କିଲୋ ଚାଉଳ ଦେଇଦେଲେ କଣ ହେଲା। ପ୍ରକୃତରେ ଏହା ପରିବାର ପାଇଁ ନିଅଣ୍ଟ ପଡେ। ଆମେ ଦିନ ମଜୁରି କରି ଚଳିବା ଲୋକ। ବାହାରୁ ୬୦, ୭୦ ଟଙ୍କା ଦେଇ ଆମେ କଣ ଚାଉଳ କିଣି ଚୁଲିରେ ଉଧାଣି ବସେଇ ପାରିବୁ। ଆମ ପିଲାମାନେ କଣ ଖାଇ ବିଦ୍ୟାଳୟକୁ ଯିବେ। ଆମେ ଏହି ପିଡ଼ିଏସ ଚାଉଳ ଉପରେ ହିଁ ନିର୍ଭର କରୁ। ଚାଉଳ ନମିଳିଲେ ଆମ ପାଇଁ ଏକ ସଙ୍କଟମୟ ପରିସ୍ଥିତି ସୃଷ୍ଟି ହେବ। ଏଇଠୁ ଚାଉଳ ଘରକୁ ଗଲେ ଚୁଲିରେ ଭାତହାଣ୍ଡି ବସେ। ସାରା ପରିବାର ଖାଇଥାଉ। ଅନ୍ୟପକ୍ଷେ ଯୋଗାଣ ସହାୟକ ସଂଘର ସଦସ୍ୟମାନେ କହିଛନ୍ତି ଯେ, ସରକାର ଆମକୁ ଆଶ୍ୱାସନା ଦେଇଆସୁଛନ୍ତି କିନ୍ତୁ କିଛି କରିନାହାନ୍ତି। ଆମେ ୮ ହଜାର ଟଙ୍କା ପାଉଛୁ। ଏହି ମହଙ୍ଗା ଦିନରେ ଆମେ ପାଉଥିବା ୮ ହଜାର ଟଙ୍କାରେ କଣ ଚଳିବା ସମ୍ଭବ। ତାପରେ ଏହି ୮ ହଜାର ଟଙ୍କାରେ ଆମେ ଏତେ ଗୁଡ଼ାଏ କାମ କାହିଁକି କରିବୁ। ଯଦି ଦିନ ମଜୁରିଆ ହିସାବରେ ଦେଖିଲେ ଆମେ ଯୋଗାଣ ସହାୟକ ମାନେ ୧୭ରୁ ୧୮ ହଜାର ଟଙ୍କା ପାଇବୁ। କିନ୍ତୁ ମିଳୁଛି କେବଳ ୮ ହଜାର ଟଙ୍କା। ଯାବତୀୟ କାମ କରିବାକୁ ପଡୁଛି। ପୁଣି ସରକାର ଆଗାମୀ ଦିନରେ ସ୍ମାର୍ଟ ପିଡ଼ିଏସ ଆରମ୍ଭ କରିବାକୁ ଯାଉଛନ୍ତି। କମସେ କମ ୮୦ ରୁ ୯୦ଟି କାର୍ଡର କାରବାର ହେଉଛି, ସେଥିରେ ସର୍ଭର ସମସ୍ୟା ରହୁଛି। ଆମେ ଲୋକଙ୍କ ଆକ୍ରୋଶର ଶିକାର ହେଉଛୁ। ଏତେ କମ ପ୍ରାପ୍ୟରେ ଆମେ ଏତେ କାର୍ଯ୍ୟ କରୁଛୁ, ତଥାପି ସରକାର ଆମ ଦରଦ ବୁଝୁ ନାହାନ୍ତି। ଆମେ ୧୪ ବର୍ଷ ଧରି ଆମେ ୩୫ ହଜାର ଯୋଗାଣ ସହାୟକ ସେବା ଯୋଗାଇ ଆସୁଛୁ।ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି। ସରକାର ଖାଲି ଆଶ୍ୱାସନା ଦେଇ ଆସୁଛନ୍ତି। କିନ୍ତୁ କାର୍ଯ୍ୟରେ ଶୂନ। ଏ ମହଙ୍ଗା ଯୁଗରେ ଏତେ କମ ଟଙ୍କାରେ କଣ ପରିବାର ପ୍ରତିପୋଷଣ କରିହେବ, ପୁଣି ଏତେ ଗୁଡ଼ାଏ କାମ। ମିଳୁଛି ମାତ୍ର ଟଙ୍କା ୮ହଜାର। ସରକାରଙ୍କୁ ନିବେଦନ କରି କରି ନିରାଶ ହେଲୁ, ତେଣୁ ପରିଶେଷରେ ସଂଘ ଏହି ନିଷ୍ପତି ନେଲା। ଆମର ମୁଖ୍ୟଦାବିରେ ସ୍ଥାୟୀ ନିଯୁକ୍ତି ଏବଂ ଉପଯୁକ୍ତ ମଜୁରୀ। ଆମେ ଦିନକୁ ୧୦ ରୁ ୧୨ ଘଣ୍ଟା କାମ କରୁଛୁ, ସେଥିରେ ପୁଣି ଅନେକ ସମସ୍ୟା, ତେଣୁ ଏ ନିଷ୍ପତ୍ତି ସଂଘ ତରଫରୁ ନିଆଯାଇଛି। ଯଦି ସରକାର ଆମର ଦାବୀ ପୂରଣ ନକରନ୍ତି ତେବେ ରାଜ୍ୟର ସମସ୍ତ ଯୋଗାଣ ସହାୟକ ଲୋଏର ପିଏ ମଜିରେ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣାରେ ବସିବେ ବୋଲି ସଂଘ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ହିତାଧିକାରୀ କହିଛନ୍ତି ଯେ, ସରକାର ସେମାନଙ୍କ ଦାବିକୁ ମାନି ନେଇ ସେମାନଙ୍କ ଉଚିତ ପ୍ରାପ୍ୟ ପ୍ରଦାନ କରନ୍ତୁ ନତୁବା ଅନ୍ୟ କେଉଁ ଜରିଆରେ ଆମକୁ ଆମ ଚାଉଳ ପ୍ରଦାନ କରନ୍ତୁ। ଏହି ଆନ୍ଦୋଳନ ଫଳରେ କେବଳ ଚାଉଳ ଯୋଗାଣ ବ୍ୟତୀତ ଭତ୍ତା ବଣ୍ଟନ, ଏବଂ ଆବାସ ସର୍ଭେ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଛି।

## ପଞ୍ଚାୟତ ସମିତି ବୈଠକ ସମୀକ୍ଷା କଲେ ସାଂସଦ ଓ ବିଧାୟକ

ପାରଳାଖେମୁଣ୍ଡି,୪।୯ (ନିପ୍ର); ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦ୍‌ଭାବନା ସଭାଗୃହ ପରିସରରେ ଦଶମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ରହ୍ମପୁର ସାଂସଦ ପ୍ରଦୀପ ପାଣିଗ୍ରାହୀ ଓ ପାରଳାଖେମୁଣ୍ଡି ବିଧାୟକ ରୂପେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମସ୍ତ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଉକ୍ତ ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ଗ୍ରାମ୍ୟ ଉନ୍ନୟନ, ଜଳ ସେଚନ, ପାନୀୟ ଜଳ, ପୂର୍ତ୍ତ ବିଭାଗ ଉପରେ ଆଲୋଚନା ଓ ସମୀକ୍ଷା କରାଯାଇଛି। ବୈଠକରେ ସାଂସଦ ଓ ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ, ସିଡିଓ ଗଜପତି ଦୟାମୟ ପାଢ଼ୀ, ପିଏ ଆଇଟିଡିଏ ଅଂଶୁମାନ ମହାପାତ୍ର, ବ୍ଲକ୍ ଅଧକ୍ଷା ସୁନେମି ମଣ୍ଡଳ, ଉପାଧକ୍ଷ ଏସ ଶ୍ରୀନିବାସ ରାଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲେରାମ୍ ମାରାଣ୍ଡି, ତହସିଲଦାର ଶରତ ଶବର, ଜିପିଡିଓ ଏସ ସୂର୍ଯ୍ୟନାରାୟଣ, ସେରଙ୍ଗ ଥାନା ଆଇଆଇସି ଜନ୍ମେଜୟ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ରେଣୁକା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦ ପ୍ରଦୀପ ପାଣିଗ୍ରାହୀ ପ୍ରଥମ ଥର ବୈଠକରେ ଯୋଗଦେଇ ନିଆରା ଢଙ୍ଗରେ ଦଳ ମତ ନିର୍ବିଶେଷରେ ସମସ୍ତଙ୍କୁ ସାଥୀରେ ନେଇ ସମୀକ୍ଷା କରିଥିବା ହେତୁ ଅନେକ ନିର୍ବାଚିତ ଜନ ପ୍ରତିନିଧୀ ଖୁସି ବ୍ୟକ୍ତ କରିବା ସହିତ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଧଳାପଥର ଛକ–ଭେଡ଼ା ରାମଚନ୍ଦ୍ରପୁର ରାସ୍ତା ଶୋଚନୀୟ

ବାଙ୍କୀ,୪।୯ (ନିପ୍ର): ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ସରକାରୀ ଡାକ୍ତରଖାନା ସମେତ ବାଙ୍କୀ ଅଞ୍ଚଳର ବିଭିନ୍ନ ସ୍ଥାନକୁ ସଂଯୋଗ କରୁଥିବା ଧଳାପଥର ଛକ–ଭେଡ଼ା ରାମଚନ୍ଦ୍ରପୁର ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ। ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ସଙ୍ଗିନ ହୋଇପଡୁଛି। ଫଳରେ ଦୈନିକ ଯାତାୟାତ କରୁଥିବା ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୂଚନାନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ କରାଯାଇ କିଛି ମାସ ତଳେ ରାସ୍ତାର ମରାମତି କାର୍ଯ୍ୟ କରାଯାଇଥିଲା। ତେବେ ମରାମତି ପରେ ଅଳ୍ପଦିନ ମଧ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

କାମର ମାନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ବିଶେଷକରି ଧଳାପଥର ଛକରୁ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ପ୍ରାୟ ୫୦ ମିଟର ଅଞ୍ଚଳର ଅବସ୍ଥା ଅତ୍ୟନ୍ତ ଦୟନୀୟ। ରାସ୍ତାରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଥିବା ବେଳେ



ବର୍ଷାଜଳ ଜମି ରହୁଛି। ଫଳରେ ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ଓ ପଙ୍କରେ ପରିଣତ ହେଉଛି। ଏଥିଯୋଗୁଁ ବାଇକ୍ ଚାଳକମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ପ୍ରତିଦିନ ହଜାରହଜାର ଲୋକ ସାଇକେଲ, ବାଇକ୍, କାର ଓ ପାଦରେ ଯାତାୟାତ କରନ୍ତି। କଳାପଥର–ଧଳାପଥର ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ବେସରକାରୀ ବିଦ୍ୟାଳୟ, କଳାପଥର ସରକାରୀ ଡାକ୍ତରଖାନା, ବାଙ୍କୀ କଲେଜ, ବ୍ଲକ କାର୍ଯ୍ୟାଳୟ, ତହସିଲ, ବାଙ୍କୀ ମେଡିକାଲ, କୋର୍ଟ, କେନ୍ଦ୍ରୀୟ ବ୍ୟାଙ୍କ, ମା' ଚର୍ଚ୍ଚିକାଙ୍କ ପୀଠ ଓ ଅଂଶୁପା ପର୍ଯ୍ୟଟନ କେନ୍ଦ୍ରକୁ ଯାତାୟାତ ପାଇଁ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ। ଏଥିସହ ୧୦୮ ଆମ୍ବୁଲାନ୍ସ ଓ ୧୦୨ ପ୍ରସୂତି ଆମ୍ବୁଲାନ୍ସ ସମେତ ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଜରୁରୀକାଳୀନ ସେବା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ନିକଟରେ ବାଙ୍କୀ ଉପଜିଲ୍ଲାପାଳ ମନୋସ୍ୱିନୀ ଦାସ ରାସ୍ତା ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ଖଜୁରୀପଦା ଗ୍ରାମର ପ୍ରାକ୍ତନ ସରପଞ୍ଚ ଅଖିଳ ସିଂହ, ଜୟମଙ୍ଗଳ ଗ୍ରାମର ସମାଜସେବୀ ପୂର୍ଣ୍ଣଚନ୍ଦ୍ର ମତଗଜସିଂହ, ପୂର୍ବଗାଡ଼ିଆ ଗ୍ରାମର ବିରଞ୍ଚି ନାରାୟଣ ମଙ୍ଗରାଜଙ୍କ ସମେତ ଅଞ୍ଚଳବାସୀ ରାସ୍ତାର ସ୍ଥାୟୀ ମରାମତି ପାଇଁ ଦାବି କରିଛନ୍ତି। ଏଥିପ୍ରତି ବାଙ୍କୀ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ରାସ୍ତାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

# ନ୍ୟାୟିକ ଅଧିକାରୀଙ୍କ ଅବସର ବୟସ ୬୨କୁ ବଢ଼ିବ

- ୭ ରାଜ୍ୟକୁ 'ସୁପ୍ରିମ' ନିର୍ଦ୍ଦେଶ
- ନ୍ୟାୟିକ ସେବାରେ ସୀମିତ ସମୟ ପୁନଃ ପ୍ରବେଶ ପାଇଁ ସୁଯୋଗ

ନୂଆଦିଲ୍ଲୀ,୪।୯: ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀ ଏବଂ ବିଚାରପତି ଭି ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିକିମ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ରାଜ୍ୟଗୁଡ଼ିକୁ ସେମାନଙ୍କର ସେବା ନିୟମ ସଂଶୋଧନ କରି ଆନୁଷ୍ଠାନିକ ଭାବରେ ନ୍ୟାୟିକ ଅଧିକାରୀଙ୍କ ଅବସର ବୟସ ୬୨ ବର୍ଷକୁ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ସର୍ତ୍ତ ରଖିଛନ୍ତି ଯେ ୬୦ ବର୍ଷ ବୟସରେ ପହଞ୍ଚିଥିବା ନ୍ୟାୟିକ ଅଧିକାରୀମାନଙ୍କୁ ୬୨ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ପୂର୍ବରୁ ସମ୍ପୃକ୍ତ ହାଇକୋର୍ଟ ଦ୍ୱାରା ଉପଯୁକ୍ତତା ଏବଂ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରିବାକୁ ପଡିବ। କୋର୍ଟ ଏହି ରାଜ୍ୟଗୁଡ଼ିକର ନ୍ୟାୟିକ ଅଧିକାରୀମାନଙ୍କ ପାଇଁ ୩୧ ମାର୍ଚ୍ଚ, ୨୦୨୬ ରେ କିମ୍ବା ତା'ପରେ ଅବସର ଗ୍ରହଣ କରିଥିବା ନ୍ୟାୟିକ ଅଧିକାରୀମାନଙ୍କ ପାଇଁ ନ୍ୟାୟିକ ସେବାରେ ପୁନଃ ପ୍ରବେଶ ପାଇଁ ଏକ ସୀମିତ ସମୟ ମଧ୍ୟ ଖୋଲି ଦେଇଛନ୍ତି। ଏପରି ଅଧିକାରୀମାନେ ଫେରିବାର ବିକଳ୍ପ ବ୍ୟବହାର କରିପାରିବେ, ଯଦି ସେମାନେ ପରବର୍ତ୍ତୀ ସମୟରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଅଧୀନରେ ଲାଭଜନକ ପଦବୀ ଗଠନ କରି ଅନ୍ୟ କୌଣସି ସରକାରୀ ପଦବୀ କିମ୍ବା ନିଯୁକ୍ତି ଗ୍ରହଣ କରିନଥାନ୍ତି। ସୁପ୍ରିମକୋର୍ଟ ଏହି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଦୁଇ ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗର ନିଷ୍ପତ୍ତି ନେବାକୁ ଏବଂ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଜିଲ୍ଲା ନ୍ୟାୟପାଳିକାରେ ବିଚାରପତିଙ୍କ ନିରନ୍ତର ଅଭାବ, ମଞ୍ଜୁରୀପ୍ରାପ୍ତ ଏବଂ କାର୍ଯ୍ୟକ୍ଷମ କ୍ଷମତା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ଥିବା ପୃଷ୍ଠଭୂମିରେ ଏହି ପଦକ୍ଷେପ ନିଆଯାଇଛି।



# ଭକ୍ତଙ୍କ ସମର୍ଥନ ଲୋଡ଼ିଲେ ରାମମନ୍ଦିର ଟ୍ରଷ୍ଟର ପ୍ରଥମ ସିଇଓ



ଅଯୋଧ୍ୟା, ୪/୯: ଶ୍ରୀରାମ ଜନ୍ମଭୂମିତୀର୍ଥ କ୍ଷେତ୍ର ଟ୍ରଷ୍ଟର ନବନିଯୁକ୍ତ ପ୍ରଥମ ସିଇଓ ଅବସରପ୍ରାପ୍ତ ଏୟାର୍ ମାର୍ଶାଲ୍ ଜିତେନ୍ଦ୍ର ମିଶ୍ର ରାମଭକ୍ତଙ୍କ ସମର୍ଥନ ଓ ଆଶୀର୍ବାଦ ଲୋଡ଼ିଛନ୍ତି। ଟ୍ରଷ୍ଟର ପରିଚାଳନାରେ ନିକଟରେ ବଡ଼ ପରିବର୍ତ୍ତନ ପରେ ଶୁକ୍ରବାର ଅଯୋଧ୍ୟାର ବୈଦେହୀ ଭବନରେ ଅନୁଷ୍ଠିତ ପ୍ରଥମ ବୈଠକ ପରେ ସାମ୍ବାଦିକଙ୍କୁ ମିଶ୍ର କହିଛନ୍ତି ଯେ, ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ନୂଆ ରଣନୀତିର ପ୍ରଭାବ ଖୁବ୍‌ଶୀଘ୍ର ଦେଖାଯିବ। ମିଶ୍ର କହିଛନ୍ତି, ରାମଭକ୍ତଙ୍କ ଆସ୍ଥା ଓ ଆଶୀର୍ବାଦ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। କିଛି ସମୟ ଦେବାକୁ ସେ ଭକ୍ତମାନଙ୍କୁ ଅନୁରୋଧ କରିବା ସହ ସେମାନଙ୍କ ଆଶୀର୍ବାଦ ଓ ବିଶ୍ୱାସ ସହ ଆଗକୁ ବଢ଼ିବେ ବୋଲି କହିଛନ୍ତି। ମନ୍ଦିରର କାର୍ଯ୍ୟପ୍ରଣାଳୀ ସହ ସେ ଏବେ ପରିଚିତ ହେଉଛନ୍ତି। ଟ୍ରଷ୍ଟର ସଦସ୍ୟମାନଙ୍କୁ ଭେଟିବା ଓ ରାମମନ୍ଦିର ପରିଦର୍ଶନ କରିବା ପରେ ସେ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ଏହାର ଫଳ କିଛି ଦିନ ମଧ୍ୟରେ ଦୃଶ୍ୟମାନ ହେବ ବୋଲି ସେ କହିଛନ୍ତି। ବୈଦେହୀ ଭବନରେ ହୋଇଥିବା ବୈଠକରେ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟ ସହ ଜଡ଼ିତ ପକ୍ଷଙ୍କ ମଧ୍ୟରେ ସମନ୍ୱୟ ଏବଂ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ଭକ୍ତଙ୍କ ପାଇଁ ବ୍ୟବସ୍ଥା, ଟ୍ରଷ୍ଟର କାର୍ଯ୍ୟରେ ସ୍ୱଚ୍ଛତା, ସୁବିଧା ଓ ସୁରକ୍ଷା ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ଆଗାମୀ ପର୍ବପର୍ବାଣି ପାଇଁ ପ୍ରସ୍ତୁତି ନେଇ ବି ଆଲୋଚନା ହୋଇଛି। ଟ୍ରଷ୍ଟର ସାଧାରଣ ସମ୍ପାଦକ ଗୋବିନ୍ଦ ଦେବ ଗିରି ଉପସ୍ଥିତ ଥିବାବେଳେ ଅନ୍ୟ କେତେକ ସଦସ୍ୟ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗଣମାଧ୍ୟମକୁ ମଧ୍ୟ ଜଣାଇ ଦିଆଯିବ ବୋଲି ମିଶ୍ର କହିଛନ୍ତି। ଗତ ବୁଧବାର ମିଶ୍ରଙ୍କୁ ଟ୍ରଷ୍ଟର ପ୍ରଥମ ସିଇଓ ଭାବେ ନିଯୁକ୍ତ କରାଯାଇଥିଲା।


## ପାରିମ୍ୟାଚ୍ ବେଟିଂ ମାମଲାରେ ୫ ରାଜ୍ୟରେ ଇଡି ଚଢ଼ଉ

ମୁମ୍ବାଇ, ୪/୯: ସାଇପ୍ରସ୍-ଭିତ୍ତିକ ବେଆଇନ ଅନ୍‌ଲାଇନ୍ ବେଟିଂ ପ୍ଲାଟଫର୍ମ 'ପାରିମ୍ୟାଚ୍' ବିରୋଧରେ ଚାଲିଥିବା ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ ଧରଣର ଚଢ଼ଉ କରିଛି। ଇଡିର ମୁମ୍ବାଇ ଜୋନାଲ କାର୍ଯ୍ୟାଳୟ ପକ୍ଷରୁ ଗତ ୨ ସେପ୍ଟେମ୍ବରରେ ମହାରାଷ୍ଟ୍ର, ରାଜସ୍ଥାନ, ଦିଲ୍ଲୀ, ଗୁଜରାଟ ଓ ଉତ୍ତରପ୍ରଦେଶର ମୋଟ ୧୭ଟି ସ୍ଥାନରେ ତଲାସି ଚାଲିଥିଲା। ତଦନ୍ତରୁ ଏହି ବେଟିଂ ନେଟ୍‌ୱର୍କ ମାତ୍ର ଗୋଟିଏ ବର୍ଷରେ ୩ ହଜାର କୋଟି ଟଙ୍କାରୁ ଅଧିକ ଅର୍ଥ ସଂଗ୍ରହ କରିଥିବା ଜଣାପଡ଼ିଛି। ଇଡି ତଲାସି ସମୟରେ ନଗଦ ଟଙ୍କା, ସୁନା, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ବିଭିନ୍ନ ଡିଜିଟାଲ ଉପକରଣ ଜବତ କରିଛି। ପ୍ରାୟ ୬୧ ଲକ୍ଷ ଟଙ୍କା ନଗଦ ଓ ପ୍ରାୟ ୧ କିଲୋଗ୍ରାମ ସୁନା ମିଳିଥିବାବେଳେ ପ୍ରାୟ ୩୭ କୋଟି ଟଙ୍କାର ବ୍ୟାଙ୍କ ଜମାକୁ ଅଚଳ କରାଯାଇଛି। ଏହି ମାମଲାରେ ଏ ପର୍ଯ୍ୟନ୍ତ ମୋଟ ପ୍ରାୟ ୧୫୦ କୋଟି ଟଙ୍କାର ସମ୍ପତ୍ତି ଜବତ କିମ୍ବା ଅଚଳ କରାଯାଇଛି। ତଦନ୍ତରୁ ଜଣାପଡ଼ିଛି ଯେ, ବେଟିଂ ମାଧ୍ୟମରେ ଆସୁଥିବା ଅର୍ଥକୁ ପ୍ରଥମେ ଅନେକ 'ମ୍ୟୁଲ୍ ଆକାଉଣ୍ଟ' ମାଧ୍ୟମରେ ସ୍ଥାନାନ୍ତର କରାଯାଉଥିଲା। ଏଥିରେ ବ୍ୟବସାୟୀଙ୍କ ନାମରେ ଖୋଲାଯାଇଥିବା ଆକାଉଣ୍ଟ ମଧ୍ୟ ବ୍ୟବହାର ହେଉଥିଲା। ପରେ ଅର୍ଥକୁ ବିଭିନ୍ନ ଆର୍ଥିକ ଓ ବ୍ୟବସାୟିକ ମାଧ୍ୟମରେ ଅନେକ ସ୍ତରରେ ଘୂରାଇ ଏହାର ପ୍ରକୃତ ଉତ୍ସ ଲୁଚାଇବାକୁ ଉଦ୍ୟମ କରାଯାଉଥିଲା। ଇଡି ଅନୁସାରେ, ବେଟିଂରୁ ଆସିଥିବା ଟଙ୍କାକୁ କ୍ୟାସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଏବଂ ଡିଜିଟାଲ ମନି ଟ୍ରାନ୍ସଫର ଏଜେଣ୍ଟଙ୍କ ମାଧ୍ୟମରେ ନଗଦରେ ପରିଣତ କରାଯାଉଥିଲା। କେତେକ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, କମ୍ପାନି ସେକ୍ରେଟାରୀ ଓ ଅନ୍ୟ ଆର୍ଥିକ ସଂସ୍ଥାର ଭୂମିକାକୁ ମଧ୍ୟ ତଦନ୍ତ କରାଯାଉଛି। ହାୱାଲା ମାଧ୍ୟମରେ ଅର୍ଥ ବିଦେଶକୁ ପଠାଯାଇଥିବା ସହ କ୍ରିପ୍ଟୋକରେନ୍ସି ୱାଲେଟ୍ ମାଧ୍ୟମରେ ମଧ୍ୟ ଟଙ୍କାର କାରବାର ହୋଇଥିବା ଇଡି ସନ୍ଦେହ କରୁଛି। ତଦନ୍ତକାରୀ ସଂସ୍ଥା କହିଛି ଯେ, ଏହି ଅର୍ଥର ଏକ ଅଂଶ ନକଲି ବିଦେଶୀ ପୁଞ୍ଜିନିବେଶ ଓ ସେବା ଆମଦାନି ନାମରେ ବିଦେଶକୁ ପଠାଯାଇଥିଲା। ପାରିମ୍ୟାଚ୍ ସହ ଜଡ଼ିତ ବିଭିନ୍ନ ପେମେଣ୍ଟ କମ୍ପାନି ଓ ପେମେଣ୍ଟ ଗେଟ୍‌ୱେ ମଧ୍ୟ ତଦନ୍ତ ପରିସରରେ ରହିଛନ୍ତି।

## ସୋନିଆ ଗାନ୍ଧୀଙ୍କ ମେମୋଏର ଛାପିବ ହାର୍ପରକଲିନ୍ସ

ନୂଆଦିଲ୍ଲୀ, ୪/୯: କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମେମୋଏର 'ବିଲଙ୍ଗିଂ: ଏ ଜର୍ନି ଅଫ୍ ଲଭ୍'ର ପ୍ରକାଶନରୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ହଟିବା ପରେ ବିବାଦ ଦେଖାଯାଇଥିଲା। ତେବେ ହାର୍ପରକଲିନ୍ସ ଇଣ୍ଡିଆ ଏହି ମେମୋଏର ପ୍ରକାଶ କରିବ ବୋଲି ଶୁକ୍ରବାର ଘୋଷଣା କରିଛି। 'ବିଲଙ୍ଗିଂ: ଏ ଜର୍ନି ଅଫ୍ ଲଭ୍' ନଭେମ୍ବର ୧୦ ତାରିଖରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ। ଏଥିରେ ଯୁଦ୍ଧ ପରବର୍ତ୍ତୀ ଇଟାଲୀରେ ସୋନିଆ ଗାନ୍ଧୀଙ୍କ ପିଲାଦିନରୁ ଭାରତରେ ତାଙ୍କ ଜୀବନ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ତାଙ୍କ ବିବାହ ଓ ଭାରତୀୟ ରାଜନୀତିର କେନ୍ଦ୍ରରେ ତାଙ୍କ ଦଶନ୍ଧି ଧରି ରହିଥିବା ଯାତ୍ରାର ବର୍ଣ୍ଣନା କରାଯାଇଛି। କଂଗ୍ରେସ ନେତ୍ରୀଙ୍କ କାର୍ଯ୍ୟକୁ 'ଆମ ସମୟର ସବୁଠାରୁ ପ୍ରତୀକ୍ଷିତ ରାଜନୈତିକ ମେମୋରଏର ମଧ୍ୟରୁ ଗୋଟିଏ' ବୋଲି ଅଭିହିତ କରି ହାର୍ପରକଲିନ୍ସ କହିଛନ୍ତି ଯେ, ଏହି ପୁସ୍ତକ ଭାରତର ଯାତ୍ରାର ଏକ ବିରଳ ଅନ୍ତର୍ନିହିତ ଦୃଷ୍ଟିକୋଣ ପ୍ରଦାନ କରେ। ପେଙ୍ଗୁଇନ୍ ଇଣ୍ଡିଆ ଭାରତରେ ପୁସ୍ତକ ପ୍ରକାଶ ନକରିବାକୁ ନିଷ୍ପତ୍ତି ନେବା ପରେ ଏହି ବିକାଶ ଘଟିଛି। ରିପୋର୍ଟ ଅନୁଯାୟୀ ପେଙ୍ଗୁଇନ୍ ଇଣ୍ଡିଆ ମୂଳ ଲେଖାର କିଛି ଅଂଶରେ ସମ୍ପାଦକୀୟ ପରିବର୍ତ୍ତନ ଓ ବିଲୋପ ଚାହୁଁଥିଲେ, ଯେଉଁଥିପାଇଁ ସୋନିଆ ଗାନ୍ଧୀ ରାଜି ହୋଇ ନଥିଲେ।

## ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କୁ ଅଭିନନ୍ଦନ ଜଣାଇଲେ ମୋଦୀ



ନୂଆଦିଲ୍ଲୀ, ୪/୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କୁ ଆଜି ଶୁଭେଚ୍ଛା ଜଣାଇଛନ୍ତି। ସର୍ବାଧିକ ସମୟ ପ୍ରଧାନମନ୍ତ୍ରୀ ପଦରେ ରହିଥିବାରୁ ମେଲୋନିଙ୍କୁ ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ମୋଦୀ ମେଲୋନିଙ୍କୁ ତାଙ୍କ ବନ୍ଧୁ ବୋଲି କହିଛନ୍ତି। ମୋଦୀ କହିଛନ୍ତି, ମେଲୋନିଙ୍କ ସଫଳତା ଇଟାଲୀ ନାଗରିକ ତାଙ୍କ ନେତାଙ୍କ ଉପରେ ଦେଖାଇଥିବା ବିଶ୍ୱାସକୁ ପ୍ରତିଫଳିତ କରୁଛି। ସେ କହିଛନ୍ତି, ମେଲୋନିଙ୍କ ବନ୍ଧୁତ୍ୱ ମଧ୍ୟ ଭାରତ ଓ ଇଟାଲୀ ମଧ୍ୟରେ ସ୍ୱତନ୍ତ୍ର ରଣନୈତିକ ସହଭାଗିତାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଛି। ୨ ରାଷ୍ଟ୍ର ସେମାନଙ୍କ ଲୋକଙ୍କ ଉତ୍ତମ ଭବିଷ୍ୟତ ପାଇଁ ଏକାଠି କାମ କରିବା ଜାରି ରଖିବେ ବୋଲି ମୋଦୀ ଆଶା ପ୍ରକଟ କରିଛନ୍ତି। ମୋଦୀ ମଧ୍ୟ ଆଗାମୀ ବର୍ଷମାନଙ୍କରେ ମେଲୋନିଙ୍କ ସଫଳତା କାମନା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜର୍ଜିଆ ମେଲୋନିଙ୍କ ସରକାର ଶୁକ୍ରବାର ଇଟାଲିରେ ଏକ ନୂଆ ରେକର୍ଡ କରିଛି। ମେଲୋନି ଲଗାତାର ୧୪୧୩ ଦିନ ଅଫିସ୍‌ରେ ରହି ଏହି ନୂଆ ରେକର୍ଡ କରିଛନ୍ତି। ସେ ୨୦୦୧ରୁ ୨୦୦୫ ମଧ୍ୟରେ କ୍ଷମତାରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ସିଲ୍‌ଭିଓ ବେର୍ଲୁସ୍କୋନିଙ୍କ ରେକର୍ଡ ଭାଙ୍ଗିଛନ୍ତି। ବେର୍ଲୁସ୍କୋନି ୧୪୧୨ ଦିନ କ୍ଷମତାରେ ରହିଥିଲେ। ମେଲୋନି ୨୦୨୨ ଅକ୍ଟୋବର ୨୨ରେ ଇଟାଲିର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ହୋଇଥିଲେ।

## ପାର୍କିଂ ବେଳେ ଖୁଣ୍ଟରେ ପିଟିହେଲା ଇଣ୍ଡିଗୋ ବିମାନ, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ଶ୍ରୀନଗର, ୪/୯: ଶ୍ରୀନଗର ବିମାନବନ୍ଦରରେ ଶୁକ୍ରବାର ସକାଳେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଛନ୍ତି ବିମାନ ଯାତ୍ରୀ। ନବୀ ମୁମ୍ବାଇରୁ ଶ୍ରୀନଗର ପହଞ୍ଚିଥିବା ଇଣ୍ଡିଗୋର ଏକ ବିମାନ ପାର୍କିଂ ହେବା ସମୟରେ ଭିଜୁଆଲ୍ ଡକିଂ ଗାଇଡାନ୍ସ ସିଷ୍ଟମ୍ (ଭିଡିଜିଏସ୍) ଖୁଣ୍ଟ ସହ ପିଟି ହୋଇଯାଇଥିଲା। ତେବେ ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ସଂପୃକ୍ତ ବିମାନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଇଣ୍ଡିଗୋ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୯:୦୨ ମିନିଟରେ ଇଣ୍ଡିଗୋ ଫ୍ଲାଇଟ୍ '୬ଇ୨୨୫' ଶ୍ରୀନଗର ବିମାନବନ୍ଦରର ବେ'' ନମ୍ବର ୦୬ରେ ପାର୍କିଂ ପାଇଁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା। ଦୁର୍ଘଟଣା ପରେ ତୁରନ୍ତ ମାନୁଆଲ୍ ସିଢ଼ି ବ୍ୟବହାର କରି ସମସ୍ତ ଯାତ୍ରୀଙ୍କୁ ବିମାନରୁ ସୁରକ୍ଷିତ ଭାବେ ଓହ୍ଲାଯାଇଥିଲା। ଏହି ଅଘଟଣରେ କାହାରିକୁ କୌଣସି ଆଘାତ ଲାଗିନାହିଁ। ଏହି ଘଟଣାର କାରଣ ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଧ୍ୟାନ ଓ ତଦନ୍ତ କରାଯିବ। ସମ୍ପୂର୍ଣ୍ଣ ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଂସ୍ଥା କହିଛି।

## ହୁତି ବିଦ୍ରୋହୀ-ୟେମେନ ସରକାରୀ ବାହିନୀ ସଂଘର୍ଷ: ୮୧ ମୃତ





ଦୁବାଇ୪/୯: ୟେମେନରେ ହୁତି ବିଦ୍ରୋହୀ ଓ ସରକାରୀ ବାହିନୀ ମଧ୍ୟରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଭୟଙ୍କର ସଂଘର୍ଷରେ ୮୧ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩୯ ଜଣ ୟେମେନ ସରକାରୀ ବାହିନୀର ଯୋଦ୍ଧା ଓ ୪୨ ଜଣ ହୁତି ସଦସ୍ୟ ଅଛନ୍ତି। ସାମରିକ ସୂତ୍ର ଅନୁସାରେ, ଲୋହିତ ସାଗରଉପକୂଳ ଅଞ୍ଚଳରେ ସରକାରୀ ବାହିନୀର ୨୪ ଜଣ ଯୋଦ୍ଧା ପ୍ରାଣ ହରାଇଛନ୍ତି। ଦେଶର ତାଇଜ୍ ଅଞ୍ଚଳରେ ଆଉ ୧୫ ଜଣ ସରକାରୀ ସୈନିକଙ୍କ ମୃତ୍ୟୁ ହୋଇଛି। ଏହା ସହ ହୁତି ନିୟନ୍ତ୍ରଣାଧୀନ ଅଞ୍ଚଳର ୪୨ ଜଣ ହୁତି ସଦସ୍ୟ ନିହତ ହୋଇଛନ୍ତି। ଗୁରୁବାର ହୁତି ବାହିନୀ ସ୍ଥଳ ଆକ୍ରମଣ ଆରମ୍ଭ କରିବା ସହ ରକେଟ୍ ଓ ଡ୍ରୋନ୍ ଆକ୍ରମଣ କରିଥିଲା। ଲୋହିତ ସାଗର ଉପକୂଳ ଏବଂ ତାଇଜ୍ ଅଞ୍ଚଳ ନିକଟରେ ଏହି ଆକ୍ରମଣ ହୋଇଥିଲା। ୟେମେନ ସରକାରୀ ସାମରିକ ସୂତ୍ର କହିଛି, ମୋଖା ବନ୍ଦର ସହରକୁ ଅନ୍ୟ ସରକାରୀ ନିୟନ୍ତ୍ରିତ ଅଞ୍ଚଳରୁ ବିଚ୍ଛିନ୍ନ କରିବା ହୁତି ବାହିନୀର ଲକ୍ଷ୍ୟ ଥିଲା। ଏଥିସହ ବାବ୍ ଅଲ୍-ମନ୍ଦେବ୍ ପ୍ରଣାଳୀ ସୀମାନ୍ତ ଅଞ୍ଚଳ ଆଡ଼କୁ ଆଗେଇବାକୁ ମଧ୍ୟ ସେମାନେ ଉଦ୍ୟମ କରୁଥିବା ସୂଚନା ମିଳିଛି। ୟେମେନ ଗତ ଏକ ଦଶନ୍ଧିରୁ ଅଧିକ ସମୟ ଧରି ଗୃହଯୁଦ୍ଧରେ ଜର୍ଜରିତ। ୨୦୨୨ରେ ସାଉଦି ଆରବ ସମର୍ଥିତ ୟେମେନ ସରକାର ସହ ହୋଇଥିବା ଅସ୍ତ୍ରବିରତି ପରେ ହିଂସା କିଛି ମାତ୍ରାରେ ହ୍ରାସ ପାଇଥିଲା। ତେବେ ହୁତିମାନେ ଏହି ଅସ୍ତ୍ରବିରତିକୁ ଭାଙ୍ଗିବା ପରେ ଓ ନୂଆ ସଂଘର୍ଷ ଯୋଗୁଁ ଦେଶରେ ପୁଣି ବ୍ୟାପକ ଯୁଦ୍ଧର ଆଶଙ୍କା ବଢ଼ିଛି।

# ଭାରତୀୟ କମ୍ପାନି ସହିତ ୭୭୦ କୋଟିର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର



ଟାଲିନ୍, ୪/୯: ୟୁକ୍ରେନକୁ ସମର୍ଥନ କରିବା ପାଇଁ ୭୦ ନିୟୁତ ୟୁରୋ (୭୬୮.୫୦ କୋଟି ଟଙ୍କାରୁ ଅଧିକ)ର ଗୋଳାବାରୁଦ ଚୁକ୍ତି ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନି ସହିତ ଜଡିତ କ୍ରୟ ଦୁର୍ନୀତିରେ ଫସିଯିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୨୦୨୨ ମସିହାରୁ ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ପେଭ୍‌କୁର ବୁଧବାର ତାଙ୍କ ଇସ୍ତଫା ଘୋଷଣା କରି କହିଛନ୍ତି ଯେ, ସେ ଏଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ଦ୍ୱାରା ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ପରେ ପ୍ରତିରକ୍ଷା ଚୁକ୍ତିର ଦାୟିତ୍ୱ ନେଇ ଇସ୍ତଫା ଦେଉଛନ୍ତି। ପ୍ରତିରକ୍ଷା କ୍ରୟ ଦୁର୍ନୀତିରେ ଫସିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି। ୟୁରୋପୀୟ ସଂଘ ଦ୍ୱାରା ଅନୁଦାନପ୍ରାପ୍ତ ୭୦ନିୟୁତ ୟୁରୋ (ପ୍ରାୟ ୭୭୦ କୋଟି) ପ୍ରତିରକ୍ଷା ଚୁକ୍ତି ୟୁକ୍ରେନକୁ ସହାୟତା କରିବା ପାଇଁ ଗୋଳାବାରୁଦ କ୍ରୟ କରିବା ପାଇଁ ହୋଇଥିଲା। ଏଥିରେ ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନି ସାମିଲ ଥିଲା। ୨୦୨୨ ମସିହାରୁ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ଥିବା ପେଭକୁର ବୁଧବାର ବିଳମ୍ବିତ ଟେଲିଭିଜନରେ ତାଙ୍କ ଇସ୍ତଫା ଘୋଷଣା କରିଥିଲେ। ଇସ୍ତଫା ଘୋଷଣା କରି ପେଭକୁର କହିଛନ୍ତି ଯେ, ସେ ତାଙ୍କ ମନ୍ତ୍ରଣାଳୟର ସମସ୍ୟା ପାଇଁ ରାଜନୈତିକ ଦାୟିତ୍ୱ ନେଉଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, 'ଏଷ୍ଟୋନିଆର ସୁରକ୍ଷା ଜଣେ ବ୍ୟକ୍ତିଙ୍କ କାମ ନୁହେଁ। ଏହା ଆମର ସାମୂହିକ ଦାୟିତ୍ୱ। ସେଥିପାଇଁ ଆଜି ମୁଁ ସମଗ୍ର ପ୍ରତିରକ୍ଷା କ୍ଷେତ୍ର ପାଇଁ ରାଜନୈତିକ ଦାୟିତ୍ୱ ଗ୍ରହଣ କରି ସଠିକ୍ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ପଦ ହସ୍ତାନ୍ତର କରିବାକୁ ପଡିବ।' ଏହି ମାମଲାଟି ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଓ ଇଟାଲୀୟ-ପଞ୍ଜିକୃତ କମ୍ପାନି ଡାଟାସେଲ୍ ଏସ୍‌ଆରଏଲ୍ ମଧ୍ୟରେ ୨୦୨୪ ମସିହାରେ ହୋଇଥିବା ଏକ ଚୁକ୍ତି ସହିତ ଜଡିତ। ସେହିବର୍ଷ ଭାରତୀୟ କମ୍ପାନି ନେକୋ ଡିଫେନ୍ସ ମ୍ୟୁନିସନ୍ ଦ୍ୱାରା ଡାଟାସେଲ୍ ଏସ୍‌ଆରଏଲ୍ ଅଧିଗ୍ରହଣ କରାଯାଇଥିଲା।

## ସିଜେପି ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ବିଧାନସଭା ନିର୍ବାଚନ ପୂର୍ବରୁ ଆଲୋଚନାକୁ ନେଇ ଚର୍ଚ୍ଚା

ଲକ୍ଷ୍ନୌ: କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରବକ୍ତା ଆଶୁତୋଷ ରାଙ୍କା ଗୁରୁବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଲକ୍ଷ୍ନୌରେ ଭେଟିଥିଲେ। ଏହି ଆଲୋଚନାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଆସନ୍ତାବର୍ଷ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ବୈଠକ ଗୁରୁତ୍ୱ ବହନ କରୁଛି ବୋଲି କୁହାଯାଉଛି। ସିଜେପି ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟିକୁ ସହଯୋଗ କରିବ କି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ଓ ସିଜେପି ଏହାକୁ କେବଳ ସୌଜନ୍ୟମୂଳକ ସାକ୍ଷାତ ବୋଲି କହିଛନ୍ତି। ସମାଜବାଦୀ ପାର୍ଟି ନେତା ଫଖରୁଲ ହସନ କହିଛନ୍ତି, ଅଖିଳେଶ ଯାଦବ ଓ ଆଶୁତୋଷଙ୍କ ମଧ୍ୟରେ ପ୍ରାୟ ଦେଢ଼ ଘଣ୍ଟା ଧରି ଆଲୋଚନା ହୋଇଥିଲା। ସିଜେପି ନେତା କେବଳ ଧନ୍ୟବାଦ ଦେବାକୁ ଆସିଥିଲେ। ଯନ୍ତର ମନ୍ତରଠାରୁ ସିଜେପି ଆନ୍ଦୋଳନକୁ ସମାଜବାଦୀ ପାର୍ଟି ଯେପରି ବୁଝିଥିଲା ଓ ଜାତୀୟ ସ୍ତରରେ ଏହାକୁ ସମର୍ଥନ ଜଣାଇଥିଲା ସେଥିପାଇଁ ଆଶୁତୋଷ ଧନ୍ୟବାଦ ଜଣାଇବାକୁ ଆସିଥିଲେ। ହସନ କହିଛନ୍ତି, ସିଜେପିର କୌଣସି ବି ରାଜନୈତିକ ନିଷ୍ପତ୍ତିକୁ ନେଇ ସମାଜବାଦୀ ପାର୍ଟି କୌଣସି ଟିପ୍ପଣୀ ଦେବାକୁ ଚାହୁଁନାହିଁ।

## ସ୍ୱଦେଶୀ ଦୂରଗାମୀ ଖଗନ୍ତକ-୨୪୩ର ସଫଳ ପରୀକ୍ଷଣ

**ନୂଆଦିଲ୍ଲୀ, ୦୪/୯:** ଭାରତର ପ୍ରତିରକ୍ଷା ବାୟୁ ଶକ୍ତିକୁ ନୂଆ ବଳ ମିଳିଛି। ବାୟୁସେନା ବୁଧବାର ଏକ ବଡ଼ ସଫଳତା ପୂର୍ବକ ସ୍ୱଦେଶୀ ଲମ୍ବା ଦୂରଗାମୀ ଗାଇଡେଡ୍ ବୋମା 'ଖଗନ୍ତକ-୨୪୩'ର ପରୀକ୍ଷଣ ଶେଷ କରିଛି। ଏହାକୁ ଦେଶ ମଧ୍ୟରେ ହିଁ ଡିଜାଇନ ଓ ବିକଶିତ କରାଯାଇଛି। ଖଗନ୍ତକ-୨୪୩ର ସଫଳ ପରୀକ୍ଷଣ ଦ୍ୱାରା ବାୟୁସେନାର ଲମ୍ବା ଦୂରତାରୁ ସଠିକ ପ୍ରହାର କ୍ଷମତା ଆହୁରି ମଜଭୁତ ହେବା ଆଶା କରାଯାଉଛି। ଏ ନେଇ ସୋସିଆଲ ମିଡିଆ ଜରିଆରେ ଖୁସି ବ୍ୟକ୍ତ କରିଛି ଭାରତୀୟ ବାୟୁସେନା। ଲେଖିଛି, ସଠିକତା, ଶକ୍ତି ଓ ଗୌରବ। ବାୟୁସେନା ଏବଂ ଦେଶର ପ୍ରତିରକ୍ଷା ଉଦ୍ୟୋଗ ସ୍ୱଦେଶୀ ସୈନ୍ୟ ପ୍ରଯୁକ୍ତି କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି। ଆତ୍ମନିର୍ଭର ଭାରତ ଅଭିଯାନରେ ଏହି ପରୀକ୍ଷଣରେ ସମସ୍ତ ଲକ୍ଷ୍ୟ ହାସଲ କରାଯାଇଛି। ଆକ୍ରମଣ କ୍ଷମତା ନୂଆ ଉଚ୍ଚତା ଛୁଇଁଛି। ଖଗନ୍ତକ-୨୪୩ରେ ୧୨୫ କିଲୋଗ୍ରାମ ଓଜନର ବିସ୍ଫୋରକ ରହିଛି। ଏହା ୧୪୪ରୁ ୧୮୦ କିଲୋମିଟର ରେଞ୍ଜ ପର୍ଯ୍ୟନ୍ତ ଯାଇପାରିବ। ଏହାଦ୍ୱାରା ବାୟୁସେନା ଯୁଦ୍ଧ ବିମାନ ଶତ୍ରୁ ଦେଶର ସୀମା ମଧ୍ୟରେ ନ ପଶି ଆକ୍ରମଣ କରିପାରିବ। ବାୟୁସେନା ପୋଖରାନସ୍ଥିତ ସୁ-୩୦ଏମକେଆଇରୁ ଏହି ଗାଇଡେଡ ବୋମାର ସଫଳ ପରୀକ୍ଷଣ କରିଛି।

## ଜନ୍ମଗତ ନାଗରିକତ୍ୱ: ଟ୍ରମ୍ପଙ୍କ ନୂତନ ନିର୍ଦ୍ଦେଶନାମା ଉପରେ ରୋକ



ୱାଶିଂଟନ,୪।୯ ଆମେରିକାର ସୁପ୍ରିମକୋର୍ଟ ତାଙ୍କର ପୂର୍ବ ପ୍ରୟାସକୁ ପ୍ରତ୍ୟାଖ୍ୟାନ କରିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଜାରି କରିଥିବା ଜନ୍ମଗତ ନାଗରିକତା ପାଇବାକୁ ଯୋଗ୍ୟ ବ୍ୟକ୍ତିଙ୍କ ସଂଖ୍ୟାକୁ ସୀମିତ କରୁଥିବା ଏକ ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମାକୁ ଲାଗୁ କରିବାରୁ ଜଣେ ଫେଡେରାଲ ବିଚାରପତି ଟ୍ରମ୍ପ ପ୍ରଶାସନକୁ ରୋକିଛନ୍ତି । ମେରିଲ୍ୟାଣ୍ଡର ଗ୍ରୀନ୍‌ବେଲ୍ଟରେ ଥିବା ଆମେରିକାର ଜିଲା ବିଚାରପତି ଡେବୋରା ବୋର୍ଡମ୍ୟାନ ପ୍ରବାସୀ ଅଧିକାର କର୍ମୀଙ୍କ ଅନୁରୋଧ କ୍ରମେ ଏକ ପ୍ରାଥମିକ ନିଷେଧାଦେଶ ଜାରି କରିଛନ୍ତି। ଏହି କର୍ମୀମାନେ ଗତ ବର୍ଷ ଜନ୍ମଗତ ନାଗରିକତାକୁ ସୀମିତ କରୁଥିବା ଟ୍ରମ୍ପ ପ୍ରଶାସନର ପ୍ରାରମ୍ଭିକ ୨୦୨୫ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମାକୁ ଲାଗୁ ନ କରିବା ପାଇଁ ତାଙ୍କଠାରୁ ଏକ ଅଦାଲତୀୟ ନିର୍ଦ୍ଦେଶ ହାସଲ କରିଥିଲେ। ଯେଉଁ ପିଲାଙ୍କର ମାତାପିତା ଆମେରିକାର ନାଗରିକ ନୁହନ୍ତି କିମ୍ବା ବୈଧ ସ୍ଥାୟୀ ବାସିନ୍ଦା (ଗ୍ରୀନ କାର୍ଡଧାରୀ ଭାବେ ଜଣାଶୁଣା) ନୁହନ୍ତି, ସେମାନଙ୍କ ପାଇଁ ଜନ୍ମଗତ ନାଗରିକତା ସମାପ୍ତ କରିବାର ସେହି ପ୍ରାରମ୍ଭିକ ପ୍ରୟାସକୁ ଆମେରିକା ସୁପ୍ରିମକୋର୍ଟ ଜୁନ୍ ୩୦ରେ ପ୍ରତ୍ୟାଖ୍ୟାନ କରିଥିଲେ। ଏହି ନିଷ୍ପତ୍ତି ପରେ ଟ୍ରମ୍ପ ଅଗଷ୍ଟ ୬ରେ ଏକ ନୂତନ ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିଥିଲେ ଯାହା ବିଶେଷକରି 'ଜନ୍ମଗତ ପର୍ଯ୍ୟଟନ'କୁ ଟାର୍ଗେଟ୍ କରିଥିଲା; ଯେଉଁଥିରେ ମହିଳାମାନେ ଆମେରିକା ଭ୍ରମଣରେ ଆସି ସେଠାରେ ସନ୍ତାନ ଜନ୍ମ କରିଥାନ୍ତି। ଏହାଦ୍ୱାରା ସେମାନଙ୍କ ପିଲାମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ନାଗରିକତା ପାଇପାରିବେ। ଯଦି ପିଲାମାନଙ୍କର ମାତାପିତାଙ୍କ ମଧ୍ୟରୁ କେହି ଜଣେ ଆମେରିକାରେ ବୈଦେଶିକ ସରକାରଙ୍କ ପାଇଁ କାର୍ଯ୍ୟ କରନ୍ତି, ନାଗରିକତା ପାଇବା ପାଇଁ ଜାଲିଆତି କିମ୍ବା ବ୍ୟବସାୟିକ କାରବାରରେ ଜଡ଼ିତ ଥାଆନ୍ତି, କିମ୍ବା ସେମାନଙ୍କୁ 'ଶତ୍ରୁ ବିଦେଶୀ' ଭାବେ ଶ୍ରେଣୀଭୁକ୍ତ କରାଯାଇଥାଏ, ତେବେ ସେହି ପିଲାମାନଙ୍କୁ ମଧ୍ୟ ନାଗରିକତା ପ୍ରଦାନ କରାଯିବ ନାହିଁ। ସେ ସେହି ନିର୍ଦ୍ଦେଶନାମାରେ ସ୍ୱାକ୍ଷର କରିବା ପରେ ଟ୍ରମ୍ପଙ୍କ ୨୦୨୫ ନିର୍ଦ୍ଦେଶନାମା ଅଧୀନରେ ନାଗରିକତାରୁ ବଞ୍ଚିତ ହେବାକୁ ଥିବା ଶିଶୁମାନଙ୍କ ପକ୍ଷରୁ ଏକ ଗଣ-ମାମଲା ଚଳାଇଥିବା ଓକିଲମାନେ ରିପବ୍ଲିକାନ ରାଷ୍ଟ୍ରପତିଙ୍କ ଏହି ନୂତନ ନିର୍ଦ୍ଦେଶନାମାକୁ ରୋକିବା ପାଇଁ ଏବଂ ସେମାନଙ୍କ ମହକିଲମାନଙ୍କ ନାଗରିକତାକୁ ସମ୍ମାନ ଜଣାଇବା ନିଶ୍ଚିତ କରିବା ଲାଗି ବୋର୍ଡମ୍ୟାନଙ୍କୁ ଅନୁରୋଧ କରିଥିଲେ।

# ବିପର୍ଯ୍ୟୟରେ ନେପାଳର ସବୁଠୁ ବଡ଼ ସହଯୋଗୀ ଭାରତ

- ନେପାଳ ପ୍ରଳୟଙ୍କରୀ ବନ୍ୟା: ୬୦୦ ଶିଶୁ ନିଖୋଜ, ୨୨ ଜଣ ଶିକ୍ଷକ ଓ କର୍ମଚାରୀଙ୍କ ପତ୍ତା ମିଳୁନି
- ନେପାଳ ବନ୍ୟା ମୃତକଙ୍କ ପରିଚୟ ପାଇଁ ଭାରତରେ ହେବ ଡିଏନ୍ଏ ପରୀକ୍ଷା
- ନେପାଳରେ ୨୭୫ ଭାରତୀୟ ନିଖୋଜ



**କାଠମାଣ୍ଡୁ, ୪/୯:** ନେପାଳରେ ଅଗଷ୍ଟ ୨୬ରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଓ ଭୂସ୍ଖଳନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରାସ୍ତା, ପୋଲ, ବଜାର ଓ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହି ବିପର୍ଯ୍ୟୟ ସମୟରେ ଭାରତ ନେପାଳକୁ ବ୍ୟାପକ ମାନବୀୟ ଓ ପ୍ରଯୌକ୍ତିକ ସହାୟତା ଯୋଗାଇଛି। ବନ୍ୟା ଆସିବାର କିଛି ଘଣ୍ଟା ମଧ୍ୟରେ ଭାରତ ରିଲିଫ୍ ପଠାଇବା ଆରମ୍ଭ କରିଥିଲା। ସେପ୍ଟେମ୍ବର ୩ ସୁଦ୍ଧା ୬ଟି ପର୍ଯ୍ୟାୟରେ ଭାରତ ନେପାଳକୁ ୭୪ ଟନ୍‌ରୁ ଅଧିକ ରିଲିଫ୍ ସାମଗ୍ରୀ ପଠାଇଛି। ଏଥିରେ ଔଷଧ, ଖାଦ୍ୟ, କମ୍ବଳ, ଶୋଇବା ବ୍ୟାଗ୍, ତାରପୋଲିନ୍, ପ୍ଲାଷ୍ଟିକ୍ ସିଟ୍, ସ୍ୱଚ୍ଛତା ସାମଗ୍ରୀ, ଜଳ ବିଶୋଧନ ଟାବଲେଟ୍ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ରହିଛି। ଭାରତ ଡାକ୍ତର, ପାରାମେଡିକ୍ସ, ସୁଡ଼ଙ୍ଗ ଉଦ୍ଧାର ବିଶେଷଜ୍ଞ ଓ ଫରେନ୍ସିକ୍ ବିଶେଷଜ୍ଞଙ୍କୁ ମଧ୍ୟ ପଠାଇଛି। ଫରେନ୍ସିକ୍ ଦଳ ଡିଏନ୍ଏ ବିଶ୍ଳେଷଣ ମାଧ୍ୟମରେ ମୃତଦେହ ଚିହ୍ନଟରେ ସହାୟତା କରୁଛି। ସୁଡ଼ଙ୍ଗରେ ଫସିଥିବା ଜଳବିଦ୍ୟୁତ୍ ପ୍ରକଳ୍ପର କର୍ମଚାରୀଙ୍କ ଉଦ୍ଧାର ପାଇଁ ଭାରତ ୧୧ ଜଣିଆ ବିଶେଷଜ୍ଞ ଦଳ ପଠାଇଛି। ଏଥିରେ ଡାକ୍ତର, ପାରାମେଡିକ୍ସ ଓ ସୁଡ଼ଙ୍ଗ ଇଞ୍ଜିନିୟର ରହିଛନ୍ତି। ଅଗଷ୍ଟ ୨୯ରେ ଦଳ ନୁୱାକୋଟର ତ୍ରିଶୂଳୀ ଅଞ୍ଚଳରେ ପହଞ୍ଚି ସୁଡ଼ଙ୍ଗଗୁଡ଼ିକର ସ୍ଥିତି ଅନୁଧ୍ୟାନ କରିଥିଲା। ପ୍ରାୟ ୯୦୦ ଜଣ ଜଳବିଦ୍ୟୁତ୍ କର୍ମଚାରୀ ନିଖୋଜ ଥିବାବେଳେ ପ୍ରାୟ ୫୦୦ ଜଣ ସୁଡ଼ଙ୍ଗ ଭିତରେ ଫସିଥିବା ଆଶଙ୍କା କରାଯାଉଥିଲା। ଯୋଗାଯୋଗ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଭାରତ ୨୩୦ ଫୁଟ୍ ଲମ୍ବର ଏକ ସିଙ୍ଗଲ୍-ଲେନ୍ ମଡ୍ୟୁଲାର ଷ୍ଟିଲ୍ ବ୍ରିଜ୍ ପାଇଁ ଉପକରଣ ପଠାଇଛି। ୧୬ଟି ଟ୍ରକ୍‌ରେ ଏହି ଉପକରଣ ନେପାଳରେ ପହଞ୍ଚିଥିବା ବେଳେ ଆଉ ୭ଟି ବେଲି ବ୍ରିଜ୍ ପାଇଁ ଉପକରଣ ପଠାଯିବାର ବ୍ୟବସ୍ଥା ହୋଇଛି।ନୁୱାକୋଟର ବିଦୁରସ୍ଥିତ ତ୍ରିଭୁବନ ତ୍ରିଶୂଳୀ ମାଧ୍ୟମିକ ବିଦ୍ୟାଳୟ ବନ୍ୟାରେ ଧ୍ୱଂସ ହୋଇଯାଇଛି। ବନ୍ୟା ପୂର୍ବରୁ ପ୍ରଧାନଶିକ୍ଷକ ରାଜେନ୍ଦ୍ର ଦବାଡି ୧,୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ପଠାଇଥିଲେ। ବିଦ୍ୟାଳୟଟି ୧୯୫୦ ଦଶକରେ ଭାରତୀୟ ସହାୟତାରେ ସ୍ଥାପିତ ହୋଇଥିଲା ଏବଂ ଏହାର ନୂଆ କୋଠା ୨୦୨୨ରେ ଭାରତର ଅନୁଦାନରେ ନିର୍ମିତ ହୋଇଥିଲା। ଏବେ ଏହାର ସମ୍ପୂର୍ଣ୍ଣ ପୁନଃନିର୍ମାଣରେ ଭାରତ ସହାୟତା କରିବ ବୋଲି ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ ଘୋଷଣା କରିଛନ୍ତି। ବିଶେଷ କରି ମଧ୍ୟ ନେପାଳର ରସୁୱା ଓ ନୁୱାକୋଟ୍ ଜିଲ୍ଲାରୁ ପ୍ରାୟ ୬୦୦ ଶିଶୁଙ୍କର କୌଣସି ପତ୍ତା ମିଳୁନାହିଁ। ସରକାରୀ ଆକଳନ ଅନୁଯାୟୀ, ରସୁୱାରେ ପ୍ରାୟ ୨୮୦ ଜଣ ଏବଂ ପଡ଼ୋଶୀ ନୁୱାକୋଟ୍ ଜିଲ୍ଲାରେ ୩୦୦ରୁ ୩୫୦ ଜଣ ସ୍କୁଲ ଛାତ୍ରଛାତ୍ରୀ ନିଖୋଜ ରହିଛନ୍ତି। ନୁୱାକୋଟର ବିଦୁର ପୌରପାଳିକାରୁ ହିଁ କେବଳ ୨୫୦ ଶିଶୁ ନିଖୋଜ ଥିବା ସୂଚନା ମିଳିଛି। ନେପାଳରେ ନିଖୋଜ ଥିବା ବ୍ୟକ୍ତିଙ୍କ ଭାରତରେ ରହୁଥିବା ସମ୍ପର୍କୀୟଙ୍କଠାରୁ ନମୁନା ସଂଗ୍ରହ କରାଯିବ। ଏଥିରେ ବାପା-ମା', ସନ୍ତାନ ଓ ଭାଇ-ଭଉଣୀଙ୍କ ନମୁନା ନିଆଯାଇ ଡିଏନ୍ଏ ପ୍ରୋଫାଇଲ୍ ପ୍ରସ୍ତୁତ କରାଯିବ। ନେପାଳ ବନ୍ୟାରେ ୨୭୫ ଭାରତୀୟ ନାଗରିକ ନିଖୋଜ ଅଛନ୍ତି ବୋଲି ବିଦେଶ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି। ଏକ ବିବୃତି ଜାରି କରି ଜୈସ୍ୱାଲ କହିଛନ୍ତି, ବର୍ତ୍ତମାନ ପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ ୨୭୫ ଭାରତୀୟ ନାଗରିକ ନେପାଳ ବନ୍ୟାରେ ନିଖୋଜ ଅଛନ୍ତି।

## ଗଛକୁ ପିଟିଲା ବସ୍: ଡ୍ରାଇଭର ମୃତ, ୨୫ ଯାତ୍ରୀ ଆହତ

ନୟାଗଡ଼: ଭୁବନେଶ୍ୱରରୁ ନୟାଗଡ଼ ଯାଉଥିବା ଏକ ଯାତ୍ରୀବାହୀ ବସ୍ ବାଉଁଶିଆପଣ୍ଡା ନିକଟରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତ ଚାଳକ ଜଣକ ହେଲେ ଖୋର୍ଦ୍ଧା ପିଚୁକୁଳି ଗ୍ରାମର ନିରଂଜନ ସ୍ୱାଇଁ । ଅନ୍ୟ ଆହତ ଯାତ୍ରୀମାନଙ୍କୁ ନାୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଂକଟାପନ୍ନ ଅଛି । ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ, ବସ୍‌ଟି ଦ୍ରୁତ ଗତିରେ ଯାଉଥିବା ବେଳେ ସ୍ଥାନୀୟ ଇଟାମାଟି ଥାନା ଅନ୍ତର୍ଗତ ବାଉଁଶିଆପଣ୍ଡା ନିକଟରେ ଚାଳକ ଜଣକ ଭାରସାମ୍ୟ ହରାଇ ଏକ ଗଛ ଦେହରେ ପିଟି ଦେଇବାରୁ ଏହି ଦୁର୍ଘଟଣା ଘଟିଥିଲା । ଖବର ପାଇ ସ୍ଥାନୀୟ ପୋଲିସ, ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ ।



# ଗଞ୍ଜେଇ ସହ ଲକ୍ଷ ଲକ୍ଷ ଟଙ୍କା ଜବତ: ୨ ଗିରଫ

ପୁରୀ(ନିପ୍ର): ଐତିହ୍ୟ ନଗରୀରେ ଚାଲିଛି ବେଧଡକ୍ ନିଶା କାରାବର । ଆକ୍ସନ ମୁଡ୍‌ରେ ପୁରୀ ଏସପି । ସହରରେ ପ୍ରଥମଥର ପାଇଁ ୧୮୩ କିଲୋଗ୍ରାମ ଗଞ୍ଜେଇ ସହ ଲକ୍ଷ ଲକ୍ଷ ଟଙ୍କା ଜବତ ହୋଇଛି । ଯାହାକୁ ନେଇ ଅବକାରୀ ବିଭାଗର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଦୁଇଜଣଙ୍କୁ ଗିରଫ କରିଛି ପୁରୀ ପୋଲିସ । ଏସପି କହିଛନ୍ତି ଘଟଣାର ଅଧିକ ତଦନ୍ତ ଚାଲିଛି, ନିଶା ମାଫିଆଙ୍କୁ ନିସ୍ତାର ନାହିଁ । ଆଳୁ ଖୋଳୁଖୋଳୁ ମହାଦେବ ବାହାରିଲା ଭଳି ଭଡାଘରୁ ଗଞ୍ଜେଇ ଜବତ, ନିଜଘରୁ ପୁଳାପୁଳା ଟଙ୍କା ଜବତ ହୋଇଛି । ଏଭଳି ଆଶ୍ଚର୍ଯ୍ୟ କଳାଭଳି ଘଟଣା ପୁରୀରେ ଦେଖିବାକୁ ମିଳିଛି । ଯାହାକୁ ନେଇ ଅବକାରୀ ବିଭାଗର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠିଥିବା ବେଳେ ସକ୍ରିୟ ହୋଇଛନ୍ତି ନିଶା ବେପାରୀ । ପୁରୀ ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ପାଖରେ ଥିବା ଆଇଏମ୍‌ଟି ଫାର୍ମାସୀ କଲେଜ ନିକଟ ଏକ ଭଡାଘରୁ ୧୭୬ଟି ପ୍ୟାକେଟରେ ଏକ କୁଇଣ୍ଟାଲ ୮୩ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଘଟଣାରେ ସମ୍ପୃକ୍ତ



ଥିବା ଦୁଇଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଘରୁ ଜବତ ହୋଇଛି ପୁଳାପୁଳା ଟଙ୍କା ସହ କିଛି ଅଳଙ୍କାର ଓ ଏଟିଏମ୍ କାର୍ଡ । ଦୁଇଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁରୀ ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡା ମହାନ୍ତି ସାହିର କାର୍ତ୍ତିକ ସାମନ୍ତରାୟଙ୍କ (ଚଷମା) ଘରୁ ନଗଦ ଜବତ ହୋଇଛି ପ୍ରାୟ ପାଖାପାଖି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା । ଅନ୍ୟତମ ଅଭିଯୁକ୍ତ ହେଉଛନ୍ତି ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ମୈତ୍ରୀବିହାରର ଦେବେନ୍ଦ୍ର ସାହୁ । ୧୭୬ଟି ପ୍ୟାକେଟ୍ ମଧ୍ୟରେ ଗଞ୍ଜେଇକୁ ଭଲଭାବରେ ସିଲ୍ କରାଯାଇ ରଖାଯାଇଥିବା ବେଳେ ଘଟଣାକୁ ନେଇ ଅଧିକ ତଦନ୍ତ ଚାଲିଥିବା କହିଛନ୍ତି ପୁରୀ ଏସପି ପ୍ରତୀକ୍ ସିଂ । ଅନ୍ୟପଟେ ଅଭିଯୁକ୍ତ କାର୍ତ୍ତିକ ସାମନ୍ତରାୟ ମଧ୍ୟ ପ୍ରତିକ୍ରିୟା ରଖି କହିଛନ୍ତି ସେ ସମ୍ପୂର୍ଣ୍ଣ ନିର୍ଦୋଷ । ତେବେ ଏତେ ପରିମାଣର ଗଞ୍ଜେଇ ପୁରୀ ସହରରୁ ଜବତ ହେବା ପ୍ରଥମ ଘଟଣା ହୋଇଥିବା ବେଳେ ଅବକାରୀ ବିଭାଗର ନିଷ୍କ୍ରିୟତା ଉପରେ ବଡ ପ୍ରଶ୍ନ ସୃଷ୍ଟି ହୋଇଛି । ପର୍ଯ୍ୟଟନ ଓ ଐତିହ୍ୟ ନଗରୀ ପୁରୀକୁ ସଦାସର୍ବଦା ପୋଲିସ ଘେରି ରହିଥିବା ବେଳେ କିଭଳି ପ୍ରଶାସନର ନାକନିଶ ତଳେ ଏତେ ପରିମାଣରେ ଗଞ୍ଜେଇ ଜବତ ହେଲା ତାକୁ ନେଇ ଉଠିଛି ପ୍ରଶ୍ନ । ତେବେ ଏତେ ପରିମାଣର ଗଞ୍ଜେଇ ଆସିଲା କେଉଁଠାରୁ ? ଭଡାଘରୁ ଅପରେଟ୍ ହେଉଥିଲା କି ଗଞ୍ଜେଇ ଚାଲାଣ ? ଗଞ୍ଜେଇ ଚାଲଣର ମାଷ୍ଟରମାଇଣ୍ଡ ବା କିଙ୍ଗପିନ୍ କିଏ ? ଗଞ୍ଜେଇ ଜବତ ଘଟଣାରେ ଏହି ଦୁଇଜଣ ଅଭିଯୁକ୍ତଙ୍କ ସମେତ ଅନ୍ୟ କେହି ସାମିଲ ଅଛି କି ? ଏହାକୁ ନେଇ ଅନେକ ଅସମାହିତ ପ୍ରଶ୍ନ ଉଠିଥିବା ବେଳେ ଅଭିଯୁକ୍ତ କାର୍ତ୍ତିକ ସାମନ୍ତରାୟଙ୍କ ଘର ମଧ୍ୟ ସମ୍ପୂର୍ଣ୍ଣ ସିସିଟିଭି ବଳୟ ମଧ୍ୟରେ ଥିବା ଦେଖିବାକୁ ମିଳିଛି । ସେପଟେ ସହରରେ ପାଟ୍ରୋଲିଂର ଅଭାବକୁ ବୁଦ୍ଧିଜୀବୀମାନେ ଦାୟୀ କରିଥିବା ବେଳେ ନିଶା କାରବାର ଘଟଣାରେ ଅବକାରୀ ବିଭାଗର ପ୍ରୋତ୍ସାହନ ଥିବା ମତ ପ୍ରକାଶ ପାଇଛି । ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ କାର୍ତ୍ତିକ ସାମନ୍ତରାୟଙ୍କ ଆଉ ଏକ ଘର ଯାଞ୍ଚ କରାଯିବ ବୋଲି ଏସପି କହିଛନ୍ତି । ତେବେ କାର୍ତ୍ତିକ ସାମନ୍ତରାୟ ପୂର୍ବରୁ ଗଞ୍ଜେଇ ବେପାର ସହ ସଂଶ୍ଳିଷ୍ଟ ଥିବାବେଳେ ଘଟଣାରେ ଆଉ କେଉଁମାନେ ସାମିଲ ଅଛନ୍ତି ତାହା ତଦନ୍ତ ପରେ ସ୍ପଷ୍ଟ ହେବ ।

## ଗଣେଶ ଭସାଣିକୁ ନେଇ କଡ଼ା ନିୟମ
## ନିୟମ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ

କଟକ(ନିପ୍ର): ଗଣେଶ ପୂଜା ପାଇଁ କମିଶନରେଟ୍ ପୋଲିସର ପ୍ରସ୍ତୁତି ବୈଠକ ସ୍ଥାନୀୟ ଶହୀଦ ଭବନରେ ଅନୁଷ୍ଠିତ ହୋଇଯାଇଛି । ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ପୂଜା ଓ ଭସାଣିକୁ ନେଇ ବିଭିନ୍ନ ଦିଗରେ ଆଲୋଚନା ହୋଇଛି । ସେପ୍ଟେମ୍ବର ୨୦ ଓ ୨୭ ଏବଂ ଅକ୍ଟୋବର ୪ ଓ ୧୧ ତାରିଖରେ ଚାରିଟି ରବିବାର ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ । ଶୋଭାଯାତ୍ରାରେ ୪ଟି ଟ୍ରଲି ଓ ୬ଟି ବକ୍ସ ବଜାଇବାକୁ ଅନୁମତି ମିଳିବ । ଜୋରଜବରଦସ୍ତ ଚାନ୍ଦା ଆଦାୟ ଉପରେ ପୋଲିସ ରଖିବ କଡ଼ା ନଜର । ଏ କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତି ଆପଣାଯିବ ବୋଲି କମିଶନରେଟ୍ ପୋଲିସ ସ୍ପଷ୍ଟ କରିଛି । ନିଶା ଓ ଡିଜେକୁ ବାରଣ କରାଯାଇଥିବା ବେଳେ ନିୟମ ଉଲ୍ଲଂଘନ ନ କରିବାକୁ ପୂଜା କମିଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବିକୃତ ଗଣେଶ ମୂର୍ତ୍ତିକୁ ମଧ୍ୟ ବିରୋଧ କରାଯିବ । ଏଭଳି ମୂର୍ତ୍ତି କଲେ ସମ୍ପୃକ୍ତ ପୂଜା କମିଟିକୁ ଅନୁମତି ନଦେବାକୁ ନିଷ୍ପତ୍ତି ହୋଇଛି । ବୈଠକରେ ପୋଲିସ ଅଧିକାରୀଙ୍କ ସହ ପୂଜା କମିଟି, ଶାନ୍ତି କମିଟି ଓ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

## ଆସିକାରେ ମଇଁଷି ଚାଲାଣ ଅଭିଯୋଗରେ ୨ ଗାଡ଼ି ସହ ୪ ଅଟକ

ଆସିକା(ନିପ୍ର): ଆସିକା ବିଜୁ ପଟ୍ଟନାୟକ ଛକରେ ମଇଁଷି ଚାଲାଣ ଅଭିଯୋଗରେ ଦୁଇଟି ଗାଡ଼ି ସହ ୪ଜଣ ଆସିକା ଥାନାରେ ଅଟକ । ଆଜି ସକାଳୁ ଆସିକା ବିଜୁ ପଟ୍ଟନାୟକ ଛକ ନିକଟରେ ଓଡି ୦୨ ବିଭି ୧୫୧୦ ଓ ଓଆର ୦୭ଏନ ୮୮୭୪ ନମ୍ବର ବିଶିଷ୍ଟ ଦୁଇଟି ଗାଡ଼ିରେ ମଇଁଷି ବୋଝେଇ ହୋଇ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସମୟରେ ହଠାତ ସେଥି



ମଧ୍ୟରୁ ଗୋଟିଏ ଗାଡି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା । ସେହି ସମୟରେ ଗାଡି ମଧ୍ୟରେ ଥିବା ମଇଁଷି ବୋବାଇଥିଲେ । ଫଳରେ ଉକ୍ତ ସ୍ଥାନରେ ଉପସ୍ଥିତ କିଛି ଲୋକ ଗାଡିଗୁଡିକୁ ଅଟକାଇ ସେଥିରେ ମୋଟ ୭ଟି ମଇଁଷି ରହିଥିବା ଦେଖିବାକୁ ପାଇ ଆସିକା ପୋଲିସକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ସହ ସେଥିରେ ବୋଝେଇ ହୋଇଥିବା ମଇଁଷିଗୁଡିକୁ ଜବତ କରିବା ସହ ଆସିକା ପୁଡୁଗେଶ୍ୱରପଲ୍ଲୀ ସ୍ଥିତ ବୁଡ଼ ତୋଟା ନିକଟରେ ଗାଡ଼ିରୁ ମଇଁଷି ଗୁଡିକୁ ଓହ୍ଲାଇଥିଲେ । ଗାଡ଼ି ଚାଳକଙ୍କ କହିବା ମୁତାବକ ଗୋଟିଏ ଗାଡ଼ି ନୟାଗଡ଼ ଏବଂ ଅନ୍ୟଟି କେନ୍ଦୁପଦରରୁ ଆସି କନିଶି ଅଭିମୁଖେ ଯାଉଥିଲା । କିନ୍ତୁ ସେମାନେ ପୋଲିସ ନିକଟରେ କିଛି ବୈଧ କାଗଜପତ୍ର ଦାଖଲ କରିନଥିବା ଜଣାଯାଇଛି । ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଦୁଇଟି ଗାଡ଼ି ସହ ୪ ଜଣଙ୍କୁ ଆସିକା ଥାନାରେ ଅଟକ ରଖିଛି । ପ୍ରକାଶ ଥାଉକି ଗୋ ମାଫିଆମାନେ ନିୟମିତ ଭାବେ ଗଞ୍ଜାମ ସମେତ ପଡୋଶୀ ଜିଲ୍ଲାରୁ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ କେରଳକୁ ଗୋଟିଏ ବଡ଼ ଗୋଚାଲାଣ ରାକେଟ କାମ କରୁଥିବା ଅଭିଯୋଗ ହେଉଛି । ପୋଲିସ ତୁରନ୍ତ ତଦନ୍ତ କରି ବନ୍ଦ କରିବାକୁ ଦାବି ହେଉଛି । ଆସିକା ପୋଲିସ ନିକଟରେ ଲିଖିତ ଅଭିଯୋଗ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମଇଁଷିଗୁଡିକୁ ବୁଡ଼ ତୋଟାରେ ବାନ୍ଧି ରଖାଯାଇଛି । ଭୋକ ଉପାସରେ ମଇଁଷିଗୁଡିକ ବିକଳ ରଡି ଛାଡୁଛନ୍ତି । ମଇଁଷିଗୁଡ଼ିକୁ କେଉଁ ଉଦ୍ଦେଶ୍ୟରେ ନିଆଯାଉଥିଲା ଏବଂ ଚାଲାଣ ସମ୍ପର୍କିତ ନିୟମ ପାଳନ ହୋଇଥିଲା କି ନାହିଁ, ତାହା ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ ।

## ମାଲିକାଣୀଙ୍କୁ ମରଣାନ୍ତକ ଆକ୍ରମଣ କରି ଟ୍ରକ ଲୁଟ୍

ଭୁବନେଶ୍ୱର(ନି.ପ୍ର): ସ୍ୱାମୀଙ୍କ ମୃତ୍ୟୁ ପରେ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟରେ ଜଣେ ମହିଳା ୩ଟି ଟ୍ରକ୍ କିଣିଥିଲେ । ଉକ୍ତ ଟ୍ରକ ଗୁଡିକର ରକ୍ଷାଣବେକ୍ଷଣ ଲାଗି ସେ ନବ କିଶୋର ବେହେରାଙ୍କୁ ନିଯୁକ୍ତି ଦେଇଥିଲେ । କିନ୍ତୁ ନବ ଗାଡି କଥା ବୁଝିବେ କ'ଣ ଓଲଟା ଏଥିରୁ ଉପାର୍ଜିତ ଅର୍ଥକୁ ଆତ୍ମସାତ କରୁଥିଲେ । ଏନେଇ ଅଭିଯୋଗକାରିଣୀ ମହିଳା ଝୁନୁ ରାଉଳ ଜାଣିବା ପରେ ନବଙ୍କୁ ଚାକିରିରୁ ବାହାର କରି ଦେଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ନବ ଗତ ଜୁଲାଇ ୪ ତାରିଖରେ ଝୁନୁଙ୍କ ଘରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ ଓ ଅସଦାଚରଣ କରିବା ସହ ସମସ୍ତ ଟ୍ରକକୁ ଲୁଟି ନେଇଥିଲା । ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ ଅଭିଯୁକ୍ତ ନବକୁ ଗୁରୁବାର ଗିରଫ କରିବାରେ ସଫଳ ହୋଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ସ୍ୱାମୀଙ୍କ ମୃତ୍ୟୁ ପରେ ଅଭିଯୋଗକାରିଣୀ ନିଜ ପରିବାର ପ୍ରତିପୋଷଣ ପାଇଁ ୩ ଟି ଟ୍ରକ୍ କିଣିଥିଲେ ଏବଂ ଅଭିଯୁକ୍ତ ନବ କିଶୋର ବେହେରାକୁ ଡ୍ରାଇଭର ଭାବେ ନିଯୁକ୍ତି ଦେଇଥିଲେ । ମାତ୍ର ଅଭିଯୁକ୍ତ ଜଣକ ଗାଡ଼ି ଭଡ଼ାରୁ ରୋଜଗାର ହେଉଥିବା ଟଙ୍କାକୁ ଠକାମି କରି ହଡ଼ପ କରୁଥିବା ଜାଣିବାକୁ ପାଇ ସେ ତାକୁ କାମରୁ ବାହାର କରିଦେଇଥିଲେ । ଏଥିରେ ଉତକ୍ଷିପ୍ତ ହୋଇ ଗତ ଜୁଲାଇ ୪ ତାରିଖରେ ଅଭିଯୁକ୍ତ ତା'ର ସହଯୋଗୀମାନଙ୍କ ସହ ମିଶି ଅଭିଯୋଗକାରିଣୀଙ୍କ ଘରେ ପଶିଥିଲା । ସେଠାରେ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରପିଟ୍ ଓ ଅସଦାଚରଣ କରିଥିଲେ । ଏପରିକି ଏକ ବନ୍ଧୁକର ଫଟୋ ଦେଖାଇ ଜୀବନରେ ମାରିଦେବାର ଧମକ ଦେଇ ତାଙ୍କର ଟ୍ରକ୍ ଗୁଡ଼ିକୁ ଜୋରଜବରଦସ୍ତ ଲୁଟି ନେଇଯାଇଥିଲେ । ତମାଣ୍ଡୋ ପୋଲିସ ତୁରନ୍ତ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା । ଗୁରୁବାର ରାତିରେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୋଲିସ ଫେରାର ମୁଖ୍ୟ ଅଭିଯୁକ୍ତ ନବ କିଶୋରକୁ କାବୁ କରିବାରେ ସଫଳ ହୋଇଛି । ତା' ନିକଟରୁ ଲୁଟ୍ ହୋଇଥିବା ୨ଟି ଟ୍ରକ୍ ଏବଂ ୨ଟି ମୋବାଇଲ୍ ଫୋନ୍ ଉଦ୍ଧାର କରାଯାଇ ଜବତ କରାଯାଇଛି (ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀଙ୍କ ଅନ୍ୟ ଏକ ଟ୍ରକ୍ ଏକ ଏନଡିପିଏସ୍ ମାମଲାରେ ପୂର୍ବରୁ ଅବକାରୀ ବିଭାଗ ଦ୍ୱାରା ଜବତ ହୋଇଛି) । ଗିରଫ ଅଭିଯୁକ୍ତ ନାମରେ ପୂର୍ବରୁ କଟକ ଏବଂ ନୟାଗଡ଼ରେ ଅପରାଧିକ ମାମଲା ରହିଛି । ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଗିରଫ କରାଯାଇ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି ଏବଂ ଅନ୍ୟ ସହଯୋଗୀମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି ।

## ଏସ୍‌ସିବିରେ ଟଙ୍କା ହେରଫେର ଘଟଣା: ୫ କର୍ମଚାରୀଙ୍କୁ ପଚରାଉଚରା

କଟକ(ନିପ୍ର): ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ୧ କୋଟି ୪୦ ଲକ୍ଷ ଟଙ୍କା ହେରଫେର ଘଟଣାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଡିଟ୍ ଟିମ୍ ଏସ୍‌ସିବି ମେଡିକାଲରେ ପହଞ୍ଚିଛି । ଦୁଇଜଣିଆ ଟିମ୍ ଏସ୍‌ସିବିରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହିତ ପ୍ରଥମେ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ । ଏହାପରେ ୨୦୧୬ରୁ ୨୦୨୬ ଯାଏଁ ୨୦୭ ଥର ହେରଫେର୍ ହୋଇଥିବା ଏଜି ଅଡିଟ୍ ଧରିଥିବା ବେଳେ ଏହାକୁ ଅନୁଧ୍ୟାନ କରିବାକୁ ବିଭାଗର ଅଡିଟ୍ ଟିମ୍ ପ୍ରକ୍ରିୟା ଆରମ୍ଭ କରିଛି । ଏହି ଟଙ୍କା ହେରଫେର୍ ପଛରେ ଡିଡିଓଙ୍କ ସମ୍ପୃକ୍ତିକୁ ନେଇ ସନ୍ଦେହ ବଢୁଥିବା ବେଳେ ଗଲା ୧୦ ବର୍ଷର ସମସ୍ତ ଡିଡିଓଙ୍କ ତାଲିକା ଦେବାକୁ ଏସ୍‌ସିବି ଅଧୀକ୍ଷକଙ୍କୁ ପୁଲିସ ପକ୍ଷରୁ ଚିଠି ଲେଖାଯାଇଛି । ଏସ୍‌ସିବିରେ କର୍ମଚାରୀଙ୍କ ଟଙ୍କା ହଡ଼ପ ଘଟଣାରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ଡାଟା ଏଣ୍ଟ୍ରି ଅପରେଟର୍ (ଡିଇଓ) ଦିନେଶ ରାଉତ ଜେଲ୍ ଯିବା ପରେ ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଅଡିଟ୍ ଟିମ୍ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ଯାଞ୍ଚ ଆରମ୍ଭ କରିଛି । ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ କାମ କରୁଥିବା ପ୍ରାୟ ୧୭ ଶହ କର୍ମଚାରୀଙ୍କ ରେଜିଷ୍ଟର, ବିଲ୍ ରେଜିଷ୍ଟର ଯାଞ୍ଚ କରାଯାଉଛି । ଏହା ସହିତ ଏସସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଓ ଏସ୍‌ସିବିର ଏଡିଏମ ସୁବାସ ରାୟଙ୍କୁ ମଧ୍ୟ ପ୍ରାଥମିକ ଭାବେ ଘଟଣା ସମ୍ପର୍କରେ ପଚରା ଯାଇଛି । ଅନ୍ୟପଟେ ମଙ୍ଗଳାବାଗ ଥାନା ପୁଲିସ ସମାନ୍ତରାଳ ଭାବେ ତଦନ୍ତ ଚଳାଇଛି । ଗିରଫ ଦିନେଶର ନିଯୁକ୍ତି ସଂକ୍ରାନ୍ତ ଦସ୍ତାବିଜ ମଙ୍ଗଳାବାଗ ଥାନା ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ମଗାଯାଇଛି । ଆକାଉଣ୍ଟ ସେକ୍ସନରେ ଦିନେଶ ଏଚ୍‌ଆରଏମ୍‌ଏସ୍ ପୋର୍ଟାଲରେ କର୍ମଚାରୀଙ୍କ ବିଲ୍ ଏଣ୍ଟ୍ରି କରିବା ପରେ ଏହା ଡିଡିଓଙ୍କ ଅନୁମୋଦନ ମିଳିବା ପରେ ଟ୍ରେଜେରିକୁ ଯାଉଥିଲା । ପରେ ବିଲ୍ ହେଉଥିବାରୁ ମଙ୍ଗଳାବାଗ ଥାନା ପୁଲିସ ଅନ୍‌ଲାଇନ୍ ବିଲ୍ ସଂକ୍ରାନ୍ତ କାଗଜପତ୍ର ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ମାଗିଛି । ଜେଏମ୍‌ଏଫ୍‌ସି ସିଟି କୋର୍ଟ ପକ୍ଷରୁ ମଧ୍ୟ ପୁଲିସକୁ ଆର୍ଥିକ ହେରଫେର୍ ସଂକ୍ରାନ୍ତ ଦସ୍ତାବିଜ ମଗାଯାଇଛି । ଯେହେତୁ ଏସ୍‌ସିବି କର୍ତ୍ତୃପକ୍ଷ ପୁଲିସକୁ ଦସ୍ତାବିଜ ଦେଇନାହାନ୍ତି, ତେଣୁ ପୁଲିସ କୋର୍ଟ ନିକଟରେ ଦାଖଲ କରିପାରିନାହିଁ । ମଙ୍ଗଳାବାଗ ଥାନା ପୁଲିସ ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଆକାଉଣ୍ଟ ସେକ୍ସନରେ ୫ ଜଣଙ୍କୁ ଜେରା କରିଛି । ଏଥିରେ ଜଣେ କ୍ୟାସିୟର ଅଛନ୍ତି । ବର୍ତ୍ତମାନର ଡିଡିଓ ଭାବେ ଜଣେ ଡାକ୍ତର ଅସ୍ଥାୟୀ ଭାବେ ଦାୟିତ୍ୱରେ ଅଛନ୍ତି । ତେଣୁ ତାଙ୍କର ଏହି ଘଟଣା ସହିତ କୌଣସି ସମ୍ପର୍କ ନଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ପୂର୍ବ ଡିଡିଓଙ୍କ ସହିତ ଦିନେଶର ସମ୍ପର୍କ ଥିବା ସନ୍ଦେହ ହେଉଥିବାରୁ ସେମାନଙ୍କ ତାଲିକା ମିଳିଲେ ପୁଲିସ ପୃଥକ ଭାବେ ଜେରା କରିବାକୁ ଯୋଜନା କରୁଛି ।

## ଇସ୍କନ ମନ୍ଦିରରୁ ସୁନା ଚେନ୍ ଲୁଟ୍: ସିଆରପି ଛକରୁ ୨ ଲୁଟେରା ମହିଳା ଗିରଫ

ଭୁବନେଶ୍ୱର(ନି.ପ୍ର): ଜନ୍ମାଷ୍ଟମୀକୁ ଦୃଷ୍ଟିରେ ରଖି ନୟାପଲ୍ଲୀ ଥାନା ଅନ୍ତର୍ଗତ ଇସ୍କନ ମନ୍ଦିରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ଏହାର ସୁଯୋଗ ନେଇ ଅଭିଯୋଗକାରୀ ଅକ୍ଷୟ କୁମାର ସାଥୁଆଙ୍କ ଝିଅ ପିନ୍ଧିଥିବା ସୁନା ଚେନକୁ ୨ ଜଣ ମହିଳା ମନ୍ଦିର ପରିସରରୁ ଲୁଟ୍ କରି ନେଇଥିଲେ । ଏନେଇ ଅକ୍ଷୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମନ୍ଦିର ପରିସରରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଲୁଟ୍‌ରେ ଦୁଇଜଣ ମହିଳାଙ୍କ ସମ୍ପୃକ୍ତି ଥିବା ଜାଣିବା ପରେ ସିଆରପି ଛକରେ ଚଢଉ କରି ଦୁଇଜଣଙ୍କୁ ଗିରଫ କରିଛି । ତଦନ୍ତରୁ ଜଣାପଡ଼ିଛି ଯେ, ଶୁକ୍ରବାର ଦିନ ପ୍ରାୟ ୧୨ଟା ସମୟରେ ଅଭିଯୋଗକାରୀ ଏବଂ ତାଙ୍କ ଝିଅ ଇସ୍କନ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ । ପ୍ରବଳ ଭିଡ଼ର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ତାଙ୍କ ଝିଅ ବେକରୁ ଏକ ସୁନା ଚେନ୍ ଓ ଲକେଟ୍ ଝାମ୍ପି ନେଇଥିଲେ । ମନ୍ଦିର ପରିସରରେ ବହୁ ଖୋଜାଖୋଜି ପରେ ମଧ୍ୟ କିଛି ନମିଳିବାରୁ ସେ ପୋଲିସରେ ଅଭିଯୋଗ କରିଥିଲେ । ନୟାପଲ୍ଲୀ ପୋଲିସ ତୁରନ୍ତ ଘଟଣାର ତଦନ୍ତ କରିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା । ଏହି ସମୟରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା ଯେ, ସିଆରପି ଛକ ନିକଟରେ ୨ ଜଣ ମହିଳା ଚୋରା ସୁନା ଅଳଙ୍କାର ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି । ଖବର ପାଇ ପୋଲିସର ଏକ ଟିମ୍ ଦିନ ପ୍ରାୟ ୧୨ଟା୩୦ରେ ସେଠାରେ ଚଢ଼ଉ କରି ଉକ୍ତ ଦୁଇ ମହିଳାଙ୍କୁ କାବୁ କରିବାରେ ସଫଳ ହୋଇଥିଲା ।

## ଆଠଗଡ଼ ବନଖଣ୍ଡରୁ ବଜ୍ରକାପ୍ତା ଉଦ୍ଧାର

ଆଠଗଡ଼(ନିପ୍ର): ଆଠଗଡ଼ ବନଖଣ୍ଡ ପକ୍ଷରୁ ବନଖଣ୍ଡର କର୍ମଚାରୀମାନେ ତିଗିରିଆ ସେକ୍ସନ ଅନ୍ତର୍ଗତ ପାଇକିଆରା ଗ୍ରାମରୁ ଏକ ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ । ଏହାପରେ ଉକ୍ତ ପ୍ରାଣୀକୁ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ପରୀକ୍ଷା କଲାପରେ ସୁସ୍ଥ ଥିବା ଜଣାପଡ଼ିବା ପରେ ନିକଟସ୍ଥ ଉପଯୁକ୍ତ ଜଙ୍ଗଲ ଆବାସ ସ୍ଥଳୀରେ ସୁରକ୍ଷିତ ଭାବରେ ଛାଡ଼ି ଦିଆଯାଇଥିଲା । ବନଖଣ୍ଡ ପକ୍ଷରୁ ସାଧାରଣ ଜନତାଙ୍କୁ ଅନୁରୋଧ କରାଯାଇଛି ଯେ କୌଣସି ବନ୍ୟପ୍ରାଣୀ ଜନବସତି କିମ୍ବା ଅନ୍ୟ କୌଣସି ସ୍ଥାନରେ ଦେଖାଗଲେ ତୁରନ୍ତ ନିକଟସ୍ଥ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦିଅନ୍ତୁ ଓ ଉଦ୍ଧାର କାର୍ଯ୍ୟରେ ବନ ବିଭାଗ ସହ ସହଯୋଗ କରନ୍ତୁ ।

## ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗର ୫ ଗିରଫ
### ନିଶାଣରେ ଥିଲା ଜନଗହଳିପୂର୍ଣ୍ଣ ସ୍ଥାନ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର ସହରାଞ୍ଚଳରେ ଥିବା 'ଆମ ବସ୍' ଏବଂ ଜନଗହଳିପୂର୍ଣ୍ଣ ସ୍ଥାନରୁ କ୍ରମାଗତ ଭାବେ ମୋବାଇଲ୍ ଚୋରି କରୁଥିବା ଏକ ଆନ୍ତଃରାଜ୍ୟ ମହିଳା ଲୁଟେରା ଗ୍ୟାଙ୍ଗର ପର୍ଦ୍ଦାଫାଶ କରି ନୟାପଲ୍ଲୀ ପୋଲିସ ୫ ଜଣ ମହିଳାଙ୍କୁ ଗିରଫ କରିବାରେ ସଫଳ ହୋଇଛି । ତଦନ୍ତରୁ ଜଣାପଡ଼ିଛି ଯେ, ମହାରାଷ୍ଟ୍ର, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଆସିଥିବା ଏହି ପେସାଦାର ଲୁଟେରାମାନେ 'ଆମ ବସ୍' ଏବଂ ମାର୍କେଟରେ କୃତ୍ରିମ ଭିଡ଼ ସୃଷ୍ଟି କରୁଥିଲେ । ଯାତ୍ରୀମାନେ ଅସାବଧାନ ଥିବା ବେଳେ ସେମାନେ ଅତି ଚତୁରତାର ସହ ମହିଳାଙ୍କ ଭ୍ୟାନିଟି ବ୍ୟାଗ୍ ଓ ଲୋକଙ୍କ ପକେଟରୁ ଦାମୀ ମୋବାଇଲ୍ ଓ ଟଙ୍କା ଲୁଟି ନେଉଥିଲେ ଏବଂ ଅନ୍ୟ ରାଜ୍ୟରେ ଥିବା ନିଜ ଦଲାଲମାନଙ୍କ ଜରିଆରେ ବିକ୍ରି କରୁଥିଲେ । ଶୁକ୍ରବାର ସକାଳ ପ୍ରାୟ ୯ଟା୧୫ରେ ଜୟଦେବ ବିହାର ବସ୍ ଷ୍ଟପେଜ୍ ନିକଟରେ ୫ ଜଣ ହିନ୍ଦୀଭାଷୀ ମହିଳା ସନ୍ଦିଗ୍ଧ ଅବସ୍ଥାରେ ଠିଆ ହୋଇ ଲୁଟ୍ ମୋବାଇଲ୍ ବିକ୍ରି କରିବାକୁ ଉଦ୍ୟମ କରୁଥିବା ନେଇ ପୋଲିସକୁ ଗୁଇନ୍ଦା ଖବର ମିଳିଥିଲା । ନୟାପଲ୍ଲୀ ପୋଲିସର ଏକ ଟିମ୍ ମହିଳା ଷ୍ଟାଫଙ୍କ ସହ ତୁରନ୍ତ ସେଠାରେ ଚଢ଼ଉ କରି ଉକ୍ତ ୫ ଜଣ ମହାରାଷ୍ଟ୍ରର ଗୋନ୍ଦିଆ ଅଞ୍ଚଳର ମହିଳାଙ୍କୁ କାବୁ କରିଥିଲା । ସେମାନେ ବର୍ତ୍ତମାନ କଟକ ଜଗତପୁର ଅଞ୍ଚଳରେ ରହୁଥିଲେ । ଗିରଫ ମହିଳାଲୁଟେରାମାନେ ହେଲେ ହଲକା ବ୍ରିରାଜ ସେଣ୍ଡେ (୪୦),ଗୀତା କାମ୍ବଲେ (୫୦),ରସିକା ଶର୍ମା ଦୁନାଡି (୪୫),ବିଦ୍ୟା ଗୋବିନ୍ଦ ସେଣ୍ଡେ (୩୫)ଓ ସାରିକା ସୁରେସା ଶର୍ମା କାମ୍ବଲେ (୫୨) ବୋଲି ଜଣାପଡିଛି । ଯାଞ୍ଚ ବେଳେ ସେମାନଙ୍କ ନିକଟରେ ଥିବା ଦୁଇଟି କପଡ଼ା ବ୍ୟାଗରୁ ବିଭିନ୍ନ ନାମୀଦାମୀ କମ୍ପାନୀର ମୋଟ ୧୦ଟି ଚୋରା ଆଣ୍ଡ୍ରଏଡ୍ ମୋବାଇଲ୍ ଉଦ୍ଧାର କରାଯାଇ ଜବତ କରାଯାଇଛି । ପଚରାଉଚରା ବେଳେ ସେମାନେ ନିଜର ଦୋଷ ସ୍ୱୀକାର କରିଛନ୍ତି । ସଂଗୃହୀତ ପ୍ରମାଣ ଆଧାରରେ ସମସ୍ତ ଅଭିଯୁକ୍ତାଙ୍କୁ ଶୁକ୍ରବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।


**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଧର୍ମଗଡ଼**
**ଜି-କଳାହାଣ୍ଡି**

ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣମାନଙ୍କୁ ସ୍ୱାୟତ୍ତ ଶାସନ ଦିବସ - ୨୦୨୬ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**

- ପରିଷଦ ଅଞ୍ଚଳରେ ନୂତନ ବାସଗୃହ କିମ୍ବା ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ନକ୍ସା ଅନୁମୋଦନ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତୁ ।
- ସର୍ବସାଧାରଣଙ୍କ ରାସ୍ତା ଉପରେ ବାଲି, ମାଟି ଏବଂ ଗୃହ ନିର୍ମାଣ ସାମଗ୍ରୀ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ପରିଷଦ ମଧ୍ୟରେ ଥିବା ଜାତୀୟ ରାଜପଥ ଓ ପରିଷଦ ରାସ୍ତା ଉପରେ ଯାନବାହନ ରଖି ସର୍ବସାଧାରଣ ଲୋକମାନଙ୍କ ଗମନାଗମନରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
- ଜାତୀୟ ରାଜପଥ ଉପରେ ଠେଲା, ଅସ୍ଥାୟୀ ଦୋକାନ ଓ ପସରା ମେଲେଇ ବ୍ୟବସାୟ କରନ୍ତୁ ନାହିଁ, ଦୁର୍ଘଟଣା ହେବାର ସମ୍ଭାବନାକୁ ଏଡାନ୍ତୁ ।
- ଗୃହ ନିର୍ମାଣ କାର୍ଯ୍ୟ ସମାପନ ପରେ ଗୃହ ନିର୍ମାଣ ସାମଗ୍ରୀ ଉଠେଇ ନିଅନ୍ତୁ ଓ ରାସ୍ତା ଘାଟକୁ ଅବରୋଧମୁକ୍ତ କରନ୍ତୁ ଏବଂ ପରିଷଦ ଗୃହ ତିଆରି ସଂପୂର୍ଣ୍ଣ ପ୍ରମାଣପତ୍ର ପ୍ରଦାନ କରନ୍ତୁ ।

**ଶ୍ରୀମତୀ ମନୀଷା ମିଶ୍ର**
ଉପାଧ୍ୟକ୍ଷା,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼

**ଶ୍ରୀଯୁକ୍ତ ଅଶୋକ କୁମାର ମହାନ୍ତି**
ଅଧ୍ୟକ୍ଷ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଧର୍ମଗଡ଼


## ଦୁର୍ଦ୍ଦାନ୍ତ ଅପରାଧୀ ଲୋକେଶକୁ ଏନକାଉଣ୍ଟର

ଖଇରା : ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଡ଼ା ଛକ ନିକଟରେ ଦୁର୍ଦ୍ଦାନ୍ତ ଅପରାଧୀ ଲୋକେଶକୁ ଏନକାଉଣ୍ଟର କରିଛି ପୁଲିସ । ଗତକାଲି ବିଳମ୍ବିତ ରାତିରେ ରାଣୀତାଲ-କୁପାରୀ ରୋଡରେ ପୁଲିସ ଓ ଦୁର୍ବୃତ୍ତଙ୍କ ମଧ୍ୟରେ ହୋଇଥିଲା ଗୁଳି ବିନିମୟ । ସୂଚନା ଅନୁସାରେ, ଦୁଇ ଜଣ ଦୁର୍ବୃତ୍ତ ରାସ୍ତାରେ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲା । ପୁଲିସକୁ ଦେଖି ସେମାନେ ପ୍ରଥମେ ଗୁଳି ଚଳାଇଥିବା ଜଣାପଡ଼ିଛି । ପାଲଟା ଜବାବରେ ପୁଲିସ ମଧ୍ୟ ଗୁଳି ଚଳାଇଥିଲା । ଗୁଳି ବିନିମୟରେ ଦୁର୍ଦ୍ଦାନ୍ତ ଅପରାଧୀ ଲୋକେଶ ଗୋଡରେ ଗୁଳି ବାଜିଛି । ଆହତ ଲୋକେଶଙ୍କୁ ଭଦ୍ରକ ମେଡିକାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରୁ ଅନ୍ୟ ଜଣେ ଫେରାର ହୋଇଯାଇଛି । ଫେରାର ଅପରାଧୀକୁ ଧରିବା ପାଇଁ ପୁଲିସ ପକ୍ଷରୁ ତଲାସି ଜାରି ରହିଛି । ଘଟଣାସ୍ଥଳରେ ପୁଲିସ ମୁତୟନ ଥିବା ବେଳେ ଏନକାଉଣ୍ଟର ଘଟଣାକୁ ନେଇ ତଦନ୍ତ ଚାଲିଛି ।

## ଜମି ଦେବା ନାଁରେ ୨୬ ଲକ୍ଷ ଠକେଇ: ଠକ ଗିରଫ

ଭୁବନେଶ୍ୱର(ନି.ପ୍ର): ଜମି ଦେବା ନାଁରେ ୨୬ ଲକ୍ଷ ୩୭ ହଜାର ଟଙ୍କା ଠକେଇ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ଶୁକ୍ରବାର ଜଣେ ଠକକୁ ଗିରଫ କରିଛି । ଗିରଫ ଠକର ନାମ ବସନ୍ତ କୁମାର ମହାରଣା ବୋଲି ଜଣାପଡିଛି । ଏନେଇ ଟିକିନା ସ୍ୱାଇଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରିଣୀ ଏବଂ ତାଙ୍କ ସ୍ୱାମୀ ୟୁନିଟ୍-୬ ଅଞ୍ଚଳରେ ଏକ ପାନ ଦୋକାନ କରନ୍ତି । ଅଭିଯୁକ୍ତ ବସନ୍ତ କୁମାର ମହାରଣା ନିଜକୁ ଜଣେ ରିଅଲ୍ ଏଷ୍ଟେଟ୍ ଏଜେଣ୍ଟ ଭାବେ ପରିଚୟ ଦେଇ ଦୋକାନକୁ ଯିବାଆସିବା କରି ସେମାନଙ୍କ ସହ ବିଶ୍ୱାସ ଜନ୍ମାଇଥିଲା । ପରେ ସେ ସେମାନଙ୍କୁ ଖଣ୍ଡଗିରି ଗଙ୍ଗନଗର ଅଞ୍ଚଳରେ ୩୦ ଲକ୍ଷ ଟଙ୍କାର ଏକ ପ୍ଲଟ୍ ଯୋଗାଇଦେବାର ପ୍ରତିଶ୍ରୁତି ଦେଇଥିଲା । ଏହି ବିଶ୍ୱାସରେ ଅଭିଯୋଗକାରିଣୀ ଓ ତାଙ୍କ ସ୍ୱାମୀ ବିଗତ ୫ ବର୍ଷ ମଧ୍ୟରେ ଅଭିଯୁକ୍ତକୁ ନଗଦ ଆକାରରେ, ଗୁଗୁଲ୍ ପେ ଏବଂ ଫୋନ୍ ପେ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨୬ ଲକ୍ଷ ୩୭ ହଜାର ୫ଶହ ଟଙ୍କା ପ୍ରଦାନ କରିଥିଲେ । ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଅଭିଯୁକ୍ତ କୌଣସି ଜମି ଦେଇନଥିଲା କିମ୍ବା ଟଙ୍କା ଫେରାଇନଥିଲା । ଟଙ୍କା ମାଗିବାରୁ ସେ ଓଲଟା ଗାଳିଗୁଲଜ କରି ଧମକଚମକ ଦେଉଥିଲା । କ୍ୟାପିଟାଲ୍ ପୋଲିସ ବ୍ୟାଙ୍କ ଟ୍ରାଞ୍ଜାକସନ୍ ଏବଂ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିବା ପରେ ଠକେଇର ପ୍ରମାଣ ପାଇଥିଲା । ସଂଗୃହୀତ ପ୍ରମାଣ ଆଧାରରେ ପୋଲିସ ଜଗମରା ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରୁ ଶୁକ୍ରବାର ଫେରାର ଅଭିଯୁକ୍ତକୁ ଗିରଫ କରିଛି ଏବଂ ତାକୁ କୋର୍ଟ ଚାଲାଣ କରାଯାଇଛି ।


**ପବିତ୍ର ନିଖିଳ ଭାରତ 'ସ୍ୱାୟତ୍ତ ଶାସନ ଦିବସ-୨୦୨୬' ଅବସରରେ**
**ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା**
**ବ୍ୟାସନଗର ପୌର ପରିଷଦ, ବ୍ୟାସନଗର**

**ପୌରବାସୀଙ୍କୁ ନିବେଦନ -**

୧. 'ମୋ ଅଳିଆ ମୋ ଦାୟିତ୍ୱ' ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ ।
୨. ହୋଟେଲ ଓ ବହୁତଳ ପ୍ରାସାଦଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା: ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ ।
୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ୍ ଲାଇସେନ୍ସ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ ।
୭. ବାହ୍ୟ ଶୌଚରୁ ନିବୃତ୍ତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ା ସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ ।
୧୦. ଘରୋଇ ପାଇଖାନାଗୁଡ଼ିକର ଆବର୍ଜନା ପାଣି ଡ୍ରେନ୍‌କୁ ଛାଡ଼ନ୍ତୁ ନାହିଁ ।

**ଶ୍ରୀଯୁକ୍ତ ରଣଜିତ କୁମାର ମଲ୍ଲିକ (ଓ.ପ୍ର.ସେ)**
ନିର୍ବାହୀ ଅଧିକାରୀ
ବ୍ୟାସନଗର ପୌର ପରିଷଦ

**ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ**
ବ୍ୟାସନଗର ପୌର ପରିଷଦ

**ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ**
ଅଧ୍ୟକ୍ଷ
ବ୍ୟାସନଗର ପୌର ପରିଷଦ



ଜନ୍ମାଷ୍ଟମୀ ଅବସରରେ ଭୀମଟାଙ୍ଗୀ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ ପିଲାମାନଙ୍କ ଦ୍ୱାରା ଜନ୍ମାଷ୍ଟମୀ ଉତ୍ସବ ପାଳିତ (ଫଟୋ- ଦିନଲିପି)

# ଧରାବତରଣ କଲେ ପ୍ରଭୁ ଶ୍ରୀକୃଷ୍ଣ



**ପୁରୀ, ୪/୯(ନିପ୍ର):** ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି ବା ଜନ୍ମାଷ୍ଟମୀ । ଏହି ତିଥିରେ ଧରାବତଣ କରିଛନ୍ତି ପ୍ରଭୁ ଶ୍ରୀକୃଷ୍ଣ । ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଛି। ଦର୍ଶନ ସଂଧ୍ୟା ୭ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ବନ୍ଦ ରହିଛି ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ଶେଷ ହେବାପରେ ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଅନୁଷ୍ଠିତ ହୋଇଛି। ଗତକାଲି ପ୍ରସବ ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଯେଉଡ ଭୋଗ ସହ ଗର୍ଭଉଦକ ବନ୍ଦାପନା କରାଯାଇଥିଲା। ଆଜି ମହାଜନ ସେବକଙ୍କ ଦ୍ୱାରା ଶ୍ରୀକୃଷ୍ଣ ଜନ୍ମନୀତି ଅନୁଷ୍ଠିତ ହୋଇଛି। ଦେବକୀ ଓ ବସୁଦେବ ବେଶରେ ଜନ୍ମ ଚକଡାରେ ନିଶାର୍ଦ୍ଧରେ ପ୍ରଭୁ କୃଷ୍ଣ ଜନ୍ମ ନେଇଛନ୍ତି । ଅନ୍ୟପକ୍ଷରେ ଶ୍ରୀମନ୍ଦିର ସହ ଜଡିତ ବିଭିନ୍ନ ମଠବାଡି ମାନଙ୍କରେ ରାତିରେ ଶ୍ରୀକୃଷ୍ଣ ଜନ୍ମନୀତି ଅନୁଷ୍ଠିତ ହୋଇଛି। ଶ୍ରୀକୃଷ୍ଣଙ୍କ ଜନ୍ମନୀତି ଆରମ୍ଭ ହୋଇ କଂସ ବଧ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଲୀଳା ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ। ସନ୍ଧ୍ୟାଧୂପ ସରିବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଭଣ୍ଡାର ଘର ସମ୍ମୁଖ ଭାଗରେ ପୂଜାପଣ୍ଡା ସେବାୟତମାନେ ପଞ୍ଚବର୍ଣ୍ଣ ମୁରୁଜରେ ଜନ୍ମମଣ୍ଡଳୀ ଅଙ୍କନ କରିଥିଲେ । ସେଠାରେ ସୁନାର କୃଷ୍ଣ ମୂର୍ତ୍ତି ରଖାଯାଇ ଦକ୍ଷିଣ ଘରୁ ମଦନମୋହନଙ୍କୁ ଅଣାଯାଇଥିଲା। ଦୁଇଜଣ ମହାଜନ ସେବକ ଦେବକୀ ଓ ବସୁଦେବ ଚରିତ୍ର ହୋଇ ଏହି ଜନ୍ମନୀତି ପାଳନ କରିଛନ୍ତି । ପରେ ମଦନମୋହନଙ୍କୁ ନାଭିକଟାମଣ୍ଡପକୁ ନିଆଯାଇ କୃଷ୍ଣଜନ୍ମଠାରୁ ଉପନୟନ ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହୋଇଛି। ସେହିପରି ଜଗମୋହନ ନିକଟରେ ଏକ ଦୋଳିରେ ମଦନମୋହନଙ୍କୁ ରଖାଯାଇ ଶ୍ରୀକୃଷ୍ଣ ଜନ୍ମନୀତି ଶେଷ କରାଯାଇଛି।

# ଆଧୁନିକ ଏଲଏଚବି କୋଚ୍ ସହ ଚାଲିବ ପୁରୀ-ପାଟଣା ଏକ୍ସପ୍ରେସ୍



ଭୁବନେଶ୍ୱର,୪/୯(ନିପ୍ର): ଯାତ୍ରୀମାନଙ୍କ ସୁରକ୍ଷା, ଆରାମ ଏବଂ ଯାତ୍ରା ଅନୁଭୂତିକୁ ଆହୁରି ଉନ୍ନତ କରିବା ପାଇଁ ପୂର୍ବତଟ ରେଳପଥ ପୁରୀ-ପାଟଣା-ପୁରୀ ଏକ୍ସପ୍ରେସ୍ ରେ ଆଧୁନିକ ଏଲଏଚବି କୋଚ ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛି। ଟ୍ରେନ ନମ୍ବର ୧୮୪୦୫/୧୮୪୦୬ ପୁରୀ-ପାଟଣା ଜଙ୍କସନ୍-ପୁରୀ ଏକ୍ସପ୍ରେସ୍ ଆଧୁନିକ ଏଲ ଏଚ ବି କୋଚ୍ ସଂଯୋଜନ ସହ ୫ ସେପ୍ଟେମ୍ବରଠାରୁ ପୁରୀରୁ ଏବଂ ୬ ସେପ୍ଟେମ୍ବର ଠାରୁ ପାଟନାରୁ ଚଳାଚଳ କରିବ। ଉନ୍ନତ କୋଚ ସଂଯୋଜନରେ ଗୋଟିଏ ଲଗେଜ୍-କମ୍-ଜେନେରେଟର- କମ୍-ବ୍ରେକ୍ ଭ୍ୟାନ୍, ଗୋଟିଏ ଲଗେଜ୍-କମ୍-ଦିବ୍ୟାଙ୍ଗ-ଅନୁକୂଳ କୋଚ, ଚାରିଟି ସାଧାରଣ ଶ୍ରେଣୀ କୋଚ, ଆଠଟି ସ୍ଲିପର କ୍ଲାସ କୋଚ, ତିନୋଟି ଥାର୍ଡ ଏସି କୋଚ ଏବଂ ଗୋଟିଏ ସେକେଣ୍ଡ ଏସି କୋଚ ରହିବ। ଆଧୁନିକ ଏଲଏଚବି କୋଚର ପ୍ରଚଳନ ପୂର୍ବତଟ ରେଳପଥ ପକ୍ଷରୁ ଟ୍ରେନ ସେବାର ଆଧୁନିକୀକରଣ ଏବଂ ଯାତ୍ରୀମାନଙ୍କୁ ଅଧିକ ସୁରକ୍ଷିତ, ଆରାମଦାୟକ ଓ ଉନ୍ନତ ଯାତ୍ରା ଅନୁଭୂତି ପ୍ରଦାନ ଦିଗରେ ଜାରି ରହିଥିବା ପ୍ରୟାସର ଏକ ଅଂଶ।

# ଆମ୍ବୁଲାନ୍ସ ଧକ୍କାରେ ଶିକ୍ଷକଙ୍କ ମୃତ୍ୟୁ

**ମାଲକାନଗିରି,୪/୯(ନିପ୍ର):** ବିଏଲଓ କାର୍ଯ୍ୟ ସାରି ଘରକୁ ଫେରୁଥିବା ବେଳେ ଆମ୍ବୁଲାନ୍ସ ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକ ହେଲେ ସାଲିମି ପଂଚାୟତ ନୂଆଗୁଡ଼ା ଗ୍ରାମର ହନୁରାମ ନାୟକ (୫୭)। ସୂଚନାନୁସାରେ, ଶ୍ରୀ ନାୟକ ବିଏଲଓ କାର୍ଯ୍ୟ ପାଇଁ ବିଜାପଦର ଗ୍ରାମକୁ ଯାଇଥିଲେ। କାର୍ଯ୍ୟ ସାରି ସ୍କୁଟିରେ ଘରକୁ ଫେରୁଥିବା ସମୟରେ ସାଲିମି-କିଆଙ୍ଗ ମଧ୍ୟରେ ଏକ ଦ୍ରୁତଗତି ଆମ୍ବୁଲାନ୍ସ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁର୍ଘଟଣା ପରେ ଆମ୍ବୁଲାନ୍ସ ଚାଳକ ନିଜେ ଥାନାରେ ଆତ୍ମସମର୍ପଣ କରିଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଶିକ୍ଷକ ହନୁରାମ ନାୟକଙ୍କ ଅକାଳ ବିୟୋଗରେ ଅଂଚଳ ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି। ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପରିବାରକୁ ଆର୍ôଥକ ସହାୟତା ପ୍ରଦାନ କରାଯାଇଛି।

# ଏୟାର ଇଣ୍ଡିଆ ଫୁକେତ-ଦିଲ୍ଲୀ ଉଡ଼ାଣର ମୁଖ୍ୟ ପାଇଲଟଙ୍କୁ କଲା ବରଖାସ୍ତ




ମୁମ୍ବାଇ, ୪।୯: ଟାଟାର ନେତୃତ୍ୱାଧୀନ ଏୟାରଲାଇନ୍ ଏୟାର ଇଣ୍ଡିଆ ଶୁକ୍ରବାର ଫୁକେତ-ଦିଲ୍ଲୀ ଫ୍ଲାଇଟର ପାଇଲଟ-ଇନ-କମାଣ୍ଡଙ୍କ ସେବା ସମାପ୍ତ କରିଛି, ଯିଏ ଡ୍ରଗ୍ସ ବ୍ୟବହାର ପରୀକ୍ଷାରେ ପଜିଟିଭ୍ ମିଳିଥିଲେ।ଏୟାର ଇଣ୍ଡିଆ ଆଜି ଏକ ବିବୃତିରେ କହିଛି ଯେ ତଦନ୍ତରେ ମାଦକ ପଦାର୍ଥ ସେବନ ନିଶ୍ଚିତ ହେବା ପରେ ଫୁକେତ-ଦିଲ୍ଲୀ ଉଡ଼ାଣର ମୁଖ୍ୟ ପାଇଲଟଙ୍କ ସେବା ସମାପ୍ତ କରାଯାଇଛି। ବିମାନ କମ୍ପାନୀ ପକ୍ଷରୁ ଏହି ଘୋଷଣା ଫୁକେତ ଫ୍ଲାଇଟ୍ ଘଟଣାର ତଦନ୍ତ କରୁଥିବା ଏଜେନ୍ସି ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ପ୍ରାରମ୍ଭିକ ରିପୋର୍ଟ ଆସିବାର କିଛି ଘଂଟା ପରେ କରାଯାଇଛି।ଏଏଆଇବିର ଏହି ରିପୋର୍ଟରେ କୁହାଯାଇଛି ଯେ ପାଇଲଟଙ୍କ ଦ୍ୱାରା ମାଦକ ପଦାର୍ଥ ସେବନ ଏକ ଗମ୍ଭୀର ଚିନ୍ତାର ବିଷୟ ଏବଂ ଏହା ବିମାନ ନିୟାମକ ନାଗରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲା।ଏଏଆଇବି ଏହି ମାମଲାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ଆଜି ଜାରି କରିଛି। ଏହି ବିମାନ ଘଟଣାରେ ୨୦ ଜଣ ଯାତ୍ରୀ ଏବଂ ଚାରିଜଣ କ୍ରୁ ସଦସ୍ୟ ଆହତ ହୋଇଥିଲେ।

# କୋଇଲା ଡମ୍ପିଂ ୟାର୍ଡରେ ନିଆଁ, ବ୍ୟାପକ କୋଇଲା ନଷ୍ଟ

ସମ୍ବଲପୁର, ୪/୯(ନିପ୍ର): ରେଙ୍ଗାଲି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଏନ୍ଏଲଟି କମ୍ପାନୀର ତଲାବିର ଅଞ୍ଚଳରେ ଥିବା ୨ ଓ ୩ ଓସିପି କୋଇଲା ଡମ୍ପିଂ ୟାର୍ଡରେ ନିଆଁ ଲାଗି ରହିଛି। ନିଆଁ ଯୋଗୁଁ କୋଟିକୋଟି ଟଙ୍କା ମୂଲ୍ୟର କୋଇଲା ପୋଡ଼ି ନଷ୍ଟ ହେଉଥିବା ସୂଚନା ମିଳିଛି। ଏପରିକି ଗୋଦାମରେ ମହଜୁଦ କୋଇଲା ବାଟମାରଣା ନେଇ ଗତ କିଛି ମାସ ତଳୁ ଅଭିଯୋଗ ପରେ ଅଭିଯୋଗ ମୁଣ୍ଡ ଟେକୁଥିବା ବେଳେ ହଠାତ୍ ଆଜିର ଘଟଣା ଏନ୍ଏସିଏଲର କିଛି ଭିନ୍ନ ଦୁର୍ନୀତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରାଇଛି । ଅଗ୍ନିକାଣ୍ଡର ସୁରାକ୍ ମିଳିବା ପରେ ଘଟଣାସ୍ଥଳରେ କମ୍ପାନୀର ଅଗ୍ନିଶମ ବିଭାଗ ପକ୍ଷରୁ ନିଆଁ ଲିଭାଇବା କାର୍ଯ୍ୟ ଜାରି ରହିଛି। ଗତ ୩ ଦିନ ଧରି ଏହି ଡମ୍ପିଂ ୟାର୍ଡରେ ନିଆଁ ଲାଗିଥିବା ଜଣାପଡ଼ିଛି।

# ଡିଜିଟାଲ ଆରେଷ୍ଟ ସିଣ୍ଡିକେଟ୍ ବିରୋଧରେ ୨୦ ରାଜ୍ୟରେ ଚଢ଼ାଉ କଲା ସିବିଆଇ

ନୂଆଦିଲ୍ଲୀ, ୪/୯(ନିପ୍ର): ଡିଜିଟାଲ ଆରେଷ୍ଟ ବିପଦ ପଛରେ ଥିବା ସିଣ୍ଡିକେଟ୍ ବିରୋଧରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋର(ସିବିଆଇ) ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଛି । ବିଭିନ୍ନ ରାଜ୍ୟ ସହ ଜଡ଼ିତ ଅନେକ ମାମଲାରେ ଏଜେନ୍ସି ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିମଧ୍ୟରୁ ତିନୋଟି ମାମଲାରେ, ସି.ବି.ଆଇ. ଦେଶର ୨୦ଟି ରାଜ୍ୟର ୮୯ଟି ସ୍ଥାନରେ ବ୍ୟାପକ ଏବଂ ସମନ୍ୱିତ ଅନୁସନ୍ଧାନ କରିଥିଲା। ସମଗ୍ର ଅପରେସନରେ ତିନି ଜଣଙ୍କୁ ଗିରଫ କରାଯାଇଛି। ଏହି ୩ଟି ମାମଲା ମଧ୍ୟରୁ ଗୋଟିଏ ମାମଲା ବିଆଇଟିଏସ୍ ପିଲାନି ସହ ଜଡ଼ିତ। ଏଥିରେ ପୀଡ଼ିତାଙ୍କୁ ୩ ମାସ ପାଇଁ ଡିଜିଟାଲ୍ ଗିରଫରେ ରଖାଯାଇଥିଲା ଏବଂ ପୋଲିସ୍ ଅଧିକାରୀ ଭାବରେ ଛଦ୍ମ ସ୍କାମରମାନେ ୭.୬୭ କୋଟି ଟଙ୍କା ଠକିଥିଲେ। ଅନ୍ୟ ଏକ ମାମଲାରେ, ସ୍କାମରମାନେ ପୀଡ଼ିତାଙ୍କୁ ଗୁଜରାଟ ରାଜ୍ୟରେ ୩ ମାସ ପାଇଁ ଡିଜିଟାଲ୍ ଗିରଫ କରିଥିଲେ ଏବଂ ପୋଲିସ୍ ଅଧିକାରୀ ଭାବରେ ପରିଚୟ ଦେଇ ୧୯.୨୪ କୋଟି ଟଙ୍କା ଠକିଥିଲେ। ତୃତୀୟ ମାମଲା କର୍ଣ୍ଣାଟକ ରାଜ୍ୟ ସହ ଜଡ଼ିତ, ଯେଉଁଥିରେ ପୀଡ଼ିତାଙ୍କୁ ଏକ ମାସ ପାଇଁ ଡିଜିଟାଲ୍ ଗିରଫ କରାଯାଇଥିଲା ଏବଂ ୧୫.୪୫ କୋଟି ଟଙ୍କା ଠକେଇ କରାଯାଇଥିଲା। ସି.ବି.ଆଇ. କହିଛି ଯେ ଅପରେସନ ସମୟରେ, ଜାଲିଆତି କରି ମିଳିଥିବା ଅର୍ଥର ସନ୍ଧାନ କରିବା, ସିଣ୍ଡିକେଟ୍ ପଛରେ ଥିବା ହିତାଧିକାରୀ ଏବଂ ପରିଚାଳକମାନଙ୍କୁ ଚିହ୍ନଟ କରିବା ଏବଂ ପ୍ରମାଣ ନଷ୍ଟ ହେବା ପୂର୍ବରୁ ସେମାନଙ୍କୁ ଜବତ କରିବା ପାଇଁ ଏକକାଳୀନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏହି ଅପରେସନରେ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିଲେ। ଅନୁସନ୍ଧାନ ସମୟରେ ଅନୁସନ୍ଧାନରୁ ଠକେଇ ହୋଇଥିବା ଟଙ୍କା ଗ୍ରହଣ, ସ୍ତର(ରୁଟିଙ୍ଗ) ଏବଂ ଫରୱାର୍ଡ଼ କରିବାରେ ସେମାନଙ୍କର ନିର୍ଦ୍ଦିଷ୍ଟ ଏବଂ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରକାଶ ପାଇଥିଲା।

# ମାଆକୁ ଗଳାକାଟି ହତ୍ୟା !

ବାରିପଦା,୪।୯: ମୟୂରଭଞ୍ଜ ଜିଲ୍ଲାରେ ଜଣେ ୧୯ ବର୍ଷୀୟ ଯୁବକ ତାଙ୍କ ମାଆକୁ ଗଳାକାଟି ହତ୍ୟା କରିଥିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।ଗତକାଲି ରାତିରେ ବାରିପଦା ସଦର ପୋଲିସ ସୀମା ଅନ୍ତର୍ଗତ ବରଜପୁର ଗାଁରେ ଏହି ଘଟଣା ଘଟିଛି। ମୃତକଙ୍କୁ ଗ୍ରାମର ଶ୍ରୀମତୀ ସିଂହ ବୋଲି ଚିହ୍ନଟ କରାଯାଇଛି। ପୋଲିସ ଅଭିଯୁକ୍ତ କୁନିଆ ସିଂହଙ୍କୁ ଗିରଫ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ପୋଲିସ ଅନୁଯାୟୀ, ଶ୍ରୀମତୀଙ୍କ ସ୍ୱାମୀ ପୂର୍ବରୁ ମୃତ୍ୟୁବରଣ କରିଥିଲେ ଏବଂ ଦମ୍ପତିଙ୍କ ଚାରି ପୁଅ ଏବଂ ଦୁଇଟି ଝିଅ ଥିଲେ। ସେ କିଛି ବର୍ଷ ପୂର୍ବରୁ ତାଙ୍କର ଦୁଇ ଝିଅଙ୍କୁ ବିବାହ କରିଥିଲେ।ଶ୍ରୀମତୀ ଏବଂ ତାଙ୍କର ଚାରି ପୁଅ ଚେନ୍ନାଇରେ କାମ କରୁଥିଲେ। ସମ୍ପ୍ରତି, ସେ ଏବଂ ତାଙ୍କର ଦ୍ୱିତୀୟ ପୁଅ କୁନିଆ ସେମାନଙ୍କ ଜନ୍ମସ୍ଥାନକୁ ଫେରିଥିଲେ।ଗୁରୁବାର ରାତିରେ, କୌଣସି ପ୍ରସଙ୍ଗକୁ ନେଇ ମା' ଏବଂ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କରୁ କ୍ରୋଧିତ କୁନିଆ ତାଙ୍କ ମାଆକୁ ସେମାନଙ୍କ ଘର ଭିତରେ ଗଳାକାଟି ହତ୍ୟା କରିଥିବା ଅଭିଯୋଗ ହୋଇଛି।

# ଏନକାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ

ବଡଗାମ, ୪/୯: ବଡଗାମ ଜିଲ୍ଲାର ଅଶଦର ଗଲି ଅଂଚଳରେ ଭାରତୀୟ ସେନା, ଜାମ୍ମୁ କାଶ୍ମୀର ପୋଲିସ ଏବଂ ସିଆରପିଏଫ୍ ଦ୍ୱାରା ମିଳିତ ସର୍ଚ୍ଚ ଅପରେସନରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ଯୁଦ୍ଧ ଭଳି ଷ୍ଟୋର୍ ସହିତ ଏକ ଏ. କେ. ରାଇଫଲ୍ ଉଦ୍ଧାର କରାଯାଇଛି। ଆତଙ୍କବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ପାଇବା ପରେ ଗୁରୁବାର ସନ୍ଧ୍ୟାରେ ମିଳିତ ସୁରକ୍ଷା ବାହିନୀ ଏକ କର୍ଡନ୍ ଏବଂ ସର୍ଚ୍ଚ ଅପରେସନ୍ (ସିଏଏସଓ) ଆରମ୍ଭ କରିଥିଲେ, ଯାହା ପରେ ଗୁଳି ଶବ୍ଦ ଶୁଣିବାକୁ ମିଳିଥିଲା। ପରେ ରାତି ପାଇଁ ଅପରେସନକୁ ସ୍ଥଗିତ ରଖାଯାଇଥିଲା ଏବଂ ଶୁକ୍ରବାର ସକାଳେ ପୁଣି ଆରମ୍ଭ ହୋଇଥିଲା। ସନ୍ଦିଗ୍ଧ ଅଂଚଳ ଚାରିପାଖରେ ସୁରକ୍ଷା ବାହିନୀ କଡ଼ା କର୍ଡନ୍ ଏବଂ ସର୍ଚ୍ଚ ଅପରେସନ ଜାରି ରଖିଥିଲେ। ଅପରେସନରେ ସହାୟତା କରିବା ପାଇଁ ଅତିରିକ୍ତ ସୁରକ୍ଷା କର୍ମୀଙ୍କୁ ମଧ୍ୟ ଉକ୍ତ ଅଂଚଳକୁ ପଠାଯାଇଥିଲା। ଗୁଇନ୍ଦା ସୂଚନା ଆଧାରରେ ସେନା, ପୋଲିସ ଏବଂ ସି. ଆର.ପି. ଏଫ୍. ପକ୍ଷରୁ ବୁଡଗ୍ରାମ ଅଶ୍ ଦର୍ ଗଲି ଅଂଚଳରେ ଏକ ମିଳିତ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଥିଲା।

# ଚାକିରି କରାଇଦେବା ନାଁରେ ଠକେଇ: ୪ ଅଭିଯୁକ୍ତ ଗିରଫ

ଛତ୍ରପୁର,୪।୯(ନିପ୍ର): ଚାକିରି କରାଇଦେବା ନାଁରେ ଯୁବକଯୁବତୀଙ୍କୁ ଠକେଇ ଅଭିଯୋଗରେ ଗଂଜାମ ଜିଲ୍ଲା ଛତ୍ରପୁର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ବ୍ଲକ ପାଇକଯମୁନା ଗ୍ରାମର ଦୀପା ବେହେରା, ନାରାୟଣ ସେଠୀ, ପୁରୁଣାଗ୍ରାମର ବିଷ୍ଣୁପ୍ରିୟା ବେହେରା ଓ ଅଗସ୍ତିନୂଆଗାଁର ସୁନିତା ଦାସ। ସୂଚନାନୁସାରେ, ଗତକାଲି ଛତ୍ରପୁରର ଏକ ଘରୋଇ କଲ୍ୟାଣ ମଣ୍ଡପରେ ବିଭିନ୍ନ ବ୍ଲକ ଓ ତହସିଲରେ ପିଅନ, ଆକାଉଣ୍ଟାଣ୍ଟ ଆଦି ପଦବୀରେ ଚାକିରି ଦେବା ନାଁରେ ନକଲି ଇଣ୍ଟରଭ୍ୟୁ ଚାଲିଥିଲା। ଇଣ୍ଟରଭ୍ୟୁ ସମୟରେ ଆଶାୟୀ ପ୍ରାର୍ଥୀଙ୍କୁ ଅଧିକ ଟଙ୍କା ଦାବି କରାଯିବାରୁ ସନ୍ଦେହ ଉପୁଜିଥିଲା। ଏନେଇ କିଛି ଆଶାୟୀ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କିଛି ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତମାନେ ଗତ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଛତ୍ରପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକ-ଯୁବତୀଙ୍କୁ ଚାକିରି ଦେବା ନାଁରେ ଠକେଇ କରୁଥିଲେ ବୋଲି କୁହାଯାଇଛି।

# ଦିଲ୍ଲୀରେ ଝଡ଼ବର୍ଷା: ବିମାନ ଚଳାଚଳ ବାଧାପ୍ରାପ୍ତ



ନୂଆଦିଲ୍ଲୀ,୪।୯: ଶୁକ୍ରବାର ରାଜଧାନୀ ଦିଲ୍ଲୀରେ ଝଡ଼ବର୍ଷା ଏବଂ ପ୍ରବଳ ବର୍ଷା ଯୋଗୁଁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ, ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦର ରେ ଅତି କମରେ ନଅଟି ବିମାନକୁ ସ୍ଥାନାନ୍ତରିତ କରାଯାଇଥିଲା ଏବଂ ୪୦୦ ରୁ ଅଧିକର ଉଡାଣ ବିଳମ୍ବ ହୋଇଥିଲା।ଜୟପୁର ବିମାନବନ୍ଦର ସୂତ୍ରରୁ ପ୍ରକାଶ ଯେ ପ୍ରତିକୂଳ ପାଗ ଯୋଗୁଁ ଦିଲ୍ଲୀ ଅଭିମୁଖେ ଆସୁଥିବା ପାଞ୍ଚଟି ବିମାନକୁ ଜୟପୁରକୁ ସ୍ଥାନାନ୍ତରିତ କରାଯାଇଥିଲା।ପାଗ ପରିଚାଳନା ବାଧାପ୍ରାପ୍ତ ହୋଇଥିବାରୁ ଅନେକ ଏୟାରଲାଇନ୍ସ ମଧ୍ୟ ଯାତ୍ରା ପରାମର୍ଶ ଜାରି କରିଥିଲେ। ଇଣ୍ଡିଗୋ କହିଛି ଯେ ଦିଲ୍ଲୀରେ ପ୍ରତିକୂଳ ପାଗ ବିମାନ ଚଳାଚଳ ସମୟସୀମାକୁ ପ୍ରଭାବିତ କରିଛି ।

# ମଙ୍ଗଳା ମନ୍ଦିରରେ ଜନ୍ମାଷ୍ଟମୀ ନୀତି

କାକଟପୁର, ୪/୯(ନିପ୍ର): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ପୀଠରେ ପବିତ୍ର ଜନ୍ମାଷ୍ଟମୀ ନୀତି ପାରମ୍ପରିକ ରୀତିନୀତି ଅନୁଯାୟୀ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସର ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଥିଲା। ଜନ୍ମାଷ୍ଟମୀ ଅବସରରେ ରାତ୍ରି ପ୍ରାୟ ୪ ଘଟିକା ସମୟରୁ ମା'ଙ୍କ ସ୍ନାନମାର୍ଜନା ଓ ବିଭିନ୍ନ ବେଶ ଅନୁଷ୍ଠିତ ହୋଇଥିଲା। ଏହାପରେ ସର୍ବସାଧାରଣ ଭକ୍ତଙ୍କ ଦର୍ଶନ ପାଇଁ ପହୁଡ଼ ଖୋଲାଯାଇଥିଲା। ଦିବାନୀତି ସମାପ୍ତ ହେବା ପରେ ରାତ୍ରିଧୂପ ଅନୁଷ୍ଠିତ ହୋଇଥିଲା। ରାତ୍ରିଧୂପ ପରେ ପତିତପାବନ ମନ୍ଦିରରେ ଚତୁର୍ଭୁଜ ନାରାୟଣ ବିଜେ କରିଥିଲେ। ଏହାପରେ ବନ୍ଦାପନା, ବହିବୋଲା ନୀତି ଓ ଆଳତି ଅନୁଷ୍ଠିତ ହୋଇଥିଲା। ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତିରେ ପାଳିଆ ସେବକଙ୍କ ପକ୍ଷରୁ ରାଜା ଉଗ୍ରସେନଙ୍କ ବେଶ ଧାରଣ କରାଯାଇ ଶ୍ରୀକୃଷ୍ଣଙ୍କ ସହ ଭେଟ କରାଯାଇଥିଲା। ଏହି ଅବସରରେ ଶ୍ରୀକୃଷ୍ଣଙ୍କ ଚତୁର୍ଦ୍ଧାମୂର୍ତ୍ତି ନାରାୟଣଙ୍କ ଦର୍ଶନ, ବସୁଦେବଙ୍କ ଦ୍ୱାରା ଉଗ୍ରସେନଙ୍କୁ ଶାଢ଼ି ବାନ୍ଧି ରାଜାର ମାନ୍ୟତା ପ୍ରଦାନ ଆଦି ପୌରାଣିକ ଘଟଣାକୁ ନେଇ ସେବକମାନଙ୍କ ପକ୍ଷରୁ ନାଟକୀୟ ନୀତି ଅବତାରଣା କରାଯାଇଥିଲା। ପରେ ଶ୍ରୀକୃଷ୍ଣଙ୍କୁ ପୁନଃ ବନ୍ଦାପନା ଓ ନୈବେଦ୍ୟ ଅର୍ପଣ କରାଯାଇଥିଲା। ନୀତି ସମାପ୍ତ ପରେ ଠାକୁରଙ୍କୁ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା। ଜନ୍ମାଷ୍ଟମୀ ଅବସରରେ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ମଧ୍ୟରେ ରାଶିଲଡୁ ଭୋଗ ବଣ୍ଟନ କରାଯାଇଥିଲା। ମଙ୍ଗଳା ମନ୍ଦିରରେ ଏହି ସ୍ୱତନ୍ତ୍ର ଜନ୍ମାଷ୍ଟମୀ ନୀତି ଓ ପରମ୍ପରା କାହିଁ କେଉଁ କାଳରୁ ଚଳିଆସୁଥିବା ବେଳେ ପ୍ରତିବର୍ଷ ଏହାକୁ ଶ୍ରଦ୍ଧା ଓ ଭକ୍ତିର ସହ ପାଳନ କରାଯାଉଛି, ପ୍ରଭୁ ଶ୍ରୀ କୃଷ୍ଣ, ଯମୁନା ନଦୀ, ବସୁଦେବ, ରାଜା ଉଗ୍ରେସେନ ଙ୍କ ଚରିତ୍ର ଗୁଡିକ ର ନିଖୁଣ ଅଭିନୟ ଦେଖିବାକୁ ମନ୍ଦିରରେ ପ୍ରବଳ ଜନ ସାମଗନ ହୋଇଥାଏ, ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଥାଏ,



# ଭାରତର ପ୍ରଥମ ରାଜ୍ୟ-ମାଲିକାନା ସୁରକ୍ଷା ଆପ୍‌ର ଶୁଭାରମ୍ଭ



ଭୁବନେଶ୍ୱର, ୪।୯(ନିପ୍ର):ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଯାତ୍ରୀ ସୁରକ୍ଷା ଆପ୍'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାରେ ସୁରକ୍ଷିତ, ସ୍ମାର୍ଟ ଏବଂନାଗରିକ-କୈନ୍ଦ୍ରିକ ସହରୀ ଯାତାୟାତ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ରମହାପାତ୍ର ଏବଂ ଓଡ଼ିଶା ଯାତ୍ରୀର ବ୍ରାଣ୍ଡ ଆମ୍ବାସାଡର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିବା ଏହି ସୁରକ୍ଷା ପଦକ୍ଷେପ, ଓଡ଼ିଶା ଯାତ୍ରୀ ପ୍ଲାଟଫର୍ମ ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ଜରୁରୀକାଳୀନ ପ୍ରତିକ୍ରିୟା ସୁବିଧା ଯୋଗାଇଦେଉଛି।ସାଧାରଣତଃ ଅଧିକାଂଶ ସୁରକ୍ଷା ଫିଚର ପାଇଁ ବ୍ୟବହାରକାରୀଙ୍କୁ ଏସଓଏସବଟନ୍ ଖୋଜିବାକୁ ପଡ଼ିଥାଏ, ଫୋନ୍ ଅନଲକ୍ କରିବିଭିନ୍ନ ସ୍କ୍ରିନ୍ ମାଧ୍ୟମରେ ଯିବାକୁ ପଡ଼ିଥାଏ। କିନ୍ତୁ ଓଡ଼ିଶା ଯାତ୍ରୀ ଏକ ଭିନ୍ନ ଓ ସହଜ ପଦ୍ଧତି ଆପଣେଇଛି। 'ଶେକ୍ ଆଣ୍ଡ୍ ଆଲର୍ଟ' ସୁବିଧା ମାଧ୍ୟମରେ, ବ୍ୟବହାରକାରୀମାନେ କେବଳ ସେମାନଙ୍କ ଫୋନକୁ ହଲେଇ ଜରୁରୀକାଳୀନ ଆଲର୍ଟ ପଠାଇପାରିବେ—ଯାହାଦ୍ୱାରା ଭୟଭୀତ ଥିବା ସମୟରେ କିମ୍ବା ଆପ୍‌କୁ ବ୍ୟବହାର କରିବାରେ ଅସମର୍ଥ ହେଲେ ମଧ୍ୟ ସେମାନେ ତୁରନ୍ତ ସହାୟତା ପାଇପାରିବେ।ଏହି ଆପ୍ରେ ୱାନ୍-କ୍ଲିକ୍ ସୁବିଧା ମଧ୍ୟରହିଛି, ଯାହା ମାଧ୍ୟମରେ ଯାତ୍ରୀମାନେ ତୁରନ୍ତ ଜରୁରୀକାଳୀନ ନମ୍ବର ୧୧୨ କୁ କଲ୍ କରିପାରିବେ।

# ମାଟି କାନ୍ଥ ଭୁଶୁଡ଼ି ସ୍ୱାମୀ ମୃତ

କେନ୍ଦ୍ରାପଡ଼ା,୪।୯(ନିପ୍ର) ତୁଳସୀପୁର ଗାଁର ହୃଷିକେଶ ଜେନା ଏବଂ ତାଙ୍କ ପତ୍ନୀ ରେଣୁବାଳା ଜେନା ଘର ଭିତରେ ଶୋଇଥିବା ସମୟରେ ହଠାତ୍ ମାଟି କାନ୍ଥଟି ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଯାଇଥିଲା। ଏଥିରେ ହୃଷିକେଷଙ୍କ ମୃତ୍ୟୁ ଘଟିଛି।

## AFFIDAVIT

By virtue of an affidavit sworn before Notary Public, Aska, dated 03/09/2026, No- 3635 I, Goutama Mohanty, S/o Dutikrishna Mohanty permanent resident of Village - Niral, Post- Debabhumi, PS- Aska, Dist- Ganjam – 761115 declare that I have changed my name from Gotam Bhai to Goutama Mohanty. Henceforth, I shall be known as Goutama Mohanty for all purposes.

**Sd/-Goutama Mohanty**

## AFFIDAVIT

By virtue of an affidavit sworn before The Notary Public , Champua,affidavit no.3426 dtd.03.09.2026, I Gurubari Munda W/o Ramjiban Munda of At/ Po-Rajia, Ps-Champua, Dist-Keonjhar , Pin-758047 do hereby declare that I have changed my name from Gorbari Munda (Old Name)to Gurubari Munda (New Name).Henceforth, I shall be known as Gurubari Munda for all purposes. **Sd/-Gurubari Munda.**

10001/513/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭେକ୍ଟର ବାହିତ ରୋଗ ପ୍ରତିରୋଧ ସମ୍ପର୍କରେ
କେତେକ ଜାଣିବା କଥା

ବର୍ଷା ଋତୁରେ ମଶା ବଂଶ ବୃଦ୍ଧି ପାଇବା ଏବଂ ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନୀ ଜ୍ୱର ଭଳି ରୋଗ ବ୍ୟାପିବାର ଆଶଙ୍କା ଅଧିକ ଅଛି। ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନଲିଖିତ ସାବଧାନତା ଅବଲମ୍ବନ କରନ୍ତୁ।

- ଘର ପାଖ ପରିବେଶ ସଫା-ସୁତୁରା ରଖନ୍ତୁ
- ଘର ପାଖରେ ଜମୁଥିବା ପାଣିକୁ ସପ୍ତାହରେ ଅନ୍ତତଃ ଥରେ ନିଷ୍କାସନ କରିଦିଅନ୍ତୁ
- ଘରେ କିମ୍ବା ଘର ପାଖରେ ଥିବା ଫୁଲ କୁଣ୍ଡ, ପାଣି ଟାଙ୍କି, କୁଲର ଏବଂ ଫ୍ରିଜ୍‌ର ପଛପଟେ ଥିବା ଡିଫ୍ରଷ୍ଟ ୱାଟର ଚ୍ୟାମ୍ବର ଆଦିକୁ ସପ୍ତାହକୁ ଥରେ ପାଣି ବାହାର କରି ପରିଷ୍କାର କରନ୍ତୁ
- ଘର ପାଖରେ ଥିବା ଭଙ୍ଗା ଡବା, ବୋତଲ, ପୁରୁଣା/ ଛିଣ୍ଡା ଟାୟାର, କଟା ପଇଡ଼, ନଡ଼ିଆ ଷଢ଼େଇ, କୋଢୁଆ, ବାଉଁଶ ଗଛର କଟା ଯାଇଥିବା ମୂଳ ଅଂଶ ଆଦି ସବୁକୁ ନଷ୍ଟ କରିଦିଅନ୍ତୁ
- ମ୍ୟାଲେରିଆ ପ୍ରବଣ ଅଞ୍ଚଳରେ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ଔଷଧ ଉପଚାରିତ ମଶାରି ବ୍ୟବହାର କରନ୍ତୁ
- ଦିନ ହେଉ ବା ରାତି, ଶୋଇବା ବେଳେ ମଶାରି ନିଶ୍ଚୟ ବ୍ୟବହାର କରନ୍ତୁ, ମଶା ଦାଉରୁ ସୁରକ୍ଷିତ ରହିବା ପାଇଁ ଘରର ଝରକାରେ ସରୁ ଜାଲି ଲଗାନ୍ତୁ
- ଶରୀରକୁ ପୁରା ଘୋଡ଼ାଇଲା ଭଳି ପୋଷାକ ପିନ୍ଧନ୍ତୁ
- ଆବଶ୍ୟକ ସ୍ଥଳେ ମଶା ନିବାରକ ବ୍ୟବହାର କରନ୍ତୁ
- ଜ୍ୱର, କମ୍ପ, ଆଣ୍ଠୁ-ଗଣ୍ଠି, ଆଖି ଓ ମାଂସପେଶୀରେ ଯନ୍ତ୍ରଣା ହେଲେ ତୁରନ୍ତ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରି ଚିକିତ୍ସା କରାନ୍ତୁ

ଉପଯୁକ୍ତ ସଚେତନତା ସହିତ ସମୟୋଚିତ ପଦକ୍ଷେପ ସୁସ୍ଥ ଜୀବନର ମୂଳମନ୍ତ୍ର

ରାଜ୍ୟ ସ୍ୱାସ୍ଥ୍ୟସେବା ହେଲ୍ପଲାଇନ୍: ୧୦୪

OIPR 10001/10003/2/26-27/0048

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ